R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୫
ତିଥି: ଦ୍ୱିତୀୟା
୩୦ ଅଗଷ୍ଟ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 325
30 August 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ରାଜ୍ୟ ସ୍ତରୀୟ ଡିଜିପି ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ୧୦ ମାର୍ଗଦର୍ଶନ

## ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ଶୂନ୍ୟ ସହନଶୀଳତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ରାଜ୍ୟ ପୋଲିସ ଭବନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ପୋଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେବା ସହିତ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ସୂଚନାଯୋଗ୍ୟ ଯେ, ବିଭାଗ ପକ୍ଷରୁ ଉପସ୍ଥାପିତ ପ୍ରତ୍ୟେକ ପ୍ରସ୍ତାବ ଓ ଦିଗକୁ ଗୁରୁତ୍ୱର ସହ ନେବା ସହିତ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଓ ସମ୍ମିଳନୀ ମାଧ୍ୟମରେ ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସେମାନଙ୍କ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୧୦ଟି ମୁଖ୍ୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା- ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା (୯ ପୃଷ୍ଠାରେ)

- ସ୍ମାର୍ଟ ପୋଲିସିଂର ବ୍ଲୁପ୍ରିଣ୍ଟ ଉପସ୍ଥାପନ
- ଦାଦାବଟି, ଜୋର ଜବରଦସ୍ତ ଚାନ୍ଦାକୁ ବିରୋଧ
- ନିଶା କାରବାରର ମୂଳ ସିଣ୍ଡିକେଟ୍‌କୁ ଧ୍ୱଂସ କର

## ନେପାଳ ବନ୍ୟା : ମୃତ୍ୟୁ ସଂଖ୍ୟା ୬୭୫କୁ ବୃଦ୍ଧି

ନୂଆଦିଲ୍ଲୀ, ୨୯ ।୮ : ନେପାଳ-ତିବ୍ବତ ସୀମାରେ ଆସିଥିବା ବିଧ୍ୱସ୍ତକାରୀ ବନ୍ୟାରେ ୬୭୫ ଜଣଙ୍କର ବର୍ତ୍ତମାନସୁଦ୍ଧା ମୃତ୍ୟୁ ହୋଇଛି । ତେବେ ଚୀନ୍ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି ଯେ ତିବ୍ବତ ପଟରୁ ୭ ଜଣଙ୍କୁ ଉଦ୍ଧାର କରାଯାଇଛି । ଏବେସୁଦ୍ଧା ନେପାଳ ଉଦ୍ଧାରକାରୀ ଦଳ ଅଟକି ରହିଥିବା ୩ ହଜାର ଲୋକଙ୍କୁ ଉଦ୍ଧାର କରିଛନ୍ତି । ଯେଉଁଥିରେ ୧୬୩ ବିଦେଶୀ ନାଗରିକ ଅଛନ୍ତି । ରିଲିଫ ଓ ଉଦ୍ଧାର କାର୍ଯ୍ୟ ଆଜକୁ ୪ ଦିନରେ ପହଞ୍ଚିଛି ।

ନେପାଳ ପାଣିପାଗ ବିଭାଗ ପକ୍ଷରୁ ପୁଣି ବର୍ଷା ଓ ଘୂର୍ଣ୍ଣିଝଡ଼ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ହେବ ବୋଲି ଚେତାବନୀ ଦିଆଯାଇଛି । ଫଳରେ ଚାଲିଥିବା ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ବାଧା ସୃଷ୍ଟି ହେବ । ଚୀନ୍ କର୍ତ୍ତୃପକ୍ଷ କହିଛନ୍ତି ଯେ ଯେଉଁ ନୂଆ ହ୍ରଦଟି ସୃଷ୍ଟି ହୋଇଛି ତାହା ଆଗକୁ ବିପଦ ଆଣିପାରେ । ଉପଗ୍ରହ ଚିତ୍ରରେ ଏହି ହ୍ରଦରେ ଥିବା




ଜଳକୁ ସ୍ପଷ୍ଟ ଭାବେ ଦେଖାଯାଉଛି । ନେପାଳର ସେନା ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନସୁଦ୍ଧା ୨୪୬୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଯେଉଁଥିରେ ୧୧୩ ଭାରତୀୟ, ୨୬ ଚୀନ୍ ନାଗରିକ, ୧୫ ଦକ୍ଷିଣକୋରିଆ ନାଗରିକ, ୪ ଜର୍ମାନୀ, ଇଟାଲୀ ଓ ଆମେରିକାର ୨ ଜଣ ଲେଖାଏଁ ଅଛନ୍ତି । ସେହିଭଳି ବିଭିନ୍ନ ଜଳ ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୧୯୧ ଶ୍ରମିକଙ୍କୁ ବିଭିନ୍ନ ଟନେଲରୁ ଉଦ୍ଧାର କରାଯାଉଛି । ନେପାଳର ଯେଉଁ କ୍ଷୟକ୍ଷତି ହେଉଛି ଏହାର ପୁନର୍ଗଠନ ପାଇଁ ୪ ବିଲିୟନ୍‌ରୁ ୫ ବିଲିୟନ୍ ଡଲାର ଆବଶ୍ୟକତା ରହିଛି ବୋଲି ନେପାଳ ଅର୍ଥମନ୍ତ୍ରୀ କହିଛନ୍ତି । ଏହା ଏକ ପ୍ରାରମ୍ଭିକ ଆକଳନ । ତେବେ (୯ ପୃଷ୍ଠାରେ)

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ନୂତନ ନିର୍ଦ୍ଦେଶକଙ୍କ ଯୋଗଦାନ



ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଲାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ । ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ । ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ ।

ସୂଚନାଯୋଗ୍ୟ ଯେ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ । ଓଡ଼ିଶା ରାଜ୍ୟ ପରିବହନ ନିଗମ, କ୍ରୁଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

### ୨୦୨୫ ବର୍ଷ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା, ସାହସିକତା ପୁରସ୍କାର

## ପଡ଼ିଆରୁ ପୋଡ଼ିୟମ୍ ଓଡ଼ିଶାର ହେବ କାୟାକଳ୍ପ



ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ରାଜ୍ୟ ସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ସାହସୀ ବ୍ୟକ୍ତିବିଶେଷଙ୍କୁ ମର୍ଯ୍ୟାଦାଜନକ 'ବିଜୁ ପଟ୍ଟନାୟକ କ୍ରୀଡ଼ା ଏବଂ ସାହସିକତା ପୁରସ୍କାର' ପ୍ରଦାନ କରିଛନ୍ତି।

ହକି'ର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ପବିତ୍ର ଜୟନ୍ତୀରେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀଙ୍କୁ ଜାତୀୟ କ୍ରୀଡ଼ା ଦିବସର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ମେଜର ଧ୍ୟାନଚାନ୍ଦଙ୍କ ଉକ୍ତି 'ଦେଶ ମୋ ପାଇଁ କଣ କରିଛି, ତାହା ବଡ଼ କଥା ନୁହେଁ, ମୁଁ ଦେଶ ପାଇଁ କଣ କରିଛି, ତାହା ମହତ୍ୱପୂର୍ଣ୍ଣ'ର ମହାମନ୍ତ୍ରକୁ ରାଜ୍ୟର ପ୍ରତ୍ୟେକ ଯୁବକ ଯୁବତୀ ନିଜ ଦୈନନ୍ଦିନ (୯ ପୃଷ୍ଠାରେ)

- କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷ ଲାଗି 'ସମୟ'ର ଶକ୍ତି ପ୍ରକାଶ ନନ୍ଦ ପୁରସ୍କୃତ
- ଓଡ଼ିଶାକୁ ବିଶ୍ୱର କ୍ରୀଡ଼ା ରାଜଧାନୀ ଲାଗି ଜାରି ରହିବ ଉଦ୍ୟମ
- ପ୍ରଣତି ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର
- ସୌମ୍ୟରଞ୍ଜନଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର
- ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍ ପୁରସ୍କୃତ

## ଦନ୍ତ ଚିକିତ୍ସକଙ୍କ ଲାଗି ମାସିକ ୨୦ ହଜାର ଟଙ୍କା ପ୍ରୋତ୍ସାହନ

ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଣ୍ଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି ।

ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କୁ ପ୍ରତିମାସ ୨୦,୦୦୦ ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଜାରି ନୋଟିଫିକେସନ୍‌ରେ କୁହାଯାଇଛି ଯେ, ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ, ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ଅବସରରେ କହିଛନ୍ତି ଯେ "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର (୯ ପୃଷ୍ଠାରେ)

## ଯୁବ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

ସମ୍ବଲପୁର, ୨୯ ।୮ (ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ବ୍ୟସ୍ତବହୁଳ କିର୍ବା ଛକରେ ଶନିବାର ଦିନ ଦ୍ୱିପ୍ରହରରେ ଗୁଳିକାଣ୍ଡ ଘଟିଛି । ଗୁଳିକାଣ୍ଡରେ ଯୁବ ବ୍ୟବସାୟୀ ମହମ୍ମଦ ଅନିଶ(୩୬)ଙ୍କ ମୃତ୍ୟୁ ହୋଇଛି । ଖବର ପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ୩୭୩/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି ।

ସୂଚନାଯୋଗ୍ୟ, କିର୍ବା ଛକରେ ମହମ୍ମଦ ଅନିଶଙ୍କ ଏକ ମାଂସ ଦୋକାନ ରହିଛି । ଝାରସୁଗୁଡା ପୌରାଞ୍ଚଳ ମଙ୍ଗଳବଜାର ଅଞ୍ଚଳର ରାଜା ସ୍ୱାମୀ(୨୫) ତାଙ୍କ ଦୋକାନରେ କାମ କରୁଥିଲେ । କୌଣସି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ବ୍ୟକ୍ତିଗତ ଶତ୍ରୁତା ଲାଗି ରହିଥିଲା । ତେବେ ଅଭିଯୁକ୍ତ ରାଜା ତାଙ୍କୁ ଏକ ଦେଶୀ ପିସ୍ତଲରେ ପୂର୍ବାହ୍ନ ୧୧ଟାରେ ଅତି ନିକଟରୁ ଅତିକମ୍‌ରେ ୩ରାଉଣ୍ଡ ଗୁଳି ଚାଳନା କରିଥିଲା । ଗୁରୁତର ଅବସ୍ଥାରେ ଅନିଶଙ୍କୁ ବୁର୍ଲା ଭିମସାରକୁ ନିଆଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୋଗ ପରେ ବୁର୍ଲା ଥାନା ପୋଲିସ ଅଭିଯୁକ୍ତ ରାଜାକୁ ଗିରଫ କରିଛି । ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ପିସ୍ତଲକୁ ଜବତ କରିଛି । ଏଥିସହ ଘଟଣାସ୍ଥଳରୁ ୫ଟି ଖୋଖା ମଧ୍ୟ ଜବତ ହୋଇଛି । ହତ୍ୟାକାଣ୍ଡ ପଛରେ ପରକ୍ରିୟା ପ୍ରୀତି କି ଅନ୍ୟ କାରଣ ରହିଛି ସେନେଇ ତଦନ୍ତ ଜାରି ରହିଛି । ଏହି (୯ ପୃଷ୍ଠାରେ)

## ନିବେଶ ବାହାନାରେ ୨ କୋଟି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୯ ।୮ (ସବ୍ୟୁ) : ନିବେଶ କଲେ ଅଧିକ ଲାଭ ହେବ ପ୍ରତିଶ୍ରୁତି ଦେଇ ୨ କୋଟି ୨୧ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ ।

ଠକେଇର ଶିକାର ହୋଇଥିବା ଚିତ୍ତରଞ୍ଜନ ନାଥଶର୍ମାଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ୨ କୋଟି ୨୧ ଲକ୍ଷ ଟଙ୍କା ଠକେଇ ରହସ୍ୟ ଉନ୍ମୋଚନ କରିବା ସହ ଅଭିଯୁକ୍ତମାନେ ପ୍ରକୃତରେ କେତେ ଟଙ୍କା ଠକେଇ କରିଛନ୍ତି ତାହାର ରହସ୍ୟ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ସ୍ମୃତିରଞ୍ଜନ ବେହେରା ଓ ତାଙ୍କ ଭାଇ ସୌମ୍ୟରଞ୍ଜନ ବେହେରା କମ୍ପାନୀର ମ୍ୟାନେଜର ସୂଚିତ୍ରା ସାମଲଙ୍କ ସହ ମିଶି "ଇଷ୍ଟ ଏକ ପ୍ରାଇଭେଟ୍ ଲିମିଟେଡ୍'ନାମକ ଟ୍ରେଡିଂ କମ୍ପାନୀ ପରିଚାଳନା କରୁଥିଲେ । ଅଭିଯୁକ୍ତମାନେ ଅଭିଯୋଗକାରୀ ଓ ଅନ୍ୟ ସମ୍ଭାବ୍ୟ ନିବେଶକ ମାନଙ୍କୁ କହିଥିଲେ ଯେ, ଆମ କମ୍ପାନୀ ଟ୍ରେଡିଂ କାରବାର କରୁଛି ଏବଂ ସେମାନେ କମ୍ପାନୀରେ ଟଙ୍କା ନିବେଶ କଲେ ନିବେଶ ରାଶି ଉପରେ ପ୍ରତିମାସରେ ଶତକଡ଼ା ୧୦ ଲାଭ ପାଇବେ । (୯ ପୃଷ୍ଠାରେ)

**ଖଡ଼୍‌ଗେଙ୍କ ସଭା ପରେ ଶୁଦ୍ଧିକରଣ**

## ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏତଲା ହେଉ

### ଅସ୍ପୃଶ୍ୟତାର ଅନ୍ୟନାମ ଶୁଦ୍ଧିକରଣ, ଯାହା ଅପରାଧ

ନୂଆଦିଲ୍ଲୀ, ୨୯ ।୮ : କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନେ ଖଡ଼୍‌ଗେ ଉତ୍ତରାଖଣ୍ଡ ଗସ୍ତ ସମୟରେ ରାମଲିଲା ମୈଦାନରେ କରିଥିବା ସଭା ପରେ ସେଠାରେ ଶୁଦ୍ଧିକରଣ କାର୍ଯ୍ୟ କରାଯାଇଥିଲା । ଯେଉଁମାନେ ଏହି କାର୍ଯ୍ୟ କରିଛନ୍ତି ସେମାନଙ୍କ ବିରୋଧରେ ଏସ୍‌ସି-ଏସ୍‌ଟି ଆଇନ୍ ଅନୁଯାୟୀ ଏତଲା କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି ।

କଂଗ୍ରେସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି




ଯେ ବର୍ତ୍ତମାନ ଦେଶରେ ଦୁଇ ବିଚାରଧାରା ନେଇ ଲଢ଼େଇ ଚାଲିଛି । ଗୋଟିଏ ହେଉଛି ସମ୍ବିଧାନ ଅନ୍ୟଟି ହେଉଛି ଆର୍‌ଏସ୍‌ଏସ୍ ଓ ବିଜେପିର ମତବାଦ । କଂଗ୍ରେସ ସଭାପତିଙ୍କୁ ନ୍ୟାୟ ମିଳିବା ଦରକାର । ଏସ୍‌ସି-ଏସ୍‌ଟି ଆଇନ୍ ଅନୁଯାୟୀ ଯେଉଁମାନେ ଖଡ଼୍‌ଗେଙ୍କ ସଭାପରେ ସେଠାରେ ଶୁଦ୍ଧିକରଣ କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧରେ ଏତଲା ହେଉ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ସବୁ ଜାତିର ସେ ପ୍ରତିନିଧିତ୍ୱ କରୁଛନ୍ତି । ଉତ୍ତରାଖଣ୍ଡରେ ଶୁଦ୍ଧିକରଣ କାର୍ଯ୍ୟ ହୋଇଛି ଯାହା ଅସ୍ପୃଶ୍ୟତାକୁ ଦର୍ଶାଉଛି । ସମ୍ବିଧାନ ଅନୁଯାୟୀ ଏହା ଅପରାଧ । ତେଣୁ ଯେଉଁମାନେ ଏହି କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧରେ ଏତଲା ହେବା ଆବଶ୍ୟକ । ଏହା ହେଉଛି ବିଜେପି ଓ ଆର୍‌ଏସ୍‌ର ଚିନ୍ତାଧାରା । ସେମାନେ ଚାହାଁନ୍ତିନି ଦଳିତ ଲୋକମାନେ ଆଗକୁ ଯାଆନ୍ତୁ ଓ ସମ୍ମାନଜନକ ଜୀବନ ନିର୍ବାହ କରନ୍ତୁ । ଆମେ କହୁଛୁ କୌଣସି ଜିନିଷ ଅସମ୍ଭବ ନୁହେଁ । ସମ୍ବିଧାନ ଅନୁଯାୟୀ ଏହା ଅପରାଧ । ଆମେ କଂଗ୍ରେସ ସଭାପତିଙ୍କ ପାଇଁ ନ୍ୟାୟ ମାଗୁଛୁ । ଅନ୍ୟ କିଛି ଚାହୁଁନାହୁଁ । ଏହା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ଯେ ସେମାନେ ଖଡ଼୍‌ଗେଙ୍କୁ ନ୍ୟାୟ ଦିଅନ୍ତୁ । କେନ୍ଦ୍ର ସରକାର ଏହାକୁ ସୁନିଶ୍ଚିତ କରନ୍ତୁ । ବିଜେପି ଓ ଆର୍‌ଏସ୍‌ଏସ୍ ସହ ଜଡ଼ିତ କର୍ମୀମାନେ ଅସ୍ପୃଶ୍ୟତା ଭଳି ପ୍ରଥାକୁ ପ୍ରୋତ୍ସାହନ ଦେଉଥିବା ରାହୁଲ ଅଭିଯୋଗ କରିଛନ୍ତି । ଅସ୍ପୃଶ୍ୟତାର ଅନ୍ୟନାମ ଶୁଦ୍ଧିକରଣ ବୋଲି ରାହୁଲ କହିଛନ୍ତି ।

## ନେପାଳରେ ଫସିଛନ୍ତି ୭ ଓଡ଼ିଆଙ୍କ ସହ ୫୧ ପର୍ଯ୍ୟଟକ

ଭଦ୍ରକ, ୨୯ ।୮ (ସବ୍ୟୁ) : ନେପାଳର ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ମଧ୍ୟରେ ଫସିଛନ୍ତି ୫୧ଜଣ ପର୍ଯ୍ୟଟକ। ଏମାନଙ୍କ ମଧ୍ୟରେ ଚାନ୍ଦବାଲିର ୭ଜଣ ଓଡ଼ିଆ ରହିଛନ୍ତି । ଜୀବନ ବଂଚାଇବା ପାଇଁ ବନ୍ୟାପାଣି ମଧ୍ୟରେ ପ୍ରାୟ ୭୦କିଲୋମିଟର ପଛକୁ ଫେରିବା ପରେ ମନତାମନା ମନ୍ଦିର ନିକଟରେ ଆଶ୍ରୟ ନେଇଥିଲେ । ପରେ ପରିସ୍ଥିତି ଅଧିକ ଭୟଙ୍କର ହେବାରୁ ନେପାଳ ପୁଲିସ ଓ ସ୍ଥାନୀୟ ପ୍ରଶାସନ ରୋପୱେ ଯୋଗେ ସମସ୍ତଙ୍କୁ ଭୈରବା ସିଟିକୁ ସ୍ଥାନାନ୍ତର କରିଛନ୍ତି ।

ବର୍ତ୍ତମାନ ସେମାନେ ଏକ ଛୋଟ ଲଜ୍‌ରେ ଆଶ୍ରୟ ନେଇଥିବାବେଳେ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ଅପେକ୍ଷା କରିଛନ୍ତି । ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଂଚାୟତର କୈଳାସ



ବିଶ୍ୱାଳଙ୍କ କୋଲକାତାସ୍ଥିତ କୈଳାସ ଟ୍ରାଭେଲର୍ସ ଜରିଆରେ ଏହି ପର୍ଯ୍ୟଟକମାନେ ନେପାଳ ବୁଲିବାକୁ ଯାଇଥିଲେ । ଦଳରେ କେରଳର ୪୩ ଜଣ ପର୍ଯ୍ୟଟକଙ୍କ ସମେତ ଟ୍ରାଭେଲର୍ସ ମାଲିକ କୈଳାସ ବିଶ୍ୱାଳ, ୫ଜଣ ରୋଷେୟା, ଚାନ୍ଦବାଲିର ଟୁନା ଦାଶ ଏବଂ କୋଲକାତାର ସୌରଭ ବାନାର୍ଜୀ ରହିଛନ୍ତି । କାଠମାଣ୍ଡୁଠାରୁ ପ୍ରାୟ ୨୦୦କିଲୋମିଟର ଦୂର ପାର୍ବତ୍ୟ ଅଂଚଳକୁ ଯିବା ପାଇଁ ଏହି ଦଳ ବାହାରିଥିଲା । ତ୍ରିଶୂଳୀ ନଦୀ କୂଳ ଦେଇ ଗାଡ଼ିରେ ଯାଉଥିବାବେଳେ ହଠାତ୍ ଆରମ୍ଭ ହୋଇଥିଲା ପ୍ରକୃତିର ତାଣ୍ଡବ । ରସୁୱା ଜିଲ୍ଲା ସୀମାନ୍ତ ଅଂଚଳର ଲେହନ୍ଦଖୋଲା ଓ ଭୋଟକୋସି ନଦୀ ପ୍ରଣାଳୀ ଦେଇ ବନ୍ୟାଜଳ ଭୟଙ୍କର ବେଗରେ ତ୍ରିଶୂଳୀ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ଆମର ସଂସ୍କୃତି ଓ ଭାବନା ଏକାଠି' ହୋଇ ଏବେ ଯୁ ରାଖୀ ପୂର୍ଣ୍ଣିମାର ବିଜ୍ଞାପନକୁ ଯୁ ବିରୋଧ କରୁଛନ୍ତି ତାହା ସମ୍ମାନଯୋଗ୍ୟ । ରାଖୀ ପୂର୍ଣ୍ଣିମା ଭଳି ଏକ ପବିତ୍ର ପର୍ବକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି ।

**ସୁନିଲ ଲହେରି, ଅଭିନେତା**



କ୍ୟାରିୟରରେ ଅନେକ କିଛି କରିବାର ଅଛି । ମୁଁ ବର୍ତ୍ତମାନ କେବଳ କାମ କରିବାକୁ ଚାହୁଁଛି । ଅଭିନୟ କ୍ଷେତ୍ରରେ ଅନେକ ଆଗକୁ ଯିବାର ଅଛି ।

**ଅଭୟ ବର୍ମା, ଅଭିନେତା**



କ୍ରିତିଙ୍କୁ ଟ୍ରୋଲ କରୁଥିବା ଅଭିନେତ୍ରୀ ନିଜେ ମଧ୍ୟ ପୂର୍ବରୁ ଏଭଳି କରିଛନ୍ତି । ତାଙ୍କର ମଧ୍ୟ ରାଖୀରେ ଏଭଳି ବିଜ୍ଞାପନ ରହିଛି ।

**କୁନିକା ସଦାନନ୍ଦ, ଅଭିନେତ୍ରୀ**

## ପାଣିଟାଙ୍କିକୁ ରଖନ୍ତୁ ସଫା



ବର୍ଷା ଦିନେ ପାଣି ଦୂଷିତ ହେବାର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଉଥିବାରୁ ଏହି ସମୟରେ ଘରର ପାଣି ଟାଙ୍କି ଓ ଆକ୍ୱାଓଗାର୍ଡର ନିୟମିତ ସଫେଇ ଏବଂ ରକ୍ଷଣାବେକ୍ଷଣ ନିହାତି ଜରୁରୀ ହୋଇପଡ଼ିଛି । ବର୍ଷା ଜଳବନ୍ଦୀ, ସ୍ୱେଜ୍ ଲିକେଜ୍ ଏବଂ ଆର୍ଦ୍ରତା ହେତୁ ପାଇପଲାଇନ୍ ଓ ପାଣି ଉତ୍ସଗୁଡ଼ିକରେ ବ୍ୟାକ୍ଟେରିଆ, ଭାଇରସ୍ ଓ ଫଙ୍ଗସ୍ ଅତି ଦ୍ରୁତଗତିରେ ବ୍ୟାପିଥାନ୍ତି । ଯାହା ଫଳରେ ଉପରକୁ ସଫା ଦେଖାଯାଉଥିବା ପାଣି ମଧ୍ୟ ଅତ୍ୟନ୍ତ ଭୟାନକ ହୋଇପାରେ । ସୋସାଇଟି କିମ୍ବା ଘରର ଓଭରହେଡ୍ ଟାଙ୍କି ଓ ଆରଓ ଫିଲ୍ଟର ସମୟକ୍ରମେ ସଫା ନହେଲେ ଦୂଷିତ ପାଣି ଶରୀର ଭିତରକୁ ପ୍ରବେଶ କରି ଡାଇରିଆ, ଟାଇଫଏଡ୍, ଜଣ୍ଡିସ୍ , ପେଟ ସମ୍ବନ୍ଧୀୟ ଗୁରୁତର ରୋଗ ସୃଷ୍ଟି କରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଏହି ସମସ୍ୟା କେବଳ ପୁରୁଣା ଘର ନୁହେଁ, ବରଂ ନିୟମିତ ସଫେଇ ଅଭାବରୁ ନୂଆ ଘରଗୁଡ଼ିକରେ ମଧ୍ୟ ଦେଖାଦେଇପାରେ । ବିଶେଷ କରି ପ୍ରତିରୋଧକ ଶକ୍ତି କମଥିବା ବ୍ୟକ୍ତି, ଛୋଟ ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା, ମଧୁମେହ, ଲିଭର, କିଡନୀ ଓ ହୃଦ୍‌ରୋଗୀଙ୍କ ପାଇଁ ଏହା ଅଧିକ ବିପଜ୍ଜନକ । ଏହା ବ୍ୟତୀତ ଦୂଷିତ ପାଣି ବ୍ୟବହାର ଦ୍ୱାରା ତ୍ୱଚାରେ କୁଣ୍ଡାଇ ହେବା, ରାସେସ୍, ଫଙ୍ଗାଲ୍ ଇନଫେକ୍ସନ୍ ଏବଂ ଚୁଟି ଝଡ଼ିବା ଭଳି ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ସାଧାରଣତଃ ପ୍ରତି ୩ ରୁ ୬ ମାସ ମଧ୍ୟରେ ଘରର ପାଣି ଟାଙ୍କି ସଫା କରିବା ଆବଶ୍ୟକ । ତେବେ ପାଣିର ରଙ୍ଗ, ସ୍ୱାଦ କିମ୍ବା ଗନ୍ଧରେ ପରିବର୍ତ୍ତନ ଦେଖାଗଲେ ସଙ୍ଗେ ସଙ୍ଗେ ତାହାକୁ ସଫା କରିବା ଉଚିତ୍ । ଟାଙ୍କିକୁ ସବୁବେଳେ ଭଲ ଭାବେ ଢାଙ୍କି ରଖିବା ସହ ବଡ଼ ଟାଙ୍କିଗୁଡ଼ିକୁ ପୂର୍ଣ୍ଣ ଖାଲି କରି ବ୍ରଶ୍ ଓ ନିରାପଦ ଡିସଇନଫେକ୍ଟାଣ୍ଟ ଜରିଆରେ ପ୍ରୋଫେସନାଲଙ୍କ ଦ୍ୱାରା ସଫେଇ କରାଇବା ଆବଶ୍ୟକ । ସେହଭଳି ଯଦି ଆକ୍ୱାଗଡ ପାଣିର ସ୍ୱାଦ କସା ଲାଗେ, ଗନ୍ଧ ଆସେ, ପାଣି ବାହାରିବା ବେଗ କମିଯାଏ କିମ୍ବା ମେସିନ୍‌ରୁ ଅସାଧାରଣ ଶବ୍ଦ ଆସେ, ତେବେ ଏହାକୁ ଚେକ କରାଇ ନିଅନ୍ତୁ ।

## ମସ୍ତିଷ୍କ ସାହାଯ୍ୟରେ ଚାଲୁଛି ରୋବଟ

ଚୀନ୍‌ରେ ମସ୍ତିଷ୍କର ସଙ୍କେତରେ ଚାଲୁଥିବା ଏକ ସ୍ୱତନ୍ତ୍ର ରୋବୋଟ୍ ନିର୍ମାଣ କରାଯାଇଛି, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ହାତ ଘୁରାଇବା କିମ୍ବା କହିବାର ଆବଶ୍ୟକତା ପଡ଼ିନଥାଏ । 'ୱାର୍ଲ୍ଡ ରୋବୋଟ୍ କନଫରେନ୍ସ ୨୦୨୬'ରେ ପ୍ରଦର୍ଶିତ ଏହି ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ୍ ପ୍ରଯୁକ୍ତି ବିଦ୍ୟାରେ ମୁଣ୍ଡରେ ହେଲମେଟ୍ କିମ୍ବା ସେନ୍ସର ପିନ୍ଧିବା ମାତ୍ରେ ମସ୍ତିଷ୍କର ସିଗନାଲ୍ ମେସିନ୍ କମାଣ୍ଡରେ ପରିଣତ ହୋଇଥାଏ । ଏହାଦ୍ୱାରା ବ୍ୟବହାରକାରୀ କେବଳ ଭାବିବା ଦ୍ୱାରା ହାତର ସାହାଯ୍ୟ ନନେଇ ହ୍ୱିଲଚେୟାର୍ ଚଳାଇପାରିବେ ଏବଂ ରୋବୋଟିକ୍ ହ୍ୟାଣ୍ଡ ଜରିଆରେ ସାମ୍ନାରେ ରଖାଯାଇଥିବା ଜିନିଷକୁ ମଧ୍ୟ ଉଠାଇପାରିବେ । ଯାହା ମୁଖ୍ୟତଃ ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତିଙ୍କ ପାଇଁ ବହୁତ ସହାୟକ ହେବ । ଏହା ସହିତ ମଥାରେ ଛୋଟ ସେନ୍ସର ଲଗାଇ ମସ୍ତିଷ୍କର ସଙ୍କେତ ଆଧାରରେ ସ୍କ୍ରିନ୍‌ରେ ଭିନ୍ନ ଭିନ୍ନ ରଙ୍ଗ ଓ ପ୍ୟାଟର୍ନର ପେଣ୍ଟିଂ ତିଆରି କରିବାର ଏକ ସିଷ୍ଟମ୍ ମଧ୍ୟ ଏହି କନଫରେନ୍ସରେ ପ୍ରଦର୍ଶିତ ହୋଇଛି ।



## ଇତିହାସ

୧୫୬୯ - ମହାନ ସମ୍ରାଟ ଆକବରଙ୍କ ପୁଅ ମୋଗଲ ବଂଶର ଶାସକ ଜାହାଙ୍ଗୀରଙ୍କର ଜନ୍ମ ।

୧୬୮୨ - ବ୍ରିଟିଶ ଧର୍ମ ସୁଧାରକ ୱିଲିୟମ ପେନ୍‌ଙ୍କୁ ଇଂଲଣ୍ଡ ଛାଡିବାକୁ ପଡିଥିଲା ।

୧୮୦୬ - ନ୍ୟୁୟର୍କର ଦୈନିକ ଖବର କାଗଜ ଡେଲି ଆଡ୍‌ଭର୍ଟାଇଜର ଶେଷଥର ପାଇଁ ପ୍ରକାଶିତ କରାଯାଇଥିଲା ।


୧୮୮୮ - କ୍ରାନ୍ତିକାରୀ କନାଇଲାଲ୍ ଦତ୍ତଙ୍କର ଜନ୍ମ ।

୧୯୨୮ - ରାସ ବିହାରୀ ବୋଷ ଓ ଜବାହର ଲାଲ ନେହେରୁଙ୍କ ନେତୃତ୍ୱରେ ଦି ଇଣ୍ଡିପେଣ୍ଡେନ୍ସ ଅଫ୍ ଇଣ୍ଡିଆ ଲିଗର ଭାରତରେ ସ୍ଥାପନା କରିଥିଲେ ।

୧୯୮୪ - ଅନ୍ତରୀକ୍ଷ ଯାନ "ଡିସ୍କଭରୀ' ପ୍ରଥମଥର ଉଡାଣ ଭରିଥିଲା ।

## ଅସରପା କରିବ ଉଦ୍ଧାରକାର୍ଯ୍ୟ

ଅସରପାଙ୍କୁ ବ୍ୟବହାର କରି କରାଯିବ ଉଦ୍ଧାରକାର୍ଯ୍ୟ । ସୂଚନା ଅନୁସାରେ ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ ଭୂକମ୍ପ କିମ୍ବା ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ଧ୍ୱଂସାବଶେଷ ତଳେ ଫସିରହିଥିବା ଲୋକଙ୍କ ନିକଟରେ ଔଷଧ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ସାଇବୋର୍ଗ କାକରୋଚ୍ (ପାରାବୋର୍ଗସ) ପ୍ରସ୍ତୁତ କରିଛନ୍ତି । ଏହି ପରୀକ୍ଷଣ ପାଇଁ ବିଶ୍ୱର ସବୁଠାରୁ ଓଜନିଆ ଅସରପା ପ୍ରଜାତି 'ଜିଆଣ୍ଟ ବୁରୋଇଙ୍ଗ କାକରୋଚ'କୁ ବ୍ୟବହାର କରାଯାଇଛି । ଯାହାଙ୍କ ପିଠିରେ କ୍ୟାମେରା, ମେଡିକାଲ ଡିଭାଇସ୍ ଏବଂ ନର୍ଭସ ସିଷ୍ଟମରେ ଇଲେକ୍ଟ୍ରୋଡ୍ ଲଗାଯାଇ ସେମାନଙ୍କୁ ସଂକୀର୍ଣ୍ଣ ସ୍ଥାନକୁ ଦୂରରୁ ନିୟନ୍ତ୍ରଣ କରାଯାଇପାରିବ । ଏହି ପରୀକ୍ଷଣରେ ସଠିକ୍ ସ୍ଥାନରେ ପହଞ୍ଚି ଔଷଧ ଦେବାର ସମଗ୍ର ପ୍ରକ୍ରିୟାରେ ୭୨%ରୁ ଅଧିକ ସଫଳତା ମିଳିଛି । ଟାର୍ଗେଟ ୧୫ ସେଣ୍ଟିମିଟର ପରିସର ମଧ୍ୟରେ ଥିବା ସମୟରେ ଔଷଧ ପହଞ୍ଚାଇବାର ସଫଳତା ହାର ୯୫% ରହିଛି । ବୈଜ୍ଞାନିକମାନେ ଏବେ ଏହି ସାଇବୋର୍ଗ କାକରୋଚଙ୍କର ଏକ ସମ୍ପୂର୍ଣ୍ଣ ଦଳ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଯାହାଦ୍ୱାରା ବିପର୍ଯ୍ୟୟ ସମୟରେ ଅଲଗା ଅଲଗା ଉଦ୍ଧାର କାର୍ଯ୍ୟ କରାଯାଇପାରିବ ।



## ଜାମ୍ କେକ୍

**ସାମଗ୍ରୀ-** ଜାମ, ମଇଦା, ଚିନି, ଖୀର, ଅଣ୍ଡା, ବଟର, ବେକିଂ ପାଉଡର, ଘିଅ, ଲୁଣ ।

**ପ୍ରଣାଳୀ-** ପ୍ରଥମେ ଅଣ୍ଡାକୁ ଭାଙ୍ଗି ଫେଣ୍ଟି ନିଅନ୍ତୁ । ଏହା ଅଣ୍ଡା ଫେଣ୍ଟାରେ ବଟର, ଖୀର,ଲୁଣ, ଚିନି ମିଶାଇ ପୁଣି ଫେଣ୍ଟନ୍ତୁ । ମଇଦା ସହିତ ବେକିଂ ପାଉଡର ମିଶାଇ ଗୋଳାଇ ଦିଅନ୍ତୁ । ଏହାପରେ ମଇଦାକୁ ଅଣ୍ଡା ଫେଣ୍ଟାଫେଣ୍ଟିରେ ମିଶାଇ ଦିଅନ୍ତୁ । ଏହାପରେ ଓଭାନରେ ଘିଅ ମାରି ସମାନ ଆକୃତିର ୨ଟି କେକ ପ୍ରସ୍ତୁତ କରନ୍ତୁ । କେକ ହୋଇଗଲା ପରେ ଗୋଟିଏ କେକ ଉପରେ ଜାମ ମାରି ଆଉ ଏକ କେକ ଉପରେ ରଖନ୍ତୁ । ପ୍ରସ୍ତୁତ ହୋଇଯିବ ଜାମ କେକ ।




## ଶୋଇବାକୁ ଆସୁଛନ୍ତି ସିନେମାହଲ୍


ଚୀନ୍‌ର ଶାନ୍‌ଶି ପ୍ରାନ୍ତର ଶିୟାନ୍‌ରେ ଥିବା 'ଲୁମିୟାଇ ସିନେମା' ନିଜର ଦୁଇଟି ସ୍କ୍ରିନିଂ ହଲ୍‌ରେ ଦିପହର ସମୟରେ ବିଶ୍ରାମ ନେବା ପାଇଁ 'ନୂନ୍ ନାପ୍ ସର୍ଭିସ୍' (ଲାଇଂ ଫ୍ଲାଟ୍ ପ୍ଲାନ୍) ଆରମ୍ଭ କରିଛି । ଯେଉଁଠାରେ ଲୋକମାନେ ଲଞ୍ଚ ବ୍ରେକ୍‌ରେ ଫିଲ୍ମ ଦେଖିବା ବଦଳରେ ଶୋଇବା ପାଇଁ ପହଞ୍ଚୁଛନ୍ତି । ଏହି ଦୁଇଟି ହଲ୍‌ରେ ମୋଟ ୭୬ଟି ସିଟ୍ ରହିଛି, ଯାହାକୁ ପଛପଟକୁ ସମ୍ପୂର୍ଣ୍ଣ ଫ୍ଲାଟ୍ କରି ବିଛଣାର ରୂପ ଦିଆଯାଇପାରିବ । ଅପରାହ୍ନ ୧୨ଟାରୁ ୨:୩୦ ପର୍ଯ୍ୟନ୍ତ ଏଠାରେ ଲୋକମାନେ ଆରାମରେ ଶୋଇପାରିବେ । ଏହି ସେବା ପାଇଁ ସିଙ୍ଗଲ୍ ପାସ୍‌ର ମୂଲ୍ୟ ପ୍ରାୟ ୫୦୦ ଟଙ୍କା ଏବଂ ଡବଲ୍ ପାସ୍‌ର ମୂଲ୍ୟ ୮୦୦ ଟଙ୍କା ରହିଥିବା ବେଳେ ଏଥିରେ କମ୍ବଳ, କଫି ଓ ଅନ୍ୟାନ୍ୟ ଡ୍ରିଙ୍କ୍‌ସ ମାଗଣାରେ ମିଳୁଛି । ଏହାସହ ଆଇ ମାସ୍କ ଏବଂ ଇୟରପ୍ଲଗ୍ ପାଇଁ ୭୫ ଟଙ୍କା ଦେବାକୁ ପଡୁଛି । ଘୁରୁଡ଼ି ମାରୁଥିବା ଲୋକଙ୍କ ପାଇଁ ମସାଜ୍ ଚେୟାର୍ ଥିବା ଅଲଗା ହଲ୍‌ର ବ୍ୟବସ୍ଥା କରାଯାଇଛି ଏବଂ ଶାନ୍ତିପୂର୍ଣ୍ଣ ପରିବେଶ ପାଇଁ ଫୋନ୍ ସାଇଲେଣ୍ଟ ରଖିବା ସହ କଲ୍ କରିବା ପାଇଁ ବାହାରକୁ ଯିବାର ନିୟମ ରହିଛି ।



## କ୍ୟାରିୟରରୁ ବ୍ରେକ୍

ସିଂଗିଂ କ୍ୟାରିୟରରୁ ବ୍ରେକ ନେଇଛନ୍ତି ପରିଚିତ ଗାୟକ ଅମାଲ ମଲିକ । ସୋସିଆଲ ମିଡିଆ ମାଧ୍ୟମରେ ଏକ ଭାବପୂର୍ଣ୍ଣ ପୋଷ୍ଟ ସେୟାର କରି ସେ ନିଜ ସ୍ୱାସ୍ଥ୍ୟ, ଶାରୀରିକ ଓ ମାନସିକ ଶାନ୍ତି ପାଇଁ ଆଗାମୀ ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ଫିଲ୍ମ ଗୀତ ସାଇନ୍ ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ନିକଟରେ ବଲିଉଡର କିଛି ପ୍ରଭାବଶାଳୀ ବ୍ୟକ୍ତି ତାଙ୍କୁ କୋଣଠେସା କରିବା ସହ ନକାରାତ୍ମକ ପରିବେଶ ସୃଷ୍ଟି କରୁଥିବା ନେଇ ସେ ଆଣିଥିବା ଅଭିଯୋଗ ପରେ ଏହି ନିଷ୍ପତ୍ତି ସାମ୍ନାକୁ ଆସିଛି । 'ଏକ୍ସ' ରେ ନିଜ ଭାବନା ପ୍ରକାଶ କରି ଅମାଲ ଲେଖିଛନ୍ତି ଯେ, ବର୍ତ୍ତମାନ ସମୟରେ ତାଙ୍କର ଶରୀର, ମନ ଓ ଆତ୍ମାକୁ ବିଶ୍ରାମ ଦେବା ସହ ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ଜରୁରୀ ହୋଇପଡ଼ିଛି । ତାଙ୍କର କିଛି ପୁରୁଣା ଏବଂ ଅପ୍ରକାଶିତ କମ୍ ବଜେଟ୍ ଫିଲ୍ମର ଗୀତ ଆଗାମୀ ଦିନରେ ମୁକ୍ତିଲାଭ କରିପାରେ । ତେବେ ସେସବୁ ସମ୍ପର୍କରେ ବାରମ୍ବାର ପ୍ରଶ୍ନ ନପଚାରିବାକୁ ସେ ପ୍ରଶଂସକମାନଙ୍କୁ ଅନୁରୋଧ କରିଛନ୍ତି । ସିନେମାରୁ ପୁଣି ଥରେ ନିଜର ମୂଳ ସଙ୍ଗୀତ ଯାତ୍ରାକୁ ଫେରିବାର ସଙ୍କେତ ଦେଇ, ଏକ ନୂଆ ଶକ୍ତି ଓ ନୂଆ ଗୀତ ସହ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବାର ପ୍ରତିଶ୍ରୁତି ସହ ସେ ନିଜ ପ୍ରିୟ 'ଅମାଲିୟନ୍ସ'ଙ୍କଠାରୁ ଅସ୍ଥାୟୀ ବିଦାୟ ନେଇଛନ୍ତି ।





**ମେଷ:** କାର୍ଯ୍ୟରେ ଅଶାନ୍ତି, ଶାରୀରିକ ଅସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ କଳହ, ସ୍ୱଜନ ବିରୋଧ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ। ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୪, ଆରାଧନା- ମା' ମଙ୍ଗଳା ।

**ବୃଷ:** ଆକସ୍ମିକ ଧନଲାଭ, ମାନସିକ ଶାନ୍ତି, ଦେବଦର୍ଶନ, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନ ପ୍ରାପ୍ତି, ପାରିବାରିକ ଶାନ୍ତି । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ମିଥୁନ:** ନୂତନ ଖବର, ଶୁଭ ଆଲୋଚନା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଶାରୀରିକ ସୁସ୍ଥ, ଦ୍ରବ୍ୟ ଲାଭ, ଯାତ୍ରାରେ ସତର୍କ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ଦ୍ରବ୍ୟ ଲାଭ, ଶୁଭ ଖବର, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ମାନସିକ ଶାନ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ବାଣିଜ୍ୟ ଆରମ୍ଭ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ସିଂହ:** ସନ୍ତାନ ଚିନ୍ତା, ନୂତନ କର୍ମନିଯୁକ୍ତି, ମାନସିକ ଅଶାନ୍ତି, ନୂତନ ବନ୍ଧୁଲାଭ, ଶରୀର ସୁସ୍ଥ, ଦାମ୍ପତ୍ୟ ଲାଭ, ଦୂର ଯାତ୍ରା, ସମ୍ପତ୍ତି ବିବାଦ, କିଛି କାର୍ଯ୍ୟରେ ବିରୋଧ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା-୮, ଆରାଧନା-ସୂର୍ଯ୍ୟନାରାୟଣ ।

**କନ୍ୟା:** ଅପବାଦ, ହେବା କାର୍ଯ୍ୟରେ ବିରୋଧ, ବ୍ୟବସାୟିକ କଷ୍ଟ, ବନ୍ଧୁ ସାହାଯ୍ୟ, ସୁମିଷ୍ଟ ଭୋଜନ, ସମ୍ମାନ ହାନି, ବିଦ୍ୟାରେ ସଫଳ, ଯାତ୍ରା ଶୁଭ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ମା' କାଳୀ ।

**ତୁଳା:** ନୂତନ ବନ୍ଧୁଲାଭ, ଶୁଭ ଖବର, ବିବାଦ ସମାଧାନ, ଦାମ୍ପତ୍ୟ କଳହ, ଦୂର ଯାତ୍ରା ସଫଳ, ପାରିବାରିକ ଶାନ୍ତି, ମନ ଅଥୟ, ଶାରୀରିକ ସୁସ୍ଥ, ଅର୍ଥ ଲାଭ, ସମ୍ପତ୍ତି ଖୁସି । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା- ୯, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଉତ୍ତମ ଆୟ, ଶୁଭ କାର୍ଯ୍ୟ ପ୍ରତି ଆଗ୍ରହ, ଦ୍ରବ୍ୟ ଲାଭ, ଭୂସମ୍ପତ୍ତି ଲାଭ, ସନ୍ତନ ଖୁସି, ନୂତନ ଖବର, ମାନସିକ ଶାନ୍ତି, ଭ୍ରମଣ ବାଧା, ଆଶା ସଫଳ, ବନ୍ଧୁ ସାହାଯ୍ୟ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ଯାତ୍ରା ଶୁଭ, ଶୁଭ ଆଲୋଚନା, ବିଶିଷ୍ଟ କାର୍ଯ୍ୟରେ ଲାଭ, ବନ୍ଧୁ ସହଯୋଗ, ବିବାଦ ସମାଧାନ, ଦ୍ରବ୍ୟ ଲାଭ, ଅର୍ଥ ଲାଭ, ଲୋକସମ୍ପର୍କ ବୃଦ୍ଧି । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ ।

**ମକର:** କିଛି କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ଶୁଭ, ଦେବଦର୍ଶନ, ଦୂର ଯାତ୍ରାରେ କଷ୍ଟ, ଦ୍ରବ୍ୟ ନଷ୍ଟ, ବନ୍ଧୁ ସାହାଯ୍ୟ, ବିଦ୍ୟାରେ ସଫଳତା, ନୂତନ ଆଶଶ ସଫଳ, ଧନ ଲାଭ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ ।

**କୁମ୍ଭ:** ଅର୍ଥ ଲାଭ, ଦୂର ଯାତ୍ରା ସଫଳ, ସମ୍ମାନ ପ୍ରାପ୍ତି, ଗୃହେ ଉତ୍ସବ, ପାରିବାରିକ ଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ଗୁରୁଜନେ ଆଶୀର୍ବାଦ, ବନ୍ଧୁ କଳହ, ଶାରୀରିକ ସୁସ୍ଥ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୩, ଆରାଧନା- ପ୍ରଭୁ ଶଙ୍କର ।

**ମୀନ:** ମାନସିକ ଶାନ୍ତି, ଦୂର ଯାତ୍ରା, ସ୍ୱାଦିଷ୍ଟ ଭୋଜନ, ନୂତନ କର୍ମଲାଭ, ଶୁଭ ଖବର, ସ୍ୱଜନ କଳହ, ଶାରୀରିକ ସୁସ୍ଥ, ଗୃହେ ସାହାଯ୍ୟ, ଦ୍ରବ୍ୟ ଲାଭ, ଆଶା ସଫଳ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ଗୌରୀ ।


**ଭାଦ୍ରବ କୃଷ୍ଣ ପକ୍ଷ ଦ୍ୱିତୀୟା**
**୩୦.୮.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଏସ୍.ଏନ୍ ମହାନ୍ତି ଗ୍ରୁପ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ପ୍ରଦାନ



ଏମ୍‌ଜିଏମ୍ ମିନେରାଲ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ପ୍ରଦାନ

# ବନ୍ୟା ବିପନ୍ନଙ୍କୁ ଶିକ୍ଷକଙ୍କ ସହାୟତା

ବରୀ, (ସବ୍ୟୁ ): ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧୁନା କାର୍ଯ୍ୟରତ କ୍ରୀଡାଶିକ୍ଷକ ହରେଶ କୁମାର ଦାସ ବର୍ତ୍ତମାନ ଦେଖାଦେଇଥିବା ବନ୍ୟା ପରିସ୍ଥିତିର ସାହସିକ ମୁକାବିଲା କରିଛନ୍ତି ନିକଟ ରେ ।ପାଣି ଘେର ରେ ଜଳବନ୍ଦୀ ଥିବା ଅସହାୟ ,ଅନ୍ଧ,ଅକର୍ମଣ୍ୟ, ବ୍ୟକ୍ତି ମାନଙ୍କ ନିକଟ ରେ ପହଞ୍ଚି ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରି ତାଙ୍କର କ୍ଷୁଧା ନିବାରଣ କରିପାରିଛନ୍ତି ।ଅନ୍ଧାର ରାତିକୁ ଭ୍ରୂକ୍ଷେପ ନକରି ହାତରେ ଟର୍ଚ୍ଚ ଓ ଠେଙ୍ଗା ଖଣ୍ଡିଏ ଧରି ସେ ପହଞ୍ଚି ଯାଆନ୍ତି ଦୁର୍ଗତଙ୍କ ପାଖରେ ।ସମସ୍ତ ପ୍ରତିବନ୍ଧକ ତାଙ୍କ ସେବା ମନୋଭାବ ପାଖରେ ହାର୍ ମାନିଛି ।ଖାଲି ସେତିକି ନୁହେଁ ଅନ୍ୟ ଯେକୌଣସି ଦୁର୍ଘଟଣା ,ପ୍ରାକୃତିକ ଦୁର୍ବିପାକ ସମୟ ରେ ସହାୟତାର ହାତ ବଢେଇ ଅସହାୟଙ୍କୁ ସହାରା ଦେଇ ଆସି ଛନ୍ତି ।ଏକଦା ୨୦୧୬ ମସିହାରେ ନିଜ ଜୀବନକୁ ବିପନ୍ନ କରି ନିକଟସ୍ଥ ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତ ରେ ଭାସି ଯାଉଥିବା ତିନି ଜଣ ଛାତ୍ରୀ ଙ୍କ ପ୍ରାଣ ରକ୍ଷା କରି ବହୁ ପ୍ରଶଂସାର ଅଧିକାରୀ ହୋଇ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ ।

## ଜଗତପୁର ଥାନା ପୁଲିସ ହାତରେ ଚେନ୍ ଲୁଟେରା

# ଆନ୍ତଃଜିଲ୍ଲା ସୁନା ଚେନ୍ ଲୁଟେରା ଗିରଫ: ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଜବତ

କଟକ,(ସବ୍ୟୁ): ସହର ଓ ଏହାର ଆଖପାଖ ଅଞ୍ଚଳରେ ଦୀର୍ଘ ଦିନ ଧରି ଆତଙ୍କ ଖେଳାଇଥିବା ଜଣେ କୁଖ୍ୟାତ ଆନ୍ତଃଜିଲ୍ଲା ସୁନା ଚେନ୍ ଲୁଟେରାକୁ ଗିରଫ କରିବାରେ ଜଗତପୁର ଥାନା ପୁଲିସ ଓ କଟକ କମିସନରେଟ୍ ପୁଲିସର ସ୍ପେଶାଲ ସ୍କ୍ୱାର୍ଡ ମିଳିତ ଭାବେ ସଫଳତା ହାସଲ କରିଛନ୍ତି । ଗିରଫ ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜିଲ୍ଲା ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ମୁଣ୍ଡାମାଳା ଦିଆସାହିର ଦୀପକ ପ୍ରଧାନ (୨୨) । ଅଭିଯୁକ୍ତ ନିକଟରୁ ପୋଲିସ ଆନୁମାନିକ ୭ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ପ୍ରାୟ ୪୫ ଗ୍ରାମ୍ ଓଜନର ଛଡ଼ାଇ ନିଆଯାଇଥିବା ସୁନା ଅଳଙ୍କାର ସମେତ ୨ଟି ମୋବାଇଲ୍ ଫୋନ୍ ଏବଂ ଅପରାଧ ସମୟରେ ପିନ୍ଧିଥିବା ପୋଷାକ ଜବତ କରିଛି ।

ଗତ ଜୁଲାଇ ୨୯ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ୨୦ ମିନିଟ୍ ସମୟରେ ଜଗତପୁର ଥାନା ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ଜ୍ଞାନ ଜ୍ୟୋତି ସାହୁ ନିମପୁର କ୍ରିକେଟ୍ ପଡ଼ିଆ ନିକଟ ଦେଇ ଯାଉଥିବା ସମୟରେ ବାଇକରେ ଆସିଥିବା ୨ ଜଣ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇ ଫେରାର୍ ହୋଇଯାଇଥିଲେ । ଏ ନେଇ ଜ୍ଞାନଜ୍ୟୋତି ଜଗତପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୂର୍ବରୁ କଟକ ସହରର ବିଭିନ୍ନ ଥାନା ଅଞ୍ଚଳରେ ଏହିଭଳି ସମାନ ଢଙ୍ଗରେ ବାଇକ୍ ଆରୋହୀ ଦୁର୍ବୃତ୍ତମାନେ ସୁନା ଚେନ୍ ଲୁଟ୍ କରୁଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା । ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କଟକ ପୁଲିସ କମିସନରେଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା । ଜଗତପୁର ଥାନା ଆଇଆଇସି ପ୍ରଶାନ୍ତ କୁମାର ଶାସମଲଙ୍କ ନେତୃତ୍ୱରେ ଥାନା କର୍ମଚାରୀ ଓ ସ୍ପେଶାଲ ସ୍କ୍ୱାର୍ଡ ମିଳିତ ଭାବେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତକୁ ଜୋରଦାର କରିଥିଲେ । ପୁଲିସର ଉଦ୍ୟମ ଫଳରେ ଅଭିଯୁକ୍ତ ଦୀପକକୁ ଚିହ୍ନଟ କରାଯାଇ ଅଗଷ୍ଟ ୨୭ ତାରିଖରେ ଗିରଫ କରାଯାଇଥିଲା । ଜେରା ସମୟରେ ଅଭିଯୁକ୍ତ ଜଣକ ଜଗତପୁର ସମେତ କଟକ ସହରର ବହୁ ଥାନା ଅଞ୍ଚଳରେ ସୁନା ଚେନ୍ ଲୁଟ୍ ଘଟଣାରେ ସଂପୃକ୍ତ ଥିବା ସ୍ୱୀକାର କରିଥିଲା । ତା\'ର ବୟାନ ଆଧାରରେ ପୁଲିସ ୧୫.୧୭୦ ଗ୍ରାମର ଗୋଟିଏ ଭଙ୍ଗା ସୁନା ଚେନ୍, ୯.୮୯୦ ଗ୍ରାମ୍, ୮ ଗ୍ରାମ୍ ଓ ୧୦ ଗ୍ରାମର ତିନୋଟି ସୁନା ଚେନ୍, ୧.୭୫୦ ଗ୍ରାମର ଗୋଟିଏ ମଙ୍ଗଳସୂତ୍ର, ୨ଟି ମୋବାଇଲ୍ ଏବଂ ଅପରାଧ ଘଟାଇବା ସମୟରେ ପିନ୍ଧିଥିବା ଗୋଟିଏ ଟି-ସାର୍ଟ ଓ ଟ୍ରାକ୍ ପ୍ୟାଣ୍ଟ ଜବତ କରିଛି । ପୁଲିସ ରେକର୍ଡ ଅନୁଯାୟୀ, ଗିରଫ ଦୀପକ ଜଣେ ପେଶାଦାର ଅପରାଧୀ ।

## ବୃହତ୍ ଶିଳ୍ପ ନିବେଶ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟ ସଚିବଙ୍କ ଗୁରୁତ୍ୱ

# ନାଲ୍‌କୋ ଏବଂ ଆଦାନୀ ଗ୍ରୁପ୍‌ଙ୍କର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ବୃହତ୍ ଶିଳ୍ପ ନିବେଶ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ରହୁଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଗତକାଲି ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ଶ୍ରୀ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ,



ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋର ଅଧକ୍ଷା ଶ୍ରୀମତୀ ଉଷା ପାଢ଼ୀ, ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ସମେତ ଅର୍ଥ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ ଓ ପରିବହନ, ଜଳ ସଂପଦ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ଇଡକୋ, ଓଡ଼ିଶା ଖଣି ନିଗମ, ଇପିକଲ ,ଟିପିସିଓଡିଏଲ ଆଦିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ନ୍ୟାସନାଲ ଆଲୁମିନିୟମ କମ୍ପାନୀ(ନାଲକୋ)ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଦାନୀ ଗ୍ରୁପ୍ କର୍ପୋରେଟ୍ ବ୍ୟାପାର ସଭାପତିଙ୍କ ଉପସ୍ଥିତିରେ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଭବିଷ୍ୟତ ନିବେଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସରକାରୀ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନାଲକୋ ସମ୍ପର୍କିତ ଆଲୋଚନାରେ ସ୍ମେଲ୍ଟର ଓ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ' କୋଇଲା ଖଣି ଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନ ଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଆଦି ବିଷୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ଏହାସହ ଆଦାନୀ ଗ୍ରୁପ୍ ର ଓଡ଼ିଶାରେ ଚାଲୁଥିବା ଓ ପ୍ରସ୍ତାବିତ ବିଭିନ୍ନ ନିବେଶ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା ।

## ପାରାଦୀପ ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋମାମାଡ଼ ପ୍ରସଙ୍ଗ

# ଜ୍ୟୋତିକାନ୍ତ ପରିଡ଼ାଙ୍କୁ ହାଇକୋର୍ଟ ରୁ ଆଗୁଆ ଜାମିନ୍

କଟକ,(ସବ୍ୟୁ): ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରକୁ ବୋମାମାଡ଼ କରିବା ଘଟଣାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୁକ୍ତ ଜ୍ୟୋତିକାନ୍ତ ପରିଡ଼ାଙ୍କୁ ହାଇକୋର୍ଟ ଆଜି ଆଗୁଆ ଜାମିନ୍ ପ୍ରଦାନ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କର ସିଧାସଳଖ କୌଣସି ସମ୍ପୃକ୍ତି ନାହିଁ । କେବଳ ଏହି ଘଟଣାରେ ଗିରଫ କିଛି ଅଭିଯୁକ୍ତଙ୍କ ବୟାନ ଉପରେ ପୁଲିସ୍ ତାଙ୍କ ନାମରେ ମାମଲା ରୁଜୁ କରିଛି । ତେଣୁ ଏଭଳି ସ୍ଥିତିରେ ଅଭିଯୁକ୍ତକୁ ଗିରଫ କରିବାର କୌଣସି ଆବଶ୍ୟକତା ନଥିବା ଦର୍ଶାଇ ଅଦାଲତ ଏହି ଆଦେଶ ଦେଇଛନ୍ତି।

ତେବେ ଅଭିଯୁକ୍ତଙ୍କୁ ଗିରଫ କରାଗଲେ ତଦନ୍ତକାରୀ ଅଧିକାରୀ ତୁରନ୍ତ ତାଙ୍କୁ ଜାମିନ୍‌ରେ ଛାଡ଼ିବେ। ଏଥିସହ ଅଭିଯୁକ୍ତ ନିମ୍ନ ଅଦାଲତ ଏବଂ ଆଇଓଙ୍କ ଅନୁମତି ନନେଇ ରାଜ୍ୟ ଛାଡ଼ି ବାହାରକୁ ଯାଇପାରିବେ ନାହିଁ । ଅଦାଲତଙ୍କ ଅନୁମତି ବିନା ଦେଶ ବାହାରକୁ ମଧ୍ୟ ଅଭିଯୁକ୍ତ ଯାଇପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତ ଧାର୍ଯ୍ୟ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଆଜି ଏହି ଆଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ତାଙ୍କ ଘର ଉପରକୁ କେହି ଦୁର୍ବୃତ୍ତ ବୋମାମାଡ଼ କରିଥିବା ନେଇ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ପ୍ରଥମେ ଏତଲାରେ ଅଭିଯୁକ୍ତଙ୍କ ନାମ ନ ଥିଲାବେଳେ ଗିରଫ ଅଭିଯୁକ୍ତଙ୍କ ବୟାନ ଆଧାରରେ ପୁଲିସ୍ ଆବେଦନକାରୀଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଆବେଦନକାରୀ ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ରାଜ୍ୟ ସରକାରଙ୍କ ପାଇଁ ଆବେଦନକାରୀଙ୍କ ନାଁରେ ପ୍ରାୟ ୨୭ଟି ମାମଲା ଥିବା ଦର୍ଶାଯାଇଥିଲା । ଜଣେ ଏଭଳି ଅଭିଯୁକ୍ତକୁ ଆଗୁଆ ଜାମିନ୍ ନଦେବାକୁ ପ୍ରାର୍ଥନା କରାଯାଇଥିଲା। ଅପରପକ୍ଷରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ, ଯେଉଁସବୁ ମାମଲା ତାଙ୍କ ନାମରେ ରହିଛି ସେଥିରୁ ସେ କେତେକ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି। ଆଉ କେତେକ ମାମଲାରେ ଅଦାଲତରୁ ଜାମିନ୍ ମଧ୍ୟ ପାଇଛନ୍ତି । ୨୦୧୮ରୁ ୨୦୨୬ ମଧ୍ୟରେ ଆବେଦନକାରୀଙ୍କ ବିରୋଧରେ ଆଉ କୌଣସି ମାମଲା ରୁଜୁ ହୋଇନାହିଁ ।

ହାଇକୋର୍ଟ ଉଭୟପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ ରାୟରେ କହିଛନ୍ତି ଯେ, ଜଣଙ୍କ ବିରୋଧରେ ପୂର୍ବରୁ କୌଣସି ମାମଲା ଥିଲେ ସେହି ଆଳରେ ତାଙ୍କୁ ଆଗୁଆ ଜାମିନ୍ ଦେବାରେ କୌଣସି ପ୍ରତିବନ୍ଧକ ନାହିଁ । ଗିରଫ ପୂର୍ବରୁ ଜାମିନ୍ ମିଳିବା ଏକ 'ବ୍ୟତିକ୍ରମ ପ୍ରତିକାର' । ଯଦି କାହାରି ସ୍ୱାଧୀନତାକୁ ମନମୁଖୀ ଭାବେ କ୍ଷୁଣ୍ଣ କରିବାକୁ ଉଦ୍ୟମ କରାଯିବ ସେଭଳି କ୍ଷେତ୍ରରେ ସମ୍ବିଧାନରେ ଏହାକୁ ସୁରକ୍ଷା କବଚ ଭାବେ ବ୍ୟବହାର କରାଯାଇ ପାରିବ।

## ଦୋକାନ ଭାଙ୍ଗିବାକୁ ଜବରଦଖଲ କାରୀଙ୍କୁ ନୋଟିସ

ପାଣିକୋଇଲି,(ସବ୍ୟୁ) : ଦିନକୁ ଦିନ ପାଣିକୋଇଲିର ଟ୍ରାଫିକ ସମସ୍ୟା ଗୁରୁତର ହେବାରୁ ଲକ୍ଷ୍ୟ କରି କୋରେଇ ବିଧାୟକ ସମେତ ଜିଲ୍ଲାପାଳ, ରାଜପଥ ବିଭାଗ ଓ ପୂର୍ତ୍ତବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ସରଜମିନ ତଦନ୍ତ କରାଯାଇଥିଲା। ସରକାରୀ ଜମି ମାପ କରାଯାଇ ଚିହ୍ନଟ କରାଯିବା ସହ ବେଆଇନ ଦଖଲକାରୀକୁ ଉଠିଯିବାକୁ କୁହାଯାଇଥିଲା। ହେଲେ ରାଜସ୍ୱ ବିଭାଗ ମାତ୍ର ଦୁଇଟି ଘର ଭାଂଗିଥିଲା। ହେଲେ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଆଜି ରାଜପଥ ବିଭାଗ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଛି। ୭ଦିନ ମଧ୍ୟରେ ଜବରଦଖଲ ହଟାନଗଲେ ବିଭାଗ ପକ୍ଷରୁ ଏହାକୁ ଉଚ୍ଛେଦ କରାଯିବ ବୋଲି ନୋଟିସରେ ଦର୍ଶାଯାଇଛି।

## ଚୌଦ୍ୱାର ଜେଲର୍ ଅଧୀକ୍ଷଙ୍କ ଆଗୁଆ ଜାମିନ ଆବେଦନ ଖାରଜ,ଗିରଫଦାରୀ ଆଶଙ୍କା ବଢ଼ିଲା

କଟକ,(ସବ୍ୟୁ): ଚୌଦ୍ୱାର ସର୍କଲ ଜେଲର୍ ଅଧୀକ୍ଷକ ସୁଜିତ୍ କୁମାର ରାଉଳଙ୍କ ଅଡୁଆ ବଢ଼ିଯାଇଛି। ଚୌଦ୍ୱାର ଜେଲରୁ ବିଚାରାଧୀନ ଦୁଇ ବିହାରୀ କଏଦୀ ଫେରାର ହେବା ଘଟଣାରେ ସରକାରୀ ରେକର୍ଡ ଓ ମିନିଟ୍ ବୁକ୍ ଜାଲିଆତି ଅଭିଯୋଗର ସାମ୍ନା କରୁଥିବା ଅଧୀକ୍ଷକ ଶ୍ରୀ ରାଉଳଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଏଥିସହ ଶ୍ରୀ ରାଉଳ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ହାଇକୋର୍ଟ ହଟାଇ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ସୁଜିତ୍ ରାଉଳଙ୍କ ଗିରଫଦାରୀ ଆଶଙ୍କା ବଢ଼ିଯାଇଛି । ହାଇକୋର୍ଟର ବିଚାରପତି ଜଷ୍ଟିସ ଭି. ନରସିଂହ ମାମଲାର ଶୁଣାଣି କରି ଆଜି ରାୟ ପ୍ରକାଶ କରିବା ଅବସରରେ ଏହି ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୫ ଅକ୍ଟୋବର ୨ ତାରିଖରେ ଚୌଦ୍‌ବାର ଜେଲରୁ ବିହାରର ଦୁଇ ଜଣ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ନିଜର ଦାୟିତ୍ୱହୀନତାକୁ ଲୁଚାଇବା ଏବଂ ଅନ୍ୟ କର୍ମଚାରୀଙ୍କ ଉପରକୁ ଦୋଷ ଠେଲିବା ପାଇଁ ସୁଜିତ କୁମାର ରାଉଳ ଜେଲର ମିନିଟ୍ ବୁକ୍‌ରେ କିଛି ପରିବର୍ତ୍ତନ, ଦସ୍ତଖତ ଜାଲିଆତି ଓ ସରକାରୀ କାଗଜପତ୍ର ବଦଳାଇଥିବା ଅଭିଯୋଗ ହୋଇଥିଲା। ଏନେଇ ସେତେବେଳର ଜେଲର ସନ୍ତୋଷିନୀ ଦାଶ ଚୌଦ୍‌ବାର ଥାନାରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ପୁଲିସ ବିଏନ୍‌ଏସ ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା।

ଏହି ମାମଲାର ଗିରଫଦାରୀକୁ ଏଡ଼ାଇବା ଲାଗି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ଅଭିଯୁକ୍ତଙ୍କ ପକ୍ଷରୁ ଦାବି କରାଯାଇଥିଲା ଯେ, ମୂଳ ମିନିଟ୍ ବୁକ୍‌ଟି ହଜିଯାଇଛି କିମ୍ବା ପୂର୍ବତନ ଜେଲର ନେଇଯାଇଛନ୍ତି, ଯାହା ପାଇଁ ଷ୍ଟେସନ ଡାଏରୀ କରାଯାଇଛି। ମାତ୍ର ପୁଲିସ ଓ ସରକାରୀ ଆଇନଜୀବୀ ଆଗୁଆ ଜାମିନ ଆବେଦନକୁ କଡ଼ା ବିରୋଧ କରି ଦର୍ଶାଇଥିଲେ ଯେ ଅଭିଯୁକ୍ତ ବାରମ୍ବାର ନିଜର ବୟାନ ବଦଳାଉଛନ୍ତି । ତଦନ୍ତକାରୀ ଅଧିକାରୀ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ଅଭିଯୁକ୍ତ ମୁଖ୍ୟ ନଥିପତ୍ର ପ୍ରଦାନ ନକରି ତଦନ୍ତରେ ବାଧା ସୃଷ୍ଟି କରୁଛନ୍ତି। ଅଦାଲତ କହିଛନ୍ତି ଯେ ଏଭଳି ସମ୍ବେଦନଶୀଳ ମାମଲାରେ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ମିଳିଲେ ପୁଲିସର ଜେରା ଓ ମାମଲାର ନିରପେକ୍ଷ ତଦନ୍ତ ପ୍ରଭାବିତ ହେବ । ତେବେ ଅଭିଯୁକ୍ତ ଯଦି ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ନିୟମିତ ଜାମିନ ପାଇଁ ଆବେଦନ କରନ୍ତି, ତେବେ ନିମ୍ନ ଅଦାଲତ ହାଇକୋର୍ଟଙ୍କ ଏହି ରାୟରେ କୌଣସି ମତାମତ ଦ୍ୱାରା ପ୍ରଭାବିତ ନ ହୋଇ ସ୍ୱାଧୀନ ଭାବେ ଗୁଣାତ୍ମକ ଆଧାରରେ ଜାମିନ ଆବେଦନର ବିଚାର କରିବେ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି।

# ଖୋର୍ଦ୍ଧାରୋଡ ମଣ୍ଡଳର ପାଞ୍ଚଟି ପ୍ରମୁଖ ଷ୍ଟେସନରେ ପାର୍ସଲ୍ ସ୍କାନର୍ ମେସିନ୍ ସ୍ଥାପନ

ଜଟଣୀ, (ସବ୍ୟୁ): ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ ପାଞ୍ଚଟି ପ୍ରମୁଖ ରେଳ ଷ୍ଟେସନ ଯେପରିକି ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍, କଟକ ଓ ବ୍ରହ୍ମପୁରରେ ଆଧୁନିକ ପାର୍ସଲ୍ ସ୍କାନର୍ ମେସିନ୍ ସ୍ଥାପନ କରାଯାଇଛି । ପୂର୍ବତଟ ରେଳପଥର ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ ରୀତା ରାଜ, ଖୋର୍ଦ୍ଧାରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍.ଙ୍କ ଗରିମାମୟ ଉପସ୍ଥିତିରେ ଭୁବନେଶ୍ୱର ପାର୍ସଲ୍ କାର୍ଯ୍ୟାଳୟଠାରେ ଏହି ପାର୍ସଲ୍ ସ୍କାନର୍ ମେସିନ୍‌ର ଉଦ୍‌ଘାଟନ କରିଥିଲେ। ନୂତନ ଭାବେ ସ୍ଥାପିତ ଏହି ସ୍କାନର୍‌ଗୁଡ଼ିକ ପାର୍ସଲ୍‌ର ସୂକ୍ଷ୍ମ ଯାଞ୍ଚ କରିବା ସହ ଦହନଶୀଳ ଓ ଅଗ୍ନି-ବିପଜ୍ଜନକ ସାମଗ୍ରୀ, ବାଣ, ବିସ୍ଫୋରକ, ବେଆଇନ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଚିହ୍ନଟ କରିବାରେ ସହାୟକ ହେବ। ଏହା ରେଳ ପାର୍ସଲ୍ ପରିଚାଳନାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ।ଏହି ପାଞ୍ଚଟି ପ୍ରମୁଖ ଷ୍ଟେସନରେ ସ୍କାନିଂ ସୁବିଧାର ଆରମ୍ଭ ଟ୍ରେନ୍ ଯୋଗେ ବିପଜ୍ଜନକ ଓ ନିଷିଦ୍ଧ ସାମଗ୍ରୀର ପରିବହନ ରୋକିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରେଳ କର୍ମଚାରୀମାନଙ୍କୁ ପାର୍ସଲ୍‌ର ଅଧିକ ନିରାପଦ, ସୁରକ୍ଷିତ ଓ ଦକ୍ଷତାର ସହ ପରିଚାଳନା କରିବାରେ ସହାୟତା କରିବ। ଏହି ପଦକ୍ଷେପ ରେଳ ପାର୍ସଲ୍ ବ୍ୟବସ୍ଥାର ସୁରକ୍ଷା ଢାଞ୍ଚାକୁ ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କ ନିରାପତ୍ତାକୁ ଆହୁରି ବୃଦ୍ଧି କରିବ।




## ଅବକାରୀ ଚଢଉ , ତିନି ନିଶା ବେପାରୀ ଗିରଫ

କଟକ,(ସବ୍ୟୁ): ଅବକାରୀ ବିଭାଗ ସହରର ବିଭିନ୍ନ ସ୍ଥାନରେ ଚଢଉ କରି ତିନି ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ପାଖରୁ ମୋଟ ୨୮୦ ଲିଟର ଦେଶୀ ମଦ ଓ ୧୬୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଯାହାର ମୂଲ୍ୟ ପ୍ରାୟ ୧୭ ଲକ୍ଷ ଟଙ୍କା ହେବ । ସେହିପରି ନିଶାଦ୍ରବ୍ୟ ଚାଲାଣରେ ବ୍ୟବହୃତ ଦୁଇଟି ସ୍କୁଟି ଓ ଗୋଟିଏ ପାସେଞ୍ଜର ଅଟୋକୁ ମଧ୍ୟ ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଶନିବାର ପୂର୍ବାହ୍ନରେ ଏକ ପାସେଞ୍ଜର ଅଟୋରେ ବିପୁଳ ପରିମାଣର ମାଦକଦ୍ରବ୍ୟ ଚୋରା ଚାଲାଣ ସମ୍ପର୍କରେ ଅବକାରୀ ବିଭାଗକୁ ସୂଚନା ମିଳିଲା । ଏହାପରେ ଫ୍ଲାଇଂ ସ୍କ୍ୱାଡ ତୁରନ୍ତ ସଦର ଥାନା ଅନ୍ତର୍ଗତ ଉତ୍ତମାପୁର ଛକ ପେଟ୍ରୋଲ ପମ୍ପ ନିକଟରେ ଚଢଉ କରିଥିଲା । ସେଠାରୁ ବାଲିଅନ୍ତା ଥାନା ପରିଆପାଟପୁରର କିଶୋର କୁମାର ଦାସ(୪୦) ଧରାପଡିଥିଲା । ତଲାସି ବେଳେ ତା' ପାସେଞ୍ଜର ଅଟୋ ଭିତରୁ ୨୦୦ ଲିଟର ଦେଶୀ ମଦ ମିଳିଥିଲା । ଯାହାର ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ । ଏସଆଇ ଅମିତ ବିଶ୍ୱାଳ, ସଞ୍ଜୀବ କୁମାର ମୁଣ୍ଡା, ଗୌରାଙ୍ଗ ନାୟକ, ଚନ୍ଦ୍ରକାନ୍ତ ସାହୁ, ଜଗନ୍ନାଥ ସାହୁ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ । ଏହାର କିଛି ସମୟ ପରେ ପ୍ରତାପନଗରୀ ଛକରୁ ସ୍କୁଟିରେ ଦେଶୀ ମଦ ଚାଲାଣ କରୁଥିବା ଭୁବନେଶ୍ୱର ସାଲିଆ ସାହିର ରବୀନ୍ଦ୍ର ସୋରେନ ଧରାପଡିଥିଲା । ତା' ପାଖରୁ ୮୦ ଲିଟର ଦେଶୀ ମଦ ଜବତ ହୋଇଛି । ଯାହାର ମୂଲ୍ୟ ପ୍ରାୟ ୧୬ ହଜାର ଟଙ୍କା ହେବ ।

# ମହିଳା ସୁରକ୍ଷା ଓ ଯୌତୁକ ନିଷେଧ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

ଖୋର୍ଦ୍ଧା, (ସବ୍ୟୁ): ମହିଳାମାନଙ୍କୁ ଘରୋଇ ହିଂସା ଓ ଯୌତୁକ ନିର୍ଯାତନାରୁ ସୁରକ୍ଷା ପ୍ରଦାନ କରିବା ସହିତ ମହିଳା ସୁରକ୍ଷା ସମ୍ପର୍କିତ ଆଇନ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଅଧିନିୟମ-୨୦୦୫ ଏବଂ ଯୌତୁକ ନିଷେଧ ଆଇନ-୧୯୬୧ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

ଆଇନଜୀବୀ ତଥା ପୂର୍ବତନ ଶିଶୁ କଲ୍ୟାଣ ସମିତି ସଦସ୍ୟା ମାନସୀ ପାଢ଼ୀ ପ୍ରଶିକ୍ଷକ ଭାବେ ଯୋଗଦେଇ ମହିଳାମାନେ ଘରୋଇ ହିଂସା, ଶାରୀରିକ ଓ ମାନସିକ ନିର୍ଯାତନା, ଯୌତୁକ ଜନିତ ଅତ୍ୟାଚାର ଆଦିର ଶିକାର ହେଲେ କିଭଳି ଆଇନଗତ ସହାୟତା ପାଇପାରିବେ, ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ସମାଜର ସାମଗ୍ରିକ ଉନ୍ନତି ଓ ପ୍ରଗତି ପାଇଁ ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ସଶକ୍ତିକରଣ ଅତ୍ୟନ୍ତ ଆବଶ୍ୟକ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। କର୍ମଶାଳାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମସ୍ତ ପ୍ରୋଗ୍ରାମ ଅଫିସର (ପିଓ), ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), ଆଇନଜୀବୀ, ଡେପୁଟି ଚିଫ, ଡି.ଏଲ.ଏସ୍.ଏ, ଡି.ଏଚ୍.ଇ.ଡବ୍ଲ୍ୟୁ ଖୋର୍ଦ୍ଧା ହବ୍ ର କର୍ମଚାରୀ, ବିଭିନ୍ନ ଏନ୍‌ଜିଓ ର ସଭାପତି ଓ ସମ୍ପାଦକ, ଶକ୍ତି ସଦନର ସୁପରିଟେଣ୍ଡେଣ୍ଟ, ସଖୀ କେନ୍ଦ୍ରର ସେଂଟର ଆଡମିନିଷ୍ଟ୍ରେଟର, କେସ୍ ୱାର୍କର, କାଉନସେଲର୍, ଆଇନଜୀବୀ ଓ ଫ୍ୟାମିଲି କାଉନସେଲର୍ ପ୍ରମୁଖ ଯୋଗଦେଇଥିଲେ।




ଅଂଶଗ୍ରହଣକାରୀମାନେ ମହିଳା ନିର୍ଯାତନାର ବିଭିନ୍ନ ଦିଗ, ପୀଡ଼ିତାଙ୍କୁ ତୁରନ୍ତ ସହାୟତା, ଆଇନଗତ ସୁରକ୍ଷା ଏବଂ ସମାଜରୁ ମହିଳା ନିର୍ଯାତନା ଦୂର କରିବା ନେଇ ଆଲୋଚନା କରିଥିଲେ। ଶେଷରେ ଡିସି ହବ୍ ର ସମିତା ମହାନ୍ତି ଉପସ୍ଥିତ ସମସ୍ତ ଅତିଥି, ପ୍ରଶିକ୍ଷକ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡିଶାର ବିଜେପି ସାଂସଦଙ୍କୁ ବିରୋଧୀ ଦଳ ନେତା ନବୀନଙ୍କ ପତ୍ର

# ବିବେକର ସ୍ୱରକୁ ଶୁଣନ୍ତୁ, ଭବିଷ୍ୟତ ପିଢ଼ି ବିଷୟରେ ଚିନ୍ତା କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): ନିକଟରେ ପାର୍ଲିଆମେଣ୍ଟ ରେ ବିବାଦୀୟ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ଗୃହୀତ ହୋଇଛି ଯାହା ଦ୍ୱାରା କି ଓଡିଶା ର ପ୍ରଭୂତ କ୍ଷତି ହୋଇଛି। ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡିଶାରୁ ନିର୍ବାଚିତ କୋଡିଏ ଜଣ ବିଜେପି ସାଂସଦ ଙ୍କୁ ପତ୍ର ଲେଖି ଓଡିଶା ଓ ଓଡିଶା ବାସୀଙ୍କ ସ୍ୱାର୍ଥ ର ସୁରକ୍ଷା ପାଇଁ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ କୁ ପ୍ରତ୍ୟାହାର ପାଇଁ ଦାବୀ କରିବାକୁ ଆହ୍ୱାନ ଜଣାଇଛନ୍ତି। ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ର ରେ କହିଛନ୍ତି ଯେ " ଆମ ପାର୍ଲିଆମେଣ୍ଟ ହେଉଛି ଭାରତୀୟ ଗଣତନ୍ତ୍ର ର ସର୍ବୋଚ୍ଚ ମନ୍ଦିର।ଜଣେ ସାଂସଦ ଭାବରେ ଆପଣ ମାନେହିଁ ଗଣତନ୍ତ୍ର ର ଏହି ସର୍ବୋଚ୍ଚ ଫୋରମ ରେ ଓଡିଶା ବାସୀଙ୍କ ସ୍ୱରର ପ୍ରତିନିଧିତ୍ୱ କରିଆସୁଛନ୍ତି। ଓଡ଼ିଶାବାସୀ ସେମାନଙ୍କ ସ୍ୱାର୍ଥ ର ସୁରକ୍ଷା ପାଇଁ ବିଶ୍ୱାସ ର ସହ ଆପଣ ମାନଙ୍କୁ ନିର୍ବାଚିତ କରିଛନ୍ତି।କିନ୍ତୁ ଗଭୀର ଉଦବେଗ ର ବିଷୟ ଏହିକି ଯେ ଆପଣମାନେ ଏ ଭଳି ଏକ ମନମୁଖୀ ବିଧେୟକ କୁ ସମର୍ଥନ କରି କେବଳ ଓଡିଶା ର କ୍ଷତି କରିନାହାନ୍ତି, ବରଂ ଲୋକ ଙ୍କ ବିଶ୍ୱାସ ଉପରେ କୁଠାରଘାତ କରିଛନ୍ତି।" ଅଗଷ୍ଟ ୧୩ ୨୦୨୬ ଦିନ ଆପଣ ମାନଙ୍କ ସମର୍ଥନରେ ପାର୍ଲିଆମେଣ୍ଟ ରେ ଗଗଉଜ ସଂଶୋଧନ ଆଇନ ଗୃହୀତ ହୋଇଥିଲା। ଏହି ଦିନଟିକୁ ଓଡିଶାବାସୀ ଏକ କଳା



ଦିବସ ଭାବରେ ମନେ ରଖିବେ ବୋଲି ମତ ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡିଶା ର ସ୍ୱାର୍ଥ ଓ ଆମ ପିଲାଙ୍କ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଉଥିବା ଏହି ଆଇନ ଆପଣ ମାନଙ୍କ ଉପସ୍ଥିତିରେ ମାତ୍ର ଦଶ ମିନିଟ ର ଆଲୋଚନା ରେ ଗୃହୀତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ର ରେ ଉଲ୍ଲେଖ କରିଛନ୍ତି ଯେ " ଏମ୍ଏମ୍ଡିଆର ସଂଶୋଧନ ଆଇନ ଏକ ସାଧାରଣ ଆଇନ ନୁହେଁ। ଏହା ଦ୍ୱାରା ଓଡିଶା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବ। ଦେଶ ର ଖଣିଜ ସମ୍ପଦ ର ୪୪ ପ୍ରତିଶତ ଓଡିଶାରେ ହିଁ ମହଜୁଦ ରହିଛି ଏବଂ ଦୀର୍ଘ ଦଶନ୍ଧି ଧରି , ଦେଶ ର ଶିଳ୍ପ, ଭିତ୍ତିଭୂମି, ଶକ୍ତି, ଇସ୍ପାତ ଓ ଖଣି କ୍ଷେତ୍ର ର ବିକାଶ ପାଇଁ ଓଡିଶା ର ସମ୍ପଦ ର ମହତ୍ୱପୂର୍ଣ୍ଣ ଯୋଗଦାନ ରହି ଆସିଛି। ଓଡିଶା ଓ ତାର ଲୋକ ମାନଙ୍କ ବିପୁଳ ଅବଦାନ ଭାରତକୁ ଶକ୍ତିଶାଳୀ କରି ଆସିଛି। ଏହି ଆଇନ ଦ୍ୱାରା ଓଡିଶା ବାର୍ଷିକ ବାର ହଜାର କୋଟି ଟଙ୍କାର କ୍ଷତି ସହିବା ତା ସହିତ ସମୟକ୍ରମେ ଏହି କ୍ଷତି ଲକ୍ଷ ଲକ୍ଷ କୋଟି ଟଙ୍କା ରେ ପହଂଚିବ ବୋଲି ପ୍ରକାଶ କରିବାସହ ଶ୍ରୀ ପଟ୍ଟ ନାୟକ କହି ଛନ୍ତି ଯେ ସବୁଠାରୁ ଦୁଃଖ ର କଥା ଯେ ଏତେ ବଡ଼ ଅନ୍ୟାୟ ଆପଣ ମାନଙ୍କ ଗୋଚର ରେ ହିଁ ଘଟିଛି। ଆପଣ ମାନଙ୍କ ଗୋଚରରେ ହିଁ ଆମେ ଆମ ଖଣି ଓ ଖଣି ଅଞ୍ଚଳ ଉପରୁ ଆମ ଅଧିକାର ହରାଇଛୁ। ଶ୍ରୀ ପଟ୍ଟ ନାୟକ କହିଛନ୍ତି ଯେ ଏହି ଆଇନ ଓଡିଶା ର ଯୁବ ସମାଜ ଓ ପିଲା ମାନଙ୍କ ଭବିଷ୍ୟତ ପ୍ରତି ଗଭୀର ଅନ୍ୟାୟ କରିଛି। ଆମ ଖଣିଜ ସମ୍ପଦ ଉପରେ ସେମାନଙ୍କ ଅଧିକାର ଉପରେ କୁଠାରଘାତ କରିଛି। ଦୀର୍ଘ ଦିନ ଧରି ଖଣି ପାଇଁ ପ୍ରଦୂଷଣ, ବିସ୍ଥାପନ, ପରିବେଶ ଅବକ୍ଷୟ ଓ ଖଣି କାର୍ଯ୍ୟ ର ବିପଦ ଜନକ କୁପ୍ରଭାବ ସହୁଥିବା ଓଡିଶା ବାସୀଙ୍କ ପ୍ରତି ଏହା କେବଳ ଅନ୍ୟାୟ ନୁହେଁ ବରଂ ସଶକ୍ତ ଓଡିଶାର ସ୍ୱପ୍ନ ପ୍ରତି ଏକ ବଡ଼ ଆଘାତ।

ଏହି ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟ ନାୟକ ବିଜେପି ସାଂସଦ ମାନଙ୍କୁ ଅନୁରୋଧ କରି କହିଛନ୍ତି ଯେ ସେମାନେ ସେମାନଙ୍କ ବିବେକ ର ସ୍ୱର କୁ ଶୁଣନ୍ତୁ , ଓଡିଶା ର ଭବିଷ୍ୟତ ପିଢ଼ି ପାଇଁ ଚିନ୍ତା କରନ୍ତୁ। ଖଣି କ୍ଷେତ୍ର ରେ ଥିବା ରାଜ୍ୟ ଅଧିକାର କୁ ଛଡେଇ ନେଇଥିବା ଏହି ଆଇନ କୁ ବିରୋଧ କରିବା ସହ ଏହାର ପ୍ରତ୍ୟାହାର ପାଇଁ ଦାବୀ କରିବାକୁ ଶ୍ରୀ ପଟ୍ଟ ନାୟକ ବିଜେପି ସାଂସଦ ମାନଙ୍କୁ ଅନୁରୋଧ କରିଛନ୍ତି। ଏହି ସମୟ ରେ ଓଡିଶା ଓ ଓଡ଼ିଶା ବାସୀଙ୍କ ସ୍ୱାର୍ଥ ର ସୁରକ୍ଷା ପାଇଁ ବିଜେପି ଲଢେଇ କରିବ କି ନାହିଁ ତାହା ବିଜେପି ସାଂସଦ ମାନଙ୍କ ବିଚାର ଉପରେ ନିର୍ଭର କରେ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଛନ୍ତି

### ଏମ୍ଏମ୍ଡିଆର ସଂଶୋଧନ ବିଲ୍ -୨୦୨୬କୁ ନେଇ ନବୀନଙ୍କ ପତ୍ରର ପତ୍ୟୁତ୍ତର ରଖିଲେ ସାଂସଦ

# ତଥ୍ୟକୁ ଗୋପନ ରଖି ମିଛରେ ଭୟ ସୃଷ୍ଟି କରି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଅନୁଚିତ୍ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ଅଧିନିୟମ, ୨୦୨୬କୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ସାଂସଦମାନଙ୍କୁ ଦେଇଥିବା ଚିଠିର ପ୍ରତ୍ୟୁତ୍ତର ରଖିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତଥ୍ୟକୁ ଗୋପନ ରଖି ଏବଂ ମିଛରେ ଭୟ ସୃଷ୍ଟି କରି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ସେ ପତ୍ରରେ ପ୍ରକାଶ କରିଛନ୍ତି। ସାଂସଦ ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗଣତନ୍ତ୍ରରେ ରାଜନୈତିକ ଆଲୋଚନା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ହେଁ, ସଂସଦରେ ଓଡ଼ିଶାର ସ୍ୱର ଭାବରେ ଜାତୀୟ ବିକାଶ ସହ ରାଜ୍ୟର ଅର୍ଥନୀତିର ବ୍ୟାପକତା ଏବଂ ସଂରଚନାଗତ ସ୍ୱାର୍ଥ ରକ୍ଷା କରିବା ଆମର ପ୍ରାଥମିକ ଦାୟିତ୍ୱ । ଏମଏମଡିଆର ସଂଶୋଧନ ଅଧିନିୟମ, ୨୦୨୬ ହେଉଛି ଏକ ଐତିହାସିକ ପଦକ୍ଷେପ ଯାହା ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ, ରାଜ୍ୟ ରାଜସ୍ୱର ସୁରକ୍ଷା ଏବଂ ନାଗରିକମାନଙ୍କୁ ମୁଦ୍ରାସ୍ଫୀତିରୁ ରକ୍ଷା କରିବ।

ଓଡ଼ିଶା ନିଜର ରାଜସ୍ୱ ଅଂଶ ହରାଇବ ବୋଲି ବିରୋଧୀ ଦଳ ନେତାଙ୍କ ଆଶଙ୍କା ସମ୍ପୂର୍ଣ୍ଣ ତଥ୍ୟହୀନ । ନୂତନ ଆଇନ ଅନୁଯାୟୀ, ଖଣି କ୍ଷେତ୍ରରୁ ମିଳୁଥିବା ମୋଟ ରାଜସ୍ୱର ପ୍ରାୟ ୯୦% ସିଧାସଳଖ ରାଜ୍ୟ ରାଜକୋଷକୁ ଯିବ । ଓଡ଼ିଶା ନିଜର ନିଲାମ ପ୍ରିମିୟମର ୧୧୦%, ରୟାଲଟିର ୧୫% ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠିର ସମସ୍ତ ଅଂଶ ପୂର୍ବପରି ପାଇବ । ଅପରପକ୍ଷରେ ୨୦୧୪ ପୂର୍ବରୁ ମନମୁଖୀ ଭାବରେ ଅସ୍ୱଚ୍ଛ ଉପାୟରେ ନିଜ ପସନ୍ଦର ପରିବାର ଓ ସଂସ୍ଥାମାନଙ୍କୁ ଖଣି ବଣ୍ଟନ କରାଯାଉଥିଲା, ଯାହାଫଳରେ ଓଡ଼ିଶାର ବାର୍ଷିକ ଖଣି ରାଜସ୍ୱ ମାତ୍ର ୫,୦୦୦ କୋଟି ଟଙ୍କାରେ ସୀମିତ ଥିଲା।୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ ଏମଏମଡିଆର ସଂଶୋଧନ ଦ୍ୱାରା ସ୍ୱଚ୍ଛ ଇ-ନିଲାମ ଏବଂ ରୟାଲଟି ୧୦% ରୁ ୧୫% କୁ ବୃଦ୍ଧି କରାଯାଇଥିଲା। ଫଳରେ ରାଜ୍ୟର ବାର୍ଷିକ ଖଣି ରାଜସ୍ୱ ଦଶଗୁଣ ବୃଦ୍ଧି ପାଇ ପ୍ରାୟ ୫୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି ।



ଖଣିଜ ଜମି ଉପରେ ଅନିୟନ୍ତ୍ରିତ ଓ ମନମୁଖୀ ଶୁଳ୍କ ଲଗାଇବା ଦ୍ୱାରା କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଏବଂ ଯାଜପୁର ଭଳି ଶିଳ୍ପାଞ୍ଚଳରେ ଖଣି ଓ ଶିଳ୍ପ ବନ୍ଦ ହେବାର ଆଶଙ୍କା ଥିଲା, ଯାହା ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି କରିଥାନ୍ତା। ଏହାସହ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ୍ ଓ କୋଇଲା କଞ୍ଚାମାଲ ଖର୍ଚ୍ଚ ବୃଦ୍ଧି ପାଇ ରାଜ୍ୟର ସାଧାରଣ ମଧ୍ୟବିତ୍ତ ପରିବାର ଉପରେ ବୋଝ ହୋଇଥାନ୍ତା। ଧାରା ୯ଡି ଏହି ଅନିୟନ୍ତ୍ରିତ କରକୁ ରୋକିବା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରିଛି ବା ଏଭଳି ବିପଦର ଆଶଙ୍କା ଦୂରେଇ ଯାଇଛି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ୨୦୧୫ରୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ଡିଏମଏଫ୍ ମାଧ୍ୟମରେ ଓଡ଼ିଶାର ଖଣି ଅଞ୍ଚଳଗୁଡ଼ିକର ବିକାଶ ପାଇଁ ୩୭,୦୦୦ କୋଟିରୁ ଅଧିକ ଟଙ୍କା ମିଳିଛି । ବିରୋଧୀ ଦଳ ନେତା ଦଳୀୟ ମନୋଭାବରୁ ଊର୍ଦ୍ଧ୍ୱକୁ ଯାଇ ରାଜ୍ୟର ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରୁଥିବା ଏହି ଐତିହାସିକ ଆଇନକୁ ସମର୍ଥନ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

## ଆକାଶ ଛୁଆଁ ପରିବା ଦର, ଚିନ୍ତାରେ ଖାଉଟି

ନିମାପଡ଼ା,(ସବ୍ୟୁ) : ନିମାପଡ଼ା ଅଂଚଳରେ ଥିବା ବିଭିନ୍ନ ହାଟ ଓ ବଜାରରେ ପନି ପରିବା ଦର ଅହେତୁକ ବୃଦ୍ଧି ଖାଉଟିଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ହାଟ ବଜାରକୁ ୫୦୦ ଟଙ୍କା ନେଇ ଗଲେ ଗୋଟିଏ ଛୋଟ ଜରି ବ୍ୟାଗ ପୁରୁ ନଥିବା ଲୋକେ କହୁଛନ୍ତି । ନିମାପଡ଼ା ଅଂଚଳରେ ଥିବ ବିଭିନ୍ନ ହାଟ, ଛକ ଓ ବଜାରରେ ପିଆଜ କେଜି ପ୍ରତି ୬୦ଟଙ୍କା, ବାଇଗଣ ୭୦, କାଙ୍କଣ ୭୦ରୁ ୮୦, ପୋଟଳ ୮୦, ଝୁଡଙ୍ଗ ୮୦,କଲରା ୭୦, ବିନ ୧୦୦, ବନ୍ଧା କୋବି କେଜି ୪୦, ଟମାଟୋ କେଜି ପ୍ରତି ୪୦ ଟଙ୍କାରେ ବିକ୍ରି ହେଉଛି । ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ର ଦର ବୃଦ୍ଧି ପାଇଥିବା ବେଳେ କିଛି ଦିନ ହେବ ହଠାି ପନି ପରିବା ଦର ବୃଦ୍ଧି ପାଇବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ପକେଟ କୁ ବାଧୁଛି । ନିମାପଡ଼ା,ବଳଙ୍ଗା, ଚାରିଛକ ଅଂଚଳର ବିଲ ବାଡ଼ି ଏବଂ ନଦୀ ପଠାରେ ଚାଷୀ ବିଭିନ୍ନ ପନିପରିବା ଫସଲ କରିଥାଆନ୍ତି । ଲାଗିରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଧନୁଆ ଓ କୁଶଭଦ୍ରା ନଦୀ ରେ ବନ୍ୟା ଜଳ ଆସିବାରୁ ବହୁ ପନିପରିବା ଫସଲ ନଷ୍ଟ ହେବା ଯୋଗୁଁ ଦର ବୃଦ୍ଧିର କାରଣ ହୋଇଥିବା ପରିବା ବ୍ୟବସାୟୀ ସୁଶାନ୍ତ ସାହୁ,ଡିହବାରୀ ଗ୍ରାମର ଅମୂଲ୍ୟ ସେନାପତି ପ୍ରମୁଖ ପ୍ରକାଶ କରିଛନ୍ତି ।

### ସିଏମ୍ସିରେ ଦୁର୍ନୀତି ଓ ଅନିୟମିତତା ବିରୋଧରେ

# ଓଡ଼ିଶା ଜନତା କଂଗ୍ରେସର ଜନସଚେତନତା ରାଲି

କଟକ, (ସ୍ୱପ୍ର): କଟକ ମହାନଗର ନିଗମ (କେଏମ୍ସି)ରେ ଚାଲିଥିବା ବ୍ୟାପକ ଅନିୟମିତତା, ଦୁର୍ନୀତି ଏବଂ ସହରର ବିଭିନ୍ନ ନାଗରିକ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ



ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ବିଶାଳ ଜନସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । କଟକ ସହର ସଭାପତି ଗିରିବାଳା ବେହେରାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନ ସ୍ଥାନୀୟ ବକ୍ସି ବଜାର ସ୍ଥିତ ଗୋପବନ୍ଧୁ ବାଗରୁ ବାହାରି ସହରର ପ୍ରମୁଖ ରାସ୍ତା ପରିକ୍ରମା କରିବା ସହ ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଦଳୀୟ ନେତୃବୃନ୍ଦ ଓ ବକ୍ତାମାନେ ପୌର କର୍ତ୍ତୃପକ୍ଷଙ୍କ ବିଫଳତା ଏବଂ ଜନବିରୋଧୀ ନୀତିକୁ ନେଇ କଡ଼ା ସମାଲୋଚନା କରିଥିଲେ । ଦଳ ପକ୍ଷରୁ ସିଏମସିର ବିଭିନ୍ନ ବିଭାଗରେ ହୋଇଥିବା ଅନିୟମିତତାର ଭିଜିଲାନ୍ସ ତଦନ୍ତ ସହ ଜନସ୍ୱାର୍ଥ ସମ୍ବଳିତ ଏକାଧିକ ଦାବି ଉପସ୍ଥାପନ କରାଯାଇଛି । ବିଶେଷ କରି ଓପନ୍ ଜିମ୍ ଯନ୍ତ୍ରାଂଶ କିଣାରେ ହୋଇଥିବା ଦୁର୍ନୀତିର ତୁରନ୍ତ ତଦନ୍ତ, ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ସୁଧାର, ହୋଡ଼ିଂ ଟେଣ୍ଡର କାର୍ଯ୍ୟକାରୀ କରିବା ଏବଂ ବୁଲା କୁକୁର ଓ ଷ,, ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆହ୍ୱାନ ଦିଆଯାଇଛି । ଏତଦ୍ବ୍ୟତୀତ ରାସ୍ତାଘାଟରେ ଅଚଳ ହୋଇପଡ଼ିଥିବା ଷ୍ଟ୍ରିଟ୍ ଲାଇଟ୍, ହାଇମାଷ୍ଟ ଓ ସେମି-ହାଇମାଷ୍ଟ ଲାଇଟଗୁଡ଼ିକୁ ତୁରନ୍ତ ମରାମତି କରିବା, ଡ୍ରେନ୍ ସଫେଇ ନାଁରେ ଚାଲିଥିବା ଅର୍ଥ ହରିଲୁଟ ବନ୍ଦ କରି କୃତ୍ରିମ ବନ୍ୟା ଦାଉରୁ କଟକବାସୀଙ୍କୁ ରକ୍ଷା କରିବା ଏବଂ ଜନ୍ମ-ମୃତ୍ୟୁ ପଞ୍ଜୀକରଣ ବିଭାଗକୁ ଦଲାଲ ମୁକ୍ତ କରିବାକୁ ଦାବି କରାଯାଇଛି । ଏହି ଅବସରରେ ମଶା ତେଲ କିଣା ଓ ସ୍ପ୍ରେ ନାଁରେ ହେଉଥିବା ବ୍ୟାପକ ଅନିୟମିତତାକୁ ରୋକିବା ସହ ଐତିହାସିକ ଡିଅର୍ ପାର୍କ ଏବଂ ଅନ୍ୟାନ୍ୟ ସହରୀ ପାର୍କଗୁଡ଼ିକର ପୁନରୁଦ୍ଧାର ଓ ସବୁଜିକରଣ ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଚକ୍ରଧରପୁରଠାରେ ଜବରଦସ୍ତି ଗାର୍ବେଜ୍ ଡମ୍ପିଂୟାର୍ଡ କରିବା ପ୍ରକ୍ରିୟା ଓ ଟେଣ୍ଡରକୁ ତୁରନ୍ତ ରଦ୍ଦ କରିବା ପାଇଁ ଚେତାବନୀ ଦିଆଯାଇଛି । ନିଗମ କର୍ତ୍ତୃପକ୍ଷ ଆଗାମୀ ଦିନରେ ଏହି ଦାବିଗୁଡ଼ିକ ଉପରେ ଦୃଢ଼ ପଦକ୍ଷେପ ନନେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛ । ଏଥିରେ ରାଜ୍ୟ ଉପସଭାପତି ନିକୁଞ୍ଜ ପସାୟତ, ଅନିଲ ବେଉରା, ସୂର୍ଯ୍ୟକାନ୍ତ ରାଉତ, ଅନିତା ନାୟକ, କେଦାର ପୃଷ୍ଟି, ବିରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଶୋନୁ ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ ।



ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାରରେ ସମ୍ମାନୀତ ହେବା ପରେ
'ସମୟ'ର ସ୍ପୋର୍ଟସ୍ ରିପୋର୍ଟର ଶକ୍ତି ପ୍ରକାଶ ନନ୍ଦଙ୍କୁ 'ସମୟ' ପରିବାର ପକ୍ଷରୁ ସମ୍ବର୍ଦ୍ଧନା ।

# ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ସୋମବାର ଅଗଷ୍ଟ ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଆସନ୍ତା ସୋମବାର ୩୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୨୪ ଲକ୍ଷ ଠକେଇ, କର୍ମଚାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମ୍ପାନୀର ୨୪ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଓଡିଶା ଦାୟିତ୍ୱରେ ଥିବା ସୁନିଲ ପରିଡା (୩୪)କୁ ଇନ୍ଫୋଭାଲି ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । କମ୍ପାନୀ ମୁଖ୍ୟ ଅମର ଯୋଶୀଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି କମ୍ପାନୀ ଟଙ୍କା ଠକେଇ ସମ୍ପର୍କରେ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅମର ଯୋଶୀ ଇନ୍ଫୋଭାଲି ଥାନା ଅନ୍ତର୍ଗତ ଓଗଳପଡା ବଡସାହି ସ୍ଥିତ ସାମଲବାବୁ ହାଉସ ୧୦୧ ରେ ରହୁଥିବା ବେଳେ "ଫ୍ୟୁଟୟୋର୍କ ଇଣ୍ଟରନ୍ୟାସନାଲ ଫୁଡ୍' କମ୍ପାନୀର ମ୍ୟାନେଜିଂ ହେଡ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଅଭିଯୁକ୍ତ ସୁନିଲ ପରିଡାଙ୍କୁ କମ୍ପାନୀ ତରଫରୁ ଓଡିଶାରେ ବ୍ୟବସାୟ କାର୍ଯ୍ୟ ପରିଚାଳନା ଓ ତଦାରଖ ପାଇଁ କନ୍ସଲଣ୍ଟାଣ୍ଟ ଭାବେ ନିଯୁକ୍ତ କରାଯାଇଥିଲା । କମ୍ପାନୀର ସାମଗ୍ରୀ ନେଇ ବିଭିନ୍ନ ଡିଲରଙ୍କୁ ଯୋଗାଇବା ସହ ସେମାନଙ୍କ ଠାରୁ ବିକ୍ରିର ଟଙ୍କା ଆଦାୟ କରି କମ୍ପାନୀରେ ଜମା କରିବାକୁ ଦାୟିତ୍ୱ ଦିଆଯାଇଥିଲା । ଅଭିଯୋଗ ଅନୁସାରେ ସୁନିଲ ପରିଡା ବିଭିନ୍ନ ଡିଲରଙ୍କ ଠାରୁ ପ୍ରାୟ ୨୪ ଲକ୍ଷ ଟଙ୍କା ଆଦାୟ କରିଥିଲା । କିନ୍ତୁ ସେହି ଟଙ୍କା କମ୍ପାନୀରେ ଜମା କରିନଥିଲା । ଅଭିଯୋଗକାରୀ ଟଙ୍କା ଜମା କରିବାକୁ କହିବାରୁ ସୁନିଲ ପରିଡା ତାଙ୍କୁ ଧମକ ଦେଇ ଟଙ୍କା ଜମା କରିବାକୁ ମନା କରିଥିଲା । କମ୍ପାନୀ ପକ୍ଷରୁ ଆପୋଲ ହାଉସକୁ ପ୍ରାୟ ୧ ଲକ୍ଷ ୮୦ ହଜାର ଟଙ୍କାର ସାମଗ୍ରୀ ଦିଆଯାଇଥିଲା ବକେୟା ଟଙ୍କା ପୈଠ କରିବାକୁ ଆପୋଲ ହାଉସର ମାଲିକ ଜିତେନ୍ଦ୍ର ସେନାପତିଙ୍କୁ କୁହାଯିବାରୁ ସେ କମ୍ପାନୀକୁ ଟଙ୍କା ଦେବା ପରିବର୍ତ୍ତେ ଅଭିଯୁକ୍ତ ସୁନିଲ ପରିଡାକୁ ଟଙ୍କା ଦେବେ ବୋଲି କହିଥିଲେ । ବାରମ୍ବାର ଟଙ୍କା ମାଗିବା ସତ୍ତ୍ୱେ ବକେୟା ଟଙ୍କା କମ୍ପାନୀରେ ଜମା କରାଯାଇନଥିଲା । ଫଳରେ କମ୍ପାନୀର ଆର୍ଥିକ କ୍ଷତି ହୋଇଥିଲା ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ଇନ୍ଫୋଭାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ସୁନିଲ ପରିଡାକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ଝୁଲଣ ଶତବାର୍ଷିକୀ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ଥାନା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମର ଅଧିଷ୍ଠିତା ଠାକୁର ଶ୍ରୀ ଶ୍ରୀ ଗୋପୀନାଥ ଦେବ ଙ୍କର ଶତବାର୍ଷିକୀ ଝୁଲଣ ଉତ୍ସବ ଆଡ଼ମ୍ବର ସହକାରେ ଦୀର୍ଘ ସାତ ଦିନ ଧରି ବିଜେସ୍ଥଳୀ ସତ୍ୟଭାମାପୁର ଠାରେ ୨୯ ତାରିଖ ସଂଧ୍ୟାରେ ଉଦଯାପିତ ହୋଇଯାଇଛି। ସୁଶୋଭିତ ବିମାନରେ ମହାପ୍ରଭୁ ଶ୍ରୀ ଗୋପୀନାଥ,ମାତା ଶ୍ରୀ ରାଧା ଓ ମା ଦୁର୍ଗା ଆସୀନ ହେବାପରେ ପ୍ରତ୍ୟହ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ,ଭଜନ, ଜଣାଣ ର ଭକ୍ତି ଅର୍ଘ୍ୟ ବାଢ଼ି ଠାକୁର ଠାକୁରାଣୀଙ୍କୁ ଝୁଲା ଯାଉଥିଲା। ଦୀର୍ଘ ଶହେ ବର୍ଷ ତଳେ ଝୁଲଣର ଆଦ୍ୟ ପ୍ରବର୍ତ୍ତକ ସ୍ୱର୍ଗତ ଭଗବାନ ଦାସ ତାଙ୍କର ପୁତ୍ର ଚିନ୍ତାମଣି ଦାସଙ୍କ ଜନ୍ମ ବର୍ଷରେ ଏହି ଝୁଲଣ ଉତ୍ସବର ଆୟୋଜନ କରିଥିବାରୁ ଉଭୟଙ୍କ ସ୍ମୃତି ଚାରଣ କରାଯାଇ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଇଥିଲା। ପୀଢ଼ି ର ସନ୍ତାନ ମାନଙ୍କ ଦ୍ୱାରା ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମଟିରେ ସତ୍ୟଭାମାପୁର ଗ୍ରାମ କରଣ ସାହିର ବ୍ୟକ୍ତି ବିଶେଷଙ୍କ ଅକୁଣ୍ଠ ସହଯୋଗ ଉତ୍ସବଟିକୁ ଆହୁରି ର ସମୟ ଏବଂ ମନୋଜ୍ଞ କରିଥିଲା। ଏ ଅବସରରେ ଆଖପାଖର ପ୍ରାୟ ଚଉଦ ଗୋଟି ଗ୍ରାମର ଭଗବତ ପ୍ରେମୀ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ଆହୁରି ଆକର୍ଷଣୀୟ ହୋଇ ଥିଲା। ସମସ୍ତଙ୍କ ପାଇଁ ପ୍ରତିଦିନ ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଶତବାର୍ଷିକୀ ଝୁଲଣ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ସ୍ୱର୍ଗତ ଚିନ୍ତାମଣି ଦାସଙ୍କ ପରିବାର ଓ ସତ୍ୟଭାମାପୁର କରଣ ସାହିର ଅଧିବାସୀ ମାନେ ଆନନ୍ଦ ପ୍ରକାଶ କରିଛନ୍ତି ବୋଲି ପୀଢ଼ି ର ଜ୍ୟେଷ୍ଠ ପୁତ୍ର ଡ଼. ମନୋରଞ୍ଜନ ଦାସଙ୍କ ସହ, ଚିତ୍ତରଞ୍ଜନ ଦାସ ଓ ପ୍ରିୟରଞ୍ଜନ ଦାସ ଜଣାଇଛନ୍ତି।

## ଛେଳି ଚୋରୀ କରି ନେବା ବେଳେ ଧରା ପଡ଼ିଲେ ୪ ଚୋର, ୯ ଛେଳି ଓ ୨ କାର ଜବତ

ନିମାପଡ଼ା,(ସ.ବ୍ୟୁ): ଶୁକ୍ରବାର ରାତ୍ରରେ ଚାରିଛକ ଥାନା ଅନ୍ତର୍ଗତ ଚଉରାଶି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଗୁହାଳରୁ ଛେଳି ଚୋରୀ କରି ୨ଟି କାରରେ ନେବା ବେଳେ ଗ୍ରାମବାସୀଙ୍କ ହାତରେ ଧରା ପଡିଛନ୍ତି ୪ ଛେଳି ଚୋର । ଗ୍ରାମବାସୀ ମାନେ ଛେଳି ଚୋରଙ୍କୁ ଚାରିଛକ ଥାନା ପୁଲିସ ର ଜିମା ଦେଇଛନ୍ତି । ପୁଲିସ ୪ ଚୋରଙ୍କୁ ଥାନାରେ ଅଟକ ରଖିବା ସହିତ ୯ ଟି ଛେଳି ଓ ୨ଟି କାରକୁ ଜବତ କରିଥିବା ଜଣାପଡିଛି । ପ୍ରକାଶ ଯେ, ଚାରିଛକ ଥାନା ଅନ୍ତର୍ଗତ ଚଉରାଶି ଗ୍ରାମର ସୁରେନ୍ଦ୍ର ତ୍ରିପାଠୀ ଙ୍କ ଗୁହାଳରୁ ଗତ ଶୁକ୍ରବାର ରାତ୍ରରେ ୨ଟି କାରରେ ଚୋରମାନେ ଆସି ଛେଳି ଚୋରୀ ନେଉଥିଲେ । ଡିହସାହି ଗ୍ରାମ ନିକଟରେ ରାସ୍ତା କାଦୁଅ ଥିବାରୁ କାରର ଚକ ଆଗକୁ ଗଡି ନଥିଲା । ଗ୍ରାମ ବାସୀ ମାନେ ଉଠି ଦେଖନ୍ତି କାର ଭିତରେ ଛେଳି ବୋବାଉଛନ୍ତି । ଗ୍ରାମବାସୀ ମାନେ ୪ ଜଣ ଚୋରଙ୍କୁ ଧରି ଚାରିଛକ ଥାନାକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ୪ ଚୋର , ୯ଟି ଛେଳି ଓ ୨ଟି କାର କୁ ଥାନାକୁ ଆଣିଥିଲା । ପୁଲିସ ଧରାପଡ଼ିଥିବା ୪ ଚୋର ଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

# ମିନି ମାରାଥନରେ ଭାଗ ନେଲେ ଶତାଧିକ ବିଦ୍ୟାର୍ଥୀ

କଟକ, (ସ୍ୱପ୍ର): ଫିଟନେସ୍, ଶୃଙ୍ଖଳା, ଦୃଢ଼ତା ଓ କ୍ରୀଡ଼ା ଉତ୍କର୍ଷ ଭାବନା ସହିତ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଜାତୀୟ କ୍ରୀଡ଼ା ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ





୧୦୦ରୁ ଅଧିକ ବିଦ୍ୟାର୍ଥୀ, ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ଡ. ଜୟପ୍ରକାଶ ଭଟ୍ଟ ମୁଖ୍ୟଅତିଥି ଭାରତୀୟ ଭଲିବଲ୍ (ମହିଳା) ଖେଳାଳି ଶିବାନୀ ପ୍ରିୟଦର୍ଶିନୀ, ବିଶିଷ୍ଟ ଅତିଥିବୃନ୍ଦ, ବିଦ୍ୟାର୍ଥୀ, ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସ୍ୱାଗତ କରି ବିଦ୍ୟାର୍ଥୀ ଜୀବନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଶିବାନୀ ପ୍ରିୟଦର୍ଶିନୀ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ବିକାଶ କ୍ଷେତ୍ରରେ ଗୁରୁଦେବ ଶ୍ରୀଶ୍ରୀ ରବି ଶଙ୍କରଙ୍କ ଦୂରଦୃଷ୍ଟି ଓ ମହ%ପୂର୍ଣ୍ଣ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ । ପୂର୍ବରୁ ଆୟୋଜିତ ସ୍ପୋର୍ଟସ୍ କୁଇଜ୍ ପ୍ରତିଯୋଗିତାରେ ମିସ୍ କେସର ଅଗ୍ରୱାଲ (ବିବିଏ), ଶ୍ରୀ ମଞ୍ଜିତ ପାତ୍ର (ଏଫଓଏ) ଏବଂ ଶ୍ରୀ ଭବାନୀ ପ୍ରସାଦ ଦାସ (ଏଫଇଟି) ବିଜେତା ହୋଇଥିଲେ । ଏଥିସହ ଆୟୋଜିତ ମିନି ମାରାଥନ୍ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପୁରୁଷ ବର୍ଗରେ ସ୍ନେହାଶିଷ ରାୟ, ଲିଡିଂଷ୍ଟାର ରାବୋନ୍ ଏବଂ ଦେଭେମ୍ ଶୁଭମ୍ ବିଜେତା ହୋଇଥିବାବେଳେ ମହିଳା ବର୍ଗରେ ମିନାକ୍ଷୀ ବୋରା, ସାଇଶ୍ରଦ୍ଧା ଭରଦ୍ୱାଜ ଏବଂ ଅନନ୍ୟା ସାହୁ ବିଜେତା ହୋଇଥିଲେ । ଏହି ଅବସରରେ ୬୦ ବୟସ ବର୍ଗରେ ମିନି ମାରାଥନ୍ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବାରୁ ସୁରକ୍ଷା ଅଧିକାରୀ ଶ୍ରୀ ସୁବେଦାର ଯାଦବଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ସମାରୋହ ଶେଷରେ ପୁରସ୍କାର ବିତରଣ ସହ "ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଶେଷରେ ସ୍ପୋର୍ଟସ୍ ମ୍ୟାନେଜମେଣ୍ଟ କମିଟିର ଯୁଗ୍ମ ସଚିବ ଡ. ରଜତ କୁମାର ବଳିୟାରସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛେନା, ପନୀର ଚଢଉ, ଘରୋଇ ସଂସ୍ଥା ଲାଭରେ

ଭୁବନେଶ୍ୱର, (ତଥ୍ୟ) ରାଜ୍ୟରେ ଛେନା ଓ ପନୀର ଉପରେ ଚାଲିଥିବା ଚଢଉ ଏବେ ଦୁଗ୍ଧ କମ୍ପାନୀଗୁଡିକ ପାଇଁ ସୁଯୋଗ ଆଣି ଦେଇଛି। ଚାଷୀମାନେ ଡହଳ ବିକଳ ହୋଇ ସେମାନଙ୍କ ଦୁଗ୍ଧକୁ ବିଭିନ୍ନ ଘରୋଇ କମ୍ପାନୀକୁ ବିକ୍ରି କରିବାରେ ଲାଗିଛନ୍ତି। ଗାଁ ଗହଳର ଦୁଗ୍ଧ ଚାଷୀମାନେ ଓମଫେଡ୍ ସମେତ ରାଜ୍ୟରେ ଥିବା ଆଉ ପ୍ରାୟ ୮ଟି ଦୁଗ୍ଧ କମ୍ପାନୀକୁ ନିଜର ଉତ୍ପାଦିତ ଦୁଗ୍ଧ ବିକ୍ରି କରିବା ସହିତ ଅଧିକ ଲାଭ ପାଇଁ ଛେନା ଓ ପନୀର ମଧ୍ୟ ପ୍ରସ୍ତୁତ କରିଥାନ୍ତି। ତେବେ କିଛି ଅସାଧୁ ବ୍ୟବସାୟୀ ଅପମିଶ୍ରଣ ଛେନା ଓ ପନୀର ବଜାରକୁ ଛାଡି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ହାତରେ ଧରାପଡିବାପରେ ଏବେ ରାଜଧାନୀ ସମେତ ଗାଁ ଗହଳରେ ବି ଛେନା ଓ ପନୀର ବ୍ୟବସାୟ ଏକ ପ୍ରକାର ବନ୍ଦହୋଇ ଯାଇଛି। ଯେଉଁ ଦୁଗ୍ଧ ଚାଷୀମାନେ କେବଳ ଛେନା ଓ ପନୀର ପ୍ରସ୍ତୁତ କରୁଥିଲେ ସେମାନେ ଏବେ ନିଜ ନିଜ ଗାଈ ଗୋରୁଙ୍କୁ ଦାନା ଦେଇପାରୁ ନାହାନ୍ତି।

ଫଳରେ ଏହି ଦୁଗ୍ଧ ଚାଷୀମାନେ ଏବେ ଉତ୍ପାଦିତ କ୍ଷୀରକୁ ବଜାରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହାର ସୁଯୋଗ ବି ବିଭିନ୍ନ ଘରୋଇ ଦୁଗ୍ଧ କମ୍ପାନୀଗୁଡିକ ନେଉଛନ୍ତି। ସରକାରୀ ସଂସ୍ଥା ଓମଫେଡ୍କୁ ବାଦ୍ ଦେଲେ ରାଜ୍ୟରେ ପ୍ରାୟ ଆଉ ୮ଟି ସଂସ୍ଥା ଦୁଗ୍ଧ ସଂଗ୍ରହ କରୁଛନ୍ତି। ଏମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ହେରିଟେଜ୍, ଗୁଜୁରାଟର ଅମୁଲ୍, ଝାଡଖଣ୍ଡର ସୁଦ୍ଧା ସହିତ ଓଡିଶାର ମିଲ୍କ ମ୍ୟାଁ, ପ୍ରଗତି, ଓଡିଶା ଡାଏରୀ, ପରାଗ ଓ କ୍ଷୀରଗଙ୍ଗା ଆଦି ରହିଛନ୍ତି। ଏହିସବୁ ବେସରକାରୀ ସଂସ୍ଥାଗୁଡିକ ଦୁଗ୍ଧ ସଂଗ୍ରହ ପାଇଁ ଓମଫେଡ୍ ସହିତ ପ୍ରତିଦ୍ୱନ୍ଦିତା କରିଥାନ୍ତି ଓ ବିଭିନ୍ନ ସ୍ଥାନରେ କ୍ଷୀର ପାଇବାପାଇଁ ଓମଫେଡ୍ ଠାରୁ ଅଧିକ ଅର୍ଥ ବି ପ୍ରଦାନ କରିଥାନ୍ତି। ବର୍ଷସାରା କ୍ଷୀର ପାଇଁ ଏମାନେ ଦୁଗ୍ଧ ଚାଷୀମାନଙ୍କୁ ଖୋସାମଦ କରୁଥିବାବେଳେ ଚାଷୀମାନେ ଏବେ ସେମାନଙ୍କ କ୍ଷୀର ବିକ୍ରି କରିବାପାଇଁ ଏହିସବୁ କମ୍ପାନୀ ନିକଟକୁ ଯାଉଛନ୍ତି। କମ୍ପାନୀଗୁଡିକ ମଧ୍ୟ ହଠାତ୍ ଅଧିକ ଦୁଗ୍ଧ ସଂଗ୍ରହକୁ ଦେଖି ସେମାନଙ୍କର ବ୍ୟବସାୟକୁ ସମ୍ପ୍ରସାରିତ କରିବାରେ ଲାଗିଛନ୍ତି।

ଉଲ୍ଲେଖନୀୟ ଯେ ଓମଫେଡ୍ ଦୈନିକ ରାଜ୍ୟରୁ ପ୍ରାୟ ୫ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରୁଥିବାବେଳେ ଅନ୍ୟ କମ୍ପାନୀଗୁଡିକ ମିଶି ସାଢେ ୩ରୁ ୪ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରିଥାନ୍ତି। ଯେହେତୁ ଓମଫେଡ୍ ଗୋଟିଏ ସରକାରୀ ସଂସ୍ଥା, ତେଣୁ ଗାଁ ଗହଳର ଚାଷୀମାନେ ଏହା ଉପରେ ଅଧିକ ଆସ୍ଥା ପ୍ରକଟ କରିଥାନ୍ତି। ତେଣୁ ଘରୋଇ କମ୍ପାନୀଗୁଡିକ ସେମାନଙ୍କ ବ୍ୟବସାୟ ପାଇଁ ଦୁଗ୍ଧଚାଷୀମାନଙ୍କୁ ଆକୃଷ୍ଟ କରିବାକୁ ପ୍ରତିଦ୍ୱନ୍ଦିତା କରିଥାନ୍ତି। ହେଲେ ଏବେ ବଜାରରେ ଛେନା ଓ ପନୀର ବ୍ୟବସାୟ ଏକ ପ୍ରକାର ଭୁଷୁଡି ପଡିଥିବାରୁ ଚାଷୀମାନଙ୍କ ଉତ୍ପାଦିତ ଦୁଗ୍ଧ ଏହି ଘରୋଇ କମ୍ପାନୀକୁ ଯାଉଛି। କାରଣ ସାଧାରଣ ଲୋକେ ଛେନା ଓ ପନୀରରେ ଅପମିଶ୍ରଣ ଚିହ୍ନିବା ଜାଣିନଥିବାରୁ ଭଲ ଛେନା ଓ ପନୀରକୁ ବି ଭୟରେ ସେମାନେ ବ୍ୟବହାର କରିବାକୁ ପଛାଉଥିବା ଦେଖିବାକୁ ମିଳିଛି। ସରକାର ବି ଲୋକଙ୍କୁ ସଚେତନ କରିବାପାଇଁ ନିଜଆଡୁ ସେଭଳି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏଭଳି ସ୍ଥିତି ଭିତରେ ଗାଁ ଗହଳର ଦୁଗ୍ଧ ଚାଷୀମାନେ ନିଜ ପରିବାର ପୋଷଣ ତ ଦୂରରକଥା ଗାଈ ଗୋରୁମାନଙ୍କୁ ଦାନା ଗଣ୍ଡାଏ ଦେବା କଷ୍ଟକର ହୋଇପଡିଛି। ଘରୋଇ କମ୍ପାନୀଗୁଡିକ ଏବେ ଏହାର ଫାଇଦା ନେଉଥିବାବେଳେ ସେମାନେ ଯେଭଳି ଚାଷୀଙ୍କୁ ଶୋଷଣ ନକରନ୍ତି ତାହା ଉପରେ ସରକାର କଡା ନଜର ରଖିବାକୁ ଦୁଗ୍ଧଚାଷୀ ମହାସଂଘ ସଭାପତି ରବି ବେହେରା ମତ ଦେଇଛନ୍ତି।

## /// ଗବେଷଣାରେ ଉନ୍ମୋଚିତ ହେଲା ରହସ୍ୟ ///

# ବିଶ୍ୱର ତତଲା ସହର ପାଲଟିଥିଲା ବାରିପଦା, ଆକାଶରୁ ଖସିଥିଲା ନିଆଁ

ବାରିପଦା, (ସବ୍ୟୁ) : ତାତିରେ ସିଝିଥିଲା ସାରା ସହର । ଆକାଶରୁ ଯେପରି ଖସୁଥିଲା ନିଆଁ, ଆଉ ତପ୍ତ ଭୂପୃଷ୍ଠରୁ ଉଠୁଥିଲା ପ୍ରଚଣ୍ଡ ଉତ୍ତାପ । ୨୦୨୩ ଏପ୍ରିଲ୍ ୧୪ରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାର ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା । ସେଦିନ ବିଶ୍ୱର ବିଭିନ୍ନ ପାଣିପାଗ ନିରୀକ୍ଷଣ ପ୍ଲାଟଫର୍ମରେ ବାରିପଦାର ନାମ ଶୀର୍ଷରେ ରହିଥିଲା । ଭାରତ ନୁହେଁ, ବିଶ୍ୱର ଉତ୍ତପ୍ତ ସହରଗୁଡ଼ିକ ମଧ୍ୟରେ ବାରିପଦା ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲା । କିନ୍ତୁ ସେଦିନ ବାରିପଦାରେ ଏତେ ଅସ୍ୱାଭାବିକ ତାତିର କାରଣ କଣ ଥିଲା ଓ କାହିଁକି ହଠାତ୍ ଏପରି ପ୍ରଚଣ୍ଡ ତାପ ପ୍ରବାହ ସୃଷ୍ଟି ହୋଇଥିଲା, ଏହାର ଉତ୍ତର ଖୋଜିବାକୁ ହୋଇଥିବା ଏକ ନୂତନ ଗବେଷଣାରେ ଏହାର କାରଣ ସମ୍ପର୍କରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଏହି ଗବେଷଣା ଆଡଭାନ୍ସସେସ୍ ଇନ୍ ସ୍ପେସ୍ ରିସର୍ଚ୍ଚ ପତ୍ରିକାରେ ପ୍ରକାଶ ପାଇଛି । ଶିକ୍ଷା ଓ ଅନୁସନ୍ଧାନ (ଏସଓଏ) ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ଏନ୍‌ଭାୟରମେଣ୍ଟ ଆଣ୍ଡ କ୍ଲାଇମେଟ୍, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ରିମୋଟ୍ ସେନ୍ସିଂ ଆଣ୍ଡ ଜିଆଇଏସ୍ ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ରିମୋଟ୍ ସେନ୍ସିଂ ଆଣ୍ଡ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟର ମିଳିତ ସହଯୋଗରେ ଏହି ଅଧ୍ୟୟନ କରାଯାଇଛି । ଗବେଷକ ରୋଶନ ବେଉରିଆ, ଡଃ ଦେବବ୍ରତ ନନ୍ଦୀ, ଡଃ ରାକେଶ ରଞ୍ଜନ ଠାକୁର ଓ ସୁଭସ୍ମିତା ଦାସ ଏହି ଅଧ୍ୟୟନରେ ସାମିଲ ଥିଲେ ।

ଗବେଷଣାରୁ ଜଣାପଡ଼ିଛି ଯେ ଉପର ବାୟୁମଣ୍ଡଳରେ ସୃଷ୍ଟି ହୋଇଥିବା ଏକ ସ୍ୱତନ୍ତ୍ର ପାଣିପାଗୀୟ ପ୍ରକ୍ରିୟା, ଅତ୍ୟଳ୍ପ ଆର୍ଦ୍ରତା, ଶୁଷ୍କ ପବନ ଏବଂ ତପ୍ତ ଭୂପୃଷ୍ଠର ମିଳିତ ପ୍ରଭାବ ବାରିପଦାରେ ଅସ୍ୱାଭାବିକ ତାପପ୍ରବାହ ସୃଷ୍ଟି କରିଥିଲା । ଏହି ଘଟଣାକୁ ବୁଝିବା ପାଇଁ ଗବେଷକମାନେ ୱେଦର ରିସର୍ଚ୍ଚ ଆଣ୍ଡ ଫୋରକାଷ୍ଟିଂ ମଡେଲ୍‌ର ସହାୟତା ନେଇଥିଲେ । ଅଧ୍ୟୟନରେ ଆକାଶର ପ୍ରାୟ ୧୦ରୁ ୧୩ କିଲୋମିଟର ଉଚ୍ଚତାରେ ବାୟୁର ସଙ୍ଗମନ ଏବଂ ପରବର୍ତ୍ତୀ ସମୟରେ ତାହାର ଅବରୋହଣ ପ୍ରକ୍ରିୟା ଚିହ୍ନଟ କରାଯାଇଥିଲା । ଉପରୁ ତଳକୁ ଖସୁଥିବା ବାୟୁ ଚାପରେ ସଂକୁଚିତ ହେବା ସମୟରେ ଉତ୍ତପ୍ତ ହୋଇଥାଏ ।

୨୦୨୩ ଏପ୍ରିଲ୍ ୧୩ ଓ ୧୪ ତାରିଖରେ ବାରିପଦା ଉପରେ ଏହି ଅବରୋହଣ ପ୍ରକ୍ରିୟା ବେଶ୍ ଶକ୍ତିଶାଳୀ ଥିଲା । ଫଳରେ ଉପର ବାୟୁମଣ୍ଡଳରୁ ତଳକୁ ଆସୁଥିବା ବାୟୁ ତାପମାତ୍ରାକୁ ଆହୁରି ବଢ଼ାଇ ଦେଇଥିଲା । ଅନ୍ୟପକ୍ଷରେ ସେହି ସମୟରେ ବାରିପଦାର ଆପେକ୍ଷିକ ଆର୍ଦ୍ରତା ୧୦ ପ୍ରତିଶତରୁ ମଧ୍ୟ କମ୍ ରହିଥିଲା । ୮୫୦ ଏଚ୍‌ପିଏ ସ୍ତରରେ ସୃଷ୍ଟି ହୋଇଥିବା ଆଣ୍ଟିସାଇକ୍ଲୋନିକ୍ ସର୍କୁଲେସନ୍ ଝାଡ଼ଖଣ୍ଡ ଓ ବିହାର ଅଞ୍ଚଳରୁ ଶୁଷ୍କ ପବନକୁ ଓଡ଼ିଶା ଦିଗକୁ ଆଣିଥିଲା । ଏହା ସହିତ ତପ୍ତ ଭୂପୃଷ୍ଠ ଯୋଗ ହୋଇ ତାପ ପ୍ରବାହକୁ ଆହୁରି ଭୟଙ୍କର କରିଥିଲା । ୨୦୨୩ର ଏହି ତାପପ୍ରବାହର ଅନ୍ୟତମ ବିଶେଷତା ଥିଲା ଏପ୍ରିଲ୍ ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ଲଗାତାର ୯ଦିନ ବାରିପଦାର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିବା । ଏହି ସମୟ ମଧ୍ୟରୁ ୬ଦିନ ଭାରତୀୟ ପାଣିପାଗ ବିଭାଗର ତାପପ୍ରବାହ ମାନଦଣ୍ଡ ପୂରଣ କରିଥିଲା । ଏପ୍ରିଲ୍ ୧୪ରେ ତାପମାତ୍ରା ସାଧାରଣଠାରୁ ୫.୨୬ ଡିଗ୍ରୀ ସେଲସିୟସ୍ ଅଧିକ ରେକର୍ଡ ହୋଇଥିଲା । ସରଳ ଭାଷାରେ କହିଲେ, ଉପର ଆକାଶରୁ ତଳକୁ ଖସୁଥିବା ବାୟୁ ତାପକୁ ବଢ଼ାଇଥିଲା । ତଳେ ଶୁଷ୍କ ପବନ ଓ ତପ୍ତ ଭୂପୃଷ୍ଠ ସେହି ତାପକୁ ଆହୁରି ତୀବ୍ର କରିଥିଲା । ଏହି ତିନିଟି ପ୍ରାକୃତିକ ପ୍ରକ୍ରିୟାର ମିଳିତ ପ୍ରଭାବରେ ସେତେବେଳେ ବାରିପଦା ଏକ ପ୍ରାକୃତିକ ନିଆଁ ଭାଟିରେ ପରିଣତ ହୋଇଥିଲା ।

# ଟୟଟା ସର୍ଭିସ ସେଣ୍ଟରରେ ଭୟାବହ ଅଗ୍ନିକାଣ୍ଡ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ବସ୍ ଟର୍ମିନାଲ ନିକଟରେ ଥିବା ଟୟଟା କାର୍ ଶୋରୁମର ସର୍ଭିସ ସେଣ୍ଟରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ହଠାତ ସର୍ଭିସ ସେଣ୍ଟର ପରିସରରୁ ଧୂଆଁ ବାହାରିବା ସହ ନିଆଁ ଦେଖାଯାଇଥିଲା । କିଛି ସମୟ ମଧ୍ୟରେ ନିଆଁର ପ୍ରକୋପ ବଢ଼ିଯାଇଥିବାରୁ ଘଟଣାସ୍ଥଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା ।

ଅଗ୍ନିକାଣ୍ଡର ଭୟାବହତାକୁ ଦୃଷ୍ଟିରେ ରଖି ଦମକଳ ବାହିନୀର ୧୦ରୁ ଅଧିକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ନିୟୋଜିତ ହୋଇଥିବା ଜଣାପଡ଼ିଛି । ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ନିଆଁ ଲିଭାଇବାକୁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି । ତେବେ କେଉଁ କାରଣରୁ ଏବଂ କିଭଳି ପରିସ୍ଥିତିରେ ସର୍ଭିସ ସେଣ୍ଟରରେ ନିଆଁ ଲାଗିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଅଗ୍ନିକାଣ୍ଡ ଯୋଗୁଁ ସର୍ଭିସ ସେଣ୍ଟର ଭିତରେ ଥିବା ଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀର କେତେ ପରିମାଣର କ୍ଷୟକ୍ଷତି ହୋଇଛି, ସେନେଇ ମଧ୍ୟ ତୁରନ୍ତ କୌଣସି ସ୍ପଷ୍ଟ ତଥ୍ୟ ମିଳିନାହିଁ । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଅଭିଯାନ ଜାରି ରହିଛି । ନିଆଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବା ପରେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏବଂ କ୍ଷୟକ୍ଷତିର ପରିମାଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି ।

### ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଆକ୍ରମଣ, ଦାଦାବଟି ଆଦାୟ ଘଟଣା

# ୩ ଅଭିଯୁକ୍ତଙ୍କୁ ଜେଲ୍

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଫାଷ୍ଟ ଗେଟ୍ ବସଷ୍ଟାଣ୍ଡ ରେ ଗାଡ଼ି ଡ୍ରାଇଭର ଓ କଣ୍ଡକଟରଙ୍କୁ ଆକ୍ରମଣ ସହ ଦାଦାବଟି ମାଗିବା ଅଭିଯୋଗରେ ବଡ ବଜାର ଥାନା ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ବାନ୍ଧିଛି । ଗିରଫ ମାନେ ହେଲେ ରଘୁପତି ନଗର ୩ୟ ଲାଇନର ଓମ୍ ଦାସ (୨୧), ପାଣିଗ୍ରାହୀ ନଗରର ଓମ୍ ପ୍ରଧାନ (୨୦) , ଲକ୍ଷ୍ମୀ ନୃସିଂହ ସାହି ୭ମ ଲାଇନର ରାହୁଲ ଖେତ୍ରୀ (୨୧) । ଅଭିଯୁକ୍ତ ମାନଙ୍କ ଠାରୁ ପୋଲିସ ଘଟଣା ବେଳେ ବ୍ୟବହୃତ ଗାଡି, ନଗଦ ୧ ହଜାର ଟଙ୍କା, ଗୋଟିଏ ବାଉଁଶ ବାଡି, ଗୋଟିଏ ମୋବାଇଲ ଫୋନ୍ ଜବତ କରିଛି ହୋଇଛି । କେସ ନମ୍ବର ୬୫୧/୨୬ ରେ ତିନି ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ।

ପୋଲିସ ସୂଚନା ପ୍ରକାରେ ଶୁକ୍ରବାର ରାତ୍ର ୧୦ଟା ସମୟରେ ମା'ବରାଳ ଦେବୀ ବସ୍ ନ୍ୟୁ ବସଷ୍ଟାଣ୍ଡ, ଡୁଡୁମା କଲୋନୀରୁ କୋଟଗଡ ଆଡକୁ ଯାଉଥିବା ବେଳେ ତିନି ଅଭିଯୁକ୍ତ ମାନେ ବସକୁ ଅଟକାଇ ହେଲପର ଠାରୁ ଦାଦାବଟି ଟଙ୍କା ମାଗିଥିଲେ। ମନା କରିବାରୁ ସେମାନେ କଣ୍ଡକଟର ଏବଂ ଡ୍ରାଇଭର ଠାରୁ ଟଙ୍କା ମାଗି ମାଡ଼ ମାରି, ବାଉଁଶ ବାଡିରେ ଆକ୍ରମଣ କରି କଣ୍ଡକଟର ଉମା ପ୍ରସାଦ ମିଶ୍ରଙ୍କ ପକେଟରୁ ଜୋର ଜବରଦସ୍ତ ୧୦୦୦ ଟଙ୍କା ଛଡାଇ ନେଇଥିଲେ । ବସ୍ କର୍ମଚାରୀ ମାନେ ଆହତ ହୋଇଥିଲେ ।

ଅଭିଯୁକ୍ତ ମାନେ କର୍ମଚାରୀ ମାନଙ୍କୁ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରି, ପୋଲିସକୁ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଇ, ବସର କାଚ ଭାଙ୍ଗି ସେମାନେ ଫେରାର ହୋଇ ଯାଇଥିଲେ । ପରେ କଣ୍ଡକଟର ଏନେଇ ଥାନାରେ ଅଭିଯୋଗ କରିଥିଲେ ।

ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତ ମାନଙ୍କୁ କାବୁ କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତ ମାନଙ୍କ ନାମରେ ପୁର୍ବରୁ ଏକଧିକ ସଙ୍ଗିନୀ ଅପରାଧିକ ମାମଲା ରହିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି ।

# ପିଏମ୍‌ଶ୍ରୀ ଜିଏଚ୍‌ଏସ୍‌ଏସ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭଞ୍ଜନଗର, (ସବ୍ୟୁ) : ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁଜାଗଡ଼ ଏବଂ କବିସମ୍ରାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁଲାଡ଼ ପରିସରରେ ନିର୍ବାଚନ ସାକ୍ଷରତା କ୍ଲବ୍ ପକ୍ଷରୁ ନିର୍ବାଚନୀ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ମୁଜାଗଡ଼ ଓ କୁଲାଡ଼ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର ରଚିତା ମହାପାତ୍ର, ବିଡିଓ ଭାରତୀ ଦେବୀ, ଅନ୍ୟାନ୍ୟ ପଦାଧିକାରୀ, ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅଧ୍ୟାପକ-ଅଧ୍ୟାପିକା, ଶିକ୍ଷକ-ଶିକ୍ଷୟିତ୍ରୀ, ନିର୍ବାଚନ ସାକ୍ଷରତା କ୍ଲବର ସଦସ୍ୟ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ବେହେରା ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ, ନିର୍ବାଚନ ପ୍ରକ୍ରିୟା ଏବଂ ଜଣେ ଦାୟିତ୍ୱଶୀଳ ନାଗରିକ ଭାବେ ସେମାନଙ୍କର ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ ।

କାର୍ଯ୍ୟକ୍ରମରେ ମତଦାତା ପଞ୍ଜୀକରଣ, ଭୋଟର ତାଲିକାରେ ନାମ ସଂଯୋଜନ ଓ ସଂଶୋଧନ, ନିର୍ଭୀକ ଓ ନିରପେକ୍ଷ ମତଦାନ, ନୈତିକ ମତଦାନ ଆଦି ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା । ମୁଜାଗଡ଼ ଓ କୁଲାଡ଼ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା, ଗଣତାନ୍ତ୍ରିକ ଚେତନା ଓ ଦାୟିତ୍ୱବୋଧ ବୃଦ୍ଧି କରିବା ଦିଗରେ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା ।

### ଧନଞ୍ଜୟପୁର ଶାସନରେ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଉତ୍ସବ



କୁଲାଡ଼, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ଧନଞ୍ଜୟପୁର ଶାସନର ମନ୍ଦିର ପରିସରରେ ପାରମ୍ପରିକ ପର୍ବ ଗହ୍ମା ପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ପବିତ୍ର ଅବସରରେ ରୀତିନୀତି ମୁତାବକ ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା । ଗ୍ରାମ କମିଟିର ସଭାପତି ଶରତ ଚନ୍ଦ୍ର ମିଶ୍ରଙ୍କ ପୁରୋଧାତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ଶ୍ରଦ୍ଧାଳୁ ଭକ୍ତ ଏକାଠି ହୋଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ପୂଜାବିଧି ଓ ଅନ୍ୟାନ୍ୟ ମାଙ୍ଗଳିକ ନୀତିକାନ୍ତିକୁ ଗ୍ରାମର ପୁରୋହିତ ସତ୍ୟ ନାରାୟଣ ତ୍ରିପାଠୀ ଏବଂ ଦେବୀ ପ୍ରସାଦ ତ୍ରିପାଠୀ ନିଷ୍ଠାର ସହ ସମ୍ପାଦନ କରିଥିଲେ । ଏହି ଅବସରରେ ଗୋ ମାତାଙ୍କୁ ପୂଜାର୍ଚ୍ଚନା କରିବା ସହ ଭୋଗ ଅର୍ପଣ କରାଯାଇଥିଲା । ଏହା ସହିତ ଭାଇ-ଭଉଣୀଙ୍କ ଆତ୍ମୀୟତାର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା ମଧ୍ୟ ଶ୍ରଦ୍ଧାର ସହ ପାଳନ କରାଯାଇଥିଲା । ଆୟୋଜିତ ଏହି ଉତ୍ସବ ଶେଷରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ଗ୍ରାମବାସୀ ଓ ମନ୍ଦୀର ପରିଚାଳନା କମିଟିର ଟ୍ରଷ୍ଟି ସମୂହ ସହୋଜଗ କରିଥିଲେ ।

### ଚାଷୀ ପଞ୍ଜୀକରଣ ଅବଧି ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି

### ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ବିଭିନ୍ନ ଚାଷୀ ସଙ୍ଗଠନ



ଛତ୍ରପୁର, (ସବ୍ୟୁ) : ଖରିଫ ଋତୁରେ ଧାନ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କ ଅନଲାଇନ୍ ପଞ୍ଜୀକରଣ ଅବଧି ଆସନ୍ତା ୩୧ ତାରିଖରେ ଶେଷ ହେବାକୁ ଯାଉଛି । ତେବେ ଏପର୍ଯ୍ୟନ୍ତ ବହୁ ଚାଷୀ ପଞ୍ଜୀକରଣ କରିପାରିନଥିବାରୁ ଏହାର ଅବଧି ସେପେଟମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଭିନ୍ନ ଚାଷୀ ସଂଗଠନ ଓ ଜନପ୍ରତିନିଧି ଦାବି କରିଛନ୍ତି । ଏନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପୃଥକ ପୃଥକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କୁ ଭେଟି କଙ୍କୋରଡ଼ା ପଞ୍ଚାୟତର ସରପଞ୍ଚ ମୀନତି ସେଠୀ, ଚାଷୀ ନେତା ବିଜୟ ସ୍ୱାଇଁ, ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ସମେତ ବେଲପଡ଼ା ପ୍ୟାକ୍ସ, ବେଗୁନିଆପଡ଼ା ବ୍ଲକର ବୁରୁଝରି ଓ କନ୍ଧ ରାଣୀପଡ଼ା ପ୍ୟାକ୍ସର ବହୁ ଚାଷୀ ପୃଥକ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀମାନେ କହିବା ଅନୁସାରେ ଚଳିତବର୍ଷ ଚାଷୀ ପଞ୍ଜୀକରଣ ପାଇଁ ନୂତନ ନିୟମ ଏବଂ ବର୍ତ୍ତମାନ ସ୍ୱଳ୍ପ ସମୟ ଥିବାରୁ ଅନେକ ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିନାହାନ୍ତି । ତେଣୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣ ଅବଧିକୁ ସେପେଟମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି । ଏହା ପୂର୍ବରୁ ମଧ୍ୟ ଋଷିକୂଲ୍ୟା ରୟତ ମହାସଂଘ ପକ୍ଷରୁ ଚାଷୀଙ୍କ ସମସ୍ୟାକୁ ନେଇ ସରକାରଙ୍କ ନିକଟରେ ଅବଧି ବୃଦ୍ଧି ପାଇଁ ଦାବି କରାଯାଇଥିବା ଜଣାପଡ଼ିଛି ।

## ଦୟା ଭାଇ ଖିମଜୀଙ୍କ ସ୍ମୃତିରେ ଆନନ୍ଦ ସବ୍ କେ ଲିଏ ଖାଦ୍ୟ ବଣ୍ଟନ

ବାରିପଦା, (ସବ୍ୟୁ) : ସ୍ୱର୍ଗତ ଦୟା ଭାଇ ଖିମଜୀଙ୍କ ଜନ୍ମ ଓ ମୃତ୍ୟୁ ବାର୍ଷିକୀ ଅବସରରେ ଖିମଜୀ ଫାଉଣ୍ଡେସନ୍‌ର ସହଯୋଗରେ ଲାୟନ୍ସ କ୍ଲବ୍ ଅଫ୍ ବାରିପଦା ପକ୍ଷରୁ ଆନନ୍ଦ ସବ୍ କେ ଲିଏ ନାମରେ ଏକ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସେବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଶ୍ରମବାସୀ ଓ ଆବଶ୍ୟକତା ସମ୍ପନ୍ନ ଲୋକଙ୍କୁ ସଦ୍ୟ ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା । ଲାୟନ୍ସ କ୍ଲବ୍‌ର ସଦସ୍ୟମାନେ ଖାଦ୍ୟ ପ୍ରସ୍ତୁତି, ପରିବେଷଣ ଓ ବଣ୍ଟନରେ ସକ୍ରିୟ ଭାବେ ସହଯୋଗ କରିଥିଲେ । ସମାଜରେ ଦୟା, ସହାନୁଭୂତି ଓ ମାନବିକତାର ବାର୍ତ୍ତା ପହଞ୍ଚାଇବା ସହ ଆବଶ୍ୟକତା ସମ୍ପନ୍ନ ଲୋକଙ୍କ ସହ ଖୁସି ବାଣ୍ଟିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସ୍ୱର୍ଗତ ଦୟା ଭାଇ ଖିମଜୀଙ୍କ ସ୍ମୃତିକୁ ସେବା କାର୍ଯ୍ୟ ମାଧ୍ୟମରେ ସମ୍ମାନ ଜଣାଇବା ଏକ ଅର୍ଥ ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମ ଲାୟନ୍ସ କ୍ଲବ୍‌ର ୱଇ ସାର୍ଭ ମନ୍ତ୍ରକୁ ମଧ୍ୟ ସାର୍ଥକ କରିଥିଲା ।



# ଲୋକାର୍ପିତ ହେଲା କବିତା ସଂକଳନ ସୃଜନର ସ୍ୱର




ବାରିପଦା, (ସବ୍ୟୁ) : କବୟିତ୍ରୀ ମିତାରାଣୀ ସାହୁଙ୍କ ରଚିତ କବିତା ସଂକଳନ ସୃଜନର ସ୍ୱର ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହରେ ଲୋକାର୍ପିତ ହୋଇଯାଇଛି । ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାହିତ୍ୟିକ କାର୍ଯ୍ୟକ୍ରମରେ ଉପସଭାପତି କାବେରୀ ମିଶ୍ର ସଭାପତିତ୍ୱ କରିଥିଲେ । ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ମେଘମାଳା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କବିତା ମଣିଷର ମନର ଦର୍ପଣ ସଦୃଶ ବୋଲି ମତପ୍ରକାଶ କରିଥିଲେ । ପ୍ରାରମ୍ଭରେ ପରିଷଦର କୋଷାଧ୍ୟକ୍ଷ ସମରେନ୍ଦ୍ର ବଶା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଇଂ. ମନୋଜ ଦଳବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସୃଜନର ସ୍ୱର ପୁସ୍ତକର ଲୋକାର୍ପଣ କରାଯାଇଥିଲା । ପରେ ସ୍ରଷ୍ଟା ମିତାରାଣୀ ସାହୁ ନିଜର ଲେଖକୀୟ ଅନୁଭବ ଓ ପୁସ୍ତକ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ । ଅଧ୍ୟାପିକା ଡଃ ଅର୍ଚ୍ଚନା ପ୍ରଧାନ ପୁସ୍ତକଟିର ସମୀକ୍ଷା କରିଥିଲେ । ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ସୃଷ୍ଟି ସହିତ ଜଣେ କବିଙ୍କର ସାମାଜିକ ଦାୟିତ୍ୱ ରହିବା ଆବଶ୍ୟକ ବୋଲି କହିଥିଲେ । କବିତା ମାଧ୍ୟମରେ ସମାଜର ଭାବନା, ଅନୁଭବ ଓ ବାସ୍ତବତାକୁ ପ୍ରତିଫଳିତ କରିବା ଜଣେ ସ୍ରଷ୍ଟାଙ୍କ ପ୍ରମୁଖ ଦାୟିତ୍ୱ ବୋଲି ସେ ମତ ଦେଇଥିଲେ । ଶେଷରେ ଗାଳ୍ପିକା ରାଜଲକ୍ଷ୍ମୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।


भारत सरकार / Government of India
पर्यावरण, वन एवं जलवायु परिवर्तन मंत्रालय / Ministry of Environment, Forest & Climate Change
क्षेत्रीय कार्यालय, भुवनेश्वर / Regional Office, Bhubaneswar
ए / ३, चंद्रशेखरपुर / A/3, Chandrasekharpur
भुवनेश्वर - ७५१०२३/ Bhubaneswar- 751023

सत्यमेव जयते

Telephone: 0674- 231213, 2302452, 2302453. E-mail: roez.bsr-mef@nic.in

**ADVERTISEMENT FOR FILLING UP OF VACANT POSTS**

Applications are invited from eligible candidates for filling up the following vacant posts in the Regional Office, Ministry of Environment, Forest and Climate Change, Bhubaneswar:

| Sl. No. | Name of Post | No.of Post | Category | Pay Level | Essential Qualification |
|---|---|---|---|---|---|
| 1 | Staff Car Driver | 01 | OBC | Level-2 (₹19,900 - 63,200) | (a) Possession of a valid Driving Licence for driving motor cars / jeeps and knowledge of motor mechanism and (b)three years experience in driving motor cars / jeeps from a recognized Institute/ Organisation. |
| 2 | Multi - Tasking Staff (MTS) | 01 | UR | Level-1 (₹18,000 - 56,900) | Matriculation or equivalent from are cognized Board or ITI pass certificate from a recognised Institute. |

**Desirable qualification for Staff Car Driver:** (i) Matriculation or ITI pass certificate from a recognised Institute; and (ii) knowledge of Odia language and familiarity with local conditions.

**Age Limit:** Staff Car Driver-18-28 years; Multi-Tasking Staff - 18-27 years. Age relaxation (for Government Servants up to 35 years in accordance with the instructions or orders issued by the Central Government). It is further relaxable by another 5 yrs in the case of SC or ST and 3 years in case of OBC candidates.

**Place of Posting:** Bhubaneswar, Odisha.

Interested and eligible candidates may submit their applications in the **prescribed format,** along with self-attested copies of requisite documents/certificates, either physically or by Registered Post to the **Head of Office, Regional Office, Ministry of Environment, Forest and Climate Change, Bhubaneswar, Odisha,** within **21 days from the date of publication of this advertisement in the newspaper.**

**Note:**

1. The detailed terms and conditions, for the application are displayed is the notice board of the Regional Office, Ministry of Environment, Forest and Climate Change, Bhubaneswar.
2. The applicants must have registered themselves in any employment exchanges of state of Odisha. Candidates already sponsored through the Employment Exchange shall be considered as per the applicable procedure.
3. Separate **Written Tests of Class 10 standard** shall be conducted for the posts of Staff Car Driver and Multi-Tasking Staff (MTS). In addition, candidates for the post of Staff Car Driver shall be required to undergo a **Skill/Driving Test.**

**Sd/- Head of Office**

**APPLICATION FOR THE POST OF STAFF CAR DRIVER (SCD) AND MULTI-TASKING STAFF (MTS)**

1. Name of the Post Applied For:
2. Name of the Applicant:
3. Father's/Mother's/Guardian's Name: ....................................................................
4. Date of Birth: ____ / ____ / ______ , Age as on the closing date: ____ / ____ / ______
5. Category: UR / OBC / SC / ST / EWS:
6. Nationality: ..............................................
7. **Details of Educational Qualification:**

| Examination | Board/University | Year of Passing | Percentage/Grade |
|---|---|---|---|
| | | | |
| | | | |

**8. Address for Correspondence:**
..........................................................................................................................
..........................................................................................................................
PIN Code: ..........................

**9. Permanent Address:**
..........................................................................................................................
..........................................................................................................................
PIN Code: .........................

**10. Mobile No.:**

**11. E-mail ID:**

**12. Local Employment Exchange Registration No.& Date:_**

**13.Experience, if any:**
..........................................................................................................................
..........................................................................................................................

**14. Whether claiming age relaxation:** YES / NO
If yes, specify the category: ...........................................................................

**15. Details of supporting documents enclosed:**
- Self-attested copy of Matriculation/10th Certificate or equivalent
- Self-attested copy of Date of Birth Certificate, if applicable
- Caste/Category Certificate, if applicable
- Experience Certificate, if applicable
- Age relaxation certificate, if applicable
- Any other relevant document: ............................................_

**DECLARATION**

I hereby declare that the information furnished by me in this application is true, complete and correct to the best of my knowledge and belief. I understand that if any information furnished by me is found to be false or incorrect at any stage, my candidature/appointment may be cancelled in accordance with the applicable rules.

Place: ...............................
Date:...............................

Signature of the Applicant
Name of the Applicant

# ମାଛଧରା ବନ୍ଦରରେ ଜଳିଗଲା ବୋଟ



ପାରାଦୀପ,( ଜି ପ୍ର ): ପାରାଦୀପ ମାଛଧରା ବନ୍ଦର ମଧରେ ଅଗ୍ନିକାଣ୍ଡ ଅଗ୍ନିକାଣ୍ଡରେ ହୁତହୁ ହୋଇ ଜଳିଗଲା ବୋଟ । ଦେବୀଲକ୍ଷ୍ମି - ୨ ନାମକ ବୋଟ ରେ ଲାଗିଥିଲା ନିଆଁ । ନିଆଁକୁ ଆୟତ କରିବା ପାଇଁ ତିନୋଟି ଦମକଳ ଗାଡି ଲାଗି ଅକ୍ଲାନ୍ତ ପରିଶ୍ରମ କରିବା ପରେ ନିଆଁ ଆୟତ ହୋଇଥିଲା । ନିଆଁ ଲିଭିବା ପରେ ବୋଟଟି ସମ୍ପୂର୍ଣ୍ଣ ପୋଡି ଯାଇଥିବା ଦେଖିବାକୁ ମିଳିଛି । ନିଆଁ ଲାଗିବାର ପ୍ରକୃତ କାରଣ କିଛି ଜଣାପଡ଼ି ନାହିଁ । ଗତ କିଛିଦିନ ତଳେ ମାଛଧରା ବନ୍ଦର ରେ ନିଆଁ ଲାଗି ପୋଡି ଯାଇଥିଲା ୭ ଟି ବୋଟ । ଆଜି ଅଗ୍ନିକାଣ୍ଡରେ କୌଣଷି ବୋଟ କର୍ମଚାରୀଙ୍କର କିଛି କ୍ଷତି ହୋଇ ନଥିବା ବେଳେ ସେମାନେ ସମସ୍ତେ ନିରାପଦ ସ୍ଥାନକୁ ଚାଲି ଆସିଥିଲେ । ବାରମ୍ବାର ପାରାଦୀପ ମାଛଧରା ବନ୍ଦରରେ ଏଭଳି ନିଆଁ ଲାଗୁଥିବା ବେଳେ ସେଠାରେ ଗୋଟେ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହେଉଛି ।

# ଅନୁଦାନ ଉପରେ ଅନୁଦାନ, କଲ୍ୟାଣ ମଣ୍ଡପ ହୋଇପାରୁନି ପୂର୍ଣ୍ଣାଙ୍ଗ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଏକ ବିଚିତ୍ର ନୀତି ପଦାରେ ପଡିଛି । ଏହି ବ୍ଲକର କେନ୍ଦୁପାଟଣା ଗ୍ରାମପଂଚାୟତ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଅନୁଦାନ ଉପରେ ଅନୁଦାନ ବିନିଯୋଗ ହେଉଛି । ମାତ୍ର କେତେକ ଅସାଧୁ ସରକାରୀ କର୍ମଚାରୀଙ୍କ ଠାକୁର ଖାଇ ଖଟୁଲି ଖାଇବା ନୀତି ଯୋଗୁ କେନ୍ଦୁପାଟଣା ଗ୍ରାମପଂଚାୟତ କଲ୍ୟାଣ ମଣ୍ଡପ ପୂର୍ଣ୍ଣାଙ୍ଗ ହୋଇପାରୁନଥିବାର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ବିଗତ ନବୀନ ସରକାରଙ୍କ ଶାସନ କାଳରେ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଂଚାୟତ ବାଉନପତି ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବା ନିମନ୍ତେ ୨୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ନିଶ୍ଚିନ୍ତକୋଇଲି ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇନଥିବା ଦର୍ଶାଇ ପୁନର୍ବାର ଏହି କଲ୍ୟାଣ ମଣ୍ଡପ ନିମନ୍ତେ ସିଏମଏସଏ ଅନୁଦାନ ପାଣ୍ଠିରେ ଗତ ଆର୍ଥୀକ ବର୍ଷ ୨୦୨୬-୨୭ରେ ୧୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ତେବେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୩୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା ବେଳେ ପ୍ରଶାସନର ଦାୟୀତ୍ୱ ହୀନତା ଯୋଗୁ ଦୀର୍ଘ ବିତି ଯାଇଥିଲେ ମଧ ଏହି ମଣ୍ଡପର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ଏହି ମଣ୍ଡପ ନିର୍ମାଣ ଅଟକଳ ଅନୁଯାଇ କରାଯାଉନଥିବା ବେଳେ ଏଥିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି । ଫଳରେ ଏହି ମଣ୍ଡପର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ବିଗତ ସରକାରଙ୍କ ସମୟରେ ଏହି ମଣ୍ଡପ ନିର୍ମାଣ ନିମନ୍ତେ ମଞ୍ଜୁର ହୋଇଥିବା ୨୦ ଲକ୍ଷ ଟଙ୍କାର ସୂଚନା ଫଳକକୁ ରହସ୍ୟ ଜନକ ଭାବେ ଭାଙ୍ଗି ଦିଆଯାଇଥିବାର ଅଭିଯୋଗ ହୋଇଛି । ତେବେ ଏହି ମଣ୍ଡପ ନିର୍ମାଣରେ ୩୦ଲକ୍ଷ ଟଙ୍କା ବିନିଯୋଗ ହୋଇସାରିଥିଲେ ମଧ କଣ ପାଇଁ ଏହି ମଣ୍ଡପର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ଏହି ମଣ୍ଡପ ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଏସ. ଆଇ. ଆର କୁ ନେଇ ଆସିଲା ମହାଭିଯୋଗ

ରାଜକନିକା,(ସବ୍ୟୁ) :ସରକାରଙ୍କ ତରଫରୁ ଏବେ ଏସ. ଆଇ. ଆର ପ୍ରକ୍ରିୟା ରେ ବି. ଏଲ. ଓ ମାନେ ସର୍ଭେ କରି ରିପୋର୍ଟ ଦେବା ପରେ ପ୍ରକାଶ ପାଇଛି ଭୋଟର ତାଲିକାର ଚିଠା । ତେବେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପୂର୍ବରୁ ରାଜକନିକା ବ୍ଲକର ଭୋଟର ତାଲିକାରୁ ଏସ. ଆଇ. ଆର ମାଧମରେ ପ୍ରାୟ ୭ ହଜାର ଭୋଟର ଙ୍କ ନାମ କଟି ତାଲିକା ପ୍ରକାଶ ପାଇଛି । ତେବେ ଏହି ସମୟ ମଧମରେ ସାଧାରଣ ଅଭିଯୋଗ ଗ୍ରହଣ କରାଯାଉଥିବାରୁ କିଛି ରାଜନୈତିକ ଲୋକ ନିଜର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଯୋଗ୍ୟ ଓ ସଠିକ ଭୋଟରଙ୍କର ନାମ ତାଲିକା ରୁ କାଟିବା ପାଇଁ ଚଳାଇଛନ୍ତି ଷଡଯନ୍ତ୍ର । ଅଭିଯୋଗ ଅନୁଯାୟୀ ଅଧିକାଂଶ ବୁଥରେ ପ୍ରାୟ ୪୦/୫୦ଜଣ ଭୋଟର ଙ୍କ ନାମ କାଟିବାକୁ ଅଭିଯୋଗ ଫେକ ଅଭିଯୋଗ କାରୀ ଙ୍କ ନାମରେ ପଡିଥିବାରୁ ଏହା ଏକ ରାଜନୈତିକ ଷଡଯନ୍ତ୍ର ବୋଲି କୁହାଯାଉଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଖୁଲିପଡା ପଞ୍ଚାୟତ ର ମଲ୍ଲୀସାହାଡ଼ା ବୁଥ ରେ ୪୦୦ରୁ ଉର୍ଦ୍ଧ୍ୱ ସଂଖ୍ୟା ଲଘୁ ଭୋଟର କାଟିବାକୁ ଜଣେ ଫେକ ଅଭିଯୋଗକାରୀ ଅଭିଯୋଗ କରିଥିବା ଶୁଣାଯାଉଛି । ଯାହାକୁ ପ୍ରତିବାଦ କରି ଭୋଟର ଙ୍କ ନାମ କାଟିବାକୁ ଅଭିଯୋଗ ଦେଇଛନ୍ତି ଯାହାକୁ ପ୍ରତିବାଦ କରି ଆଜି ରାଜକନିକା ବ୍ଲକ କଂଗ୍ରେସ ର ପୂର୍ବତନ ସଭାପତି ମଙ୍ଗୁଳି ଚରଣ ବେହେରା, ପୂର୍ବତନ ଜୋନ ସଭାପତି ସତ୍ୟବ୍ରତ ପରିଡା, କଂଗ୍ରେସ ଯୁବନେତା ବିଶ୍ୱଜିତ ତରାଇ, ସମିତି ସଭ୍ୟ ଅମିତ ନାୟକ, ସୁଶାନ୍ତ ମଲ୍ଲିକ, ରତିକାନ୍ତ ନାୟକ, ବିଚିତ୍ର ବେହେରା, ସୁବାସ ସାହୁ, ନିରଞ୍ଜନ ବେହେରା, ପ୍ରମୋଦ ପତିଙ୍କ ସମେତ ଶତାଧିକ ଭୋଟର ରାଜକନିକା ବିଡ଼ିଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସଠିକ ଭୋଟର ଙ୍କ ନାମ କାଟିବାକୁ ଷଡଯନ୍ତ୍ର ଚଳାଇଥିବା ଫେକ ଅଭିଯୋଗ କାରୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଯେଭଳି କୌଣସି ସଠିକ ଭୋଟର ଙ୍କ ନାମ ବାଦ ନପଡ଼େ ସେଭଳି ଦାବି କରିଛନ୍ତି ।

# ୨୦ ନଂ ଏନଏଚ ବୋଡ଼କ ଠାରେ ଏକ କିଲୋମିଟର ରାସ୍ତା ଭାଙ୍ଗି ନଷ୍ଟ



ଯୋଗାଯୋଗ ବିଚ୍ଛିନ୍ନ

ମଙ୍ଗଳପୁର, (ସବ୍ୟୁ) : ୨୦ ନମ୍ବର ଜାତୀୟ ରାଜପଥ ଯାଜପୁର ଜିଲ୍ଲା କୁଆଖିଆ ଠାରୁ ଭଦ୍ରକ ଜିଲ୍ଲା ଧାମରା ରାସ୍ତା ବୈତରଣୀ ବନ୍ୟାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ବୈତରଣୀ ନଦୀରେ ୫ ଥର ବନ୍ୟା ଆସିବା ପରେ ଦଶରଥପୁର ବ୍ଲକ କୟା ପୋଲ ନିକଟସ୍ଥ ବୋଡ଼କ ରାସ୍ତା ଉପରେ ବାରମ୍ବାର ବନ୍ୟା ଜଳ ପ୍ରବାହିତ ହେଉଥିଲା । ଫଳରେ ଉକ୍ତ ରାସ୍ତା ଟି ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜଳାଇ ଭାଙ୍ଗି ନଷ୍ଟ କରିଦେଇଛି । ଏହା ଛଡା ବୈତରଣୀ ବନ୍ଧ ଅର୍ଥାତ ୨୦ ନମ୍ବର ଜାତୀୟ ରାଜପଥ ପ୍ରାୟ ୩୦୦ ଫୁଟର ଘାଇ ହୋଇଯାଇଛି । ଫଳରେ ଯାଜପୁର ଭଦ୍ରକ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏହି ରାସ୍ତା ଦେଇ ପଡୋଶୀ ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲାର ଲୋକ ନିର୍ଭର କରିଥାନ୍ତି । ଯାଜପୁରର ମା ବିରଜା ଏବଂ ଭଦ୍ରକର ଆଖଣ୍ଡଳମଣି ପୀଠକୁ ଏହି ରାସ୍ତାରେ ଲୋକେ ଏବଂ ଗାଡି ମୋଟର ପ୍ରତିଦିନ ହଜାର ହଜାର ଯାତାୟାତ କରିଥାନ୍ତି । ରାସ୍ତା ଭାଙ୍ଗି ଯିବା ସହ ଘାଇ ହୋଇଯିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆଜି ସାମାନ୍ୟ ଜଳ ସ୍ତର ଖସିବା ପରେ ମରାମତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଦେଖାଯାଇଛି ।

# ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି :ଜିଲ୍ଲାରୁ ୨୭୯୫୦୯ ହିତାଧିକାରୀ

ଜଗତସିଂହପୁର ,(ସବ୍ୟୁ) : ରାକ୍ଷୀ ପୂର୍ଣ୍ଣିମା ଅବସର ରେ ନୟାଗଡ଼ ଜିଲ୍ଲାରୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନର ରାଜ୍ୟ ସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ କୋଟିରୁ ଉର୍ଦ୍ଧ୍ୱ ସୁଭଦ୍ରା ମାଆଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏଁ ଅର୍ଥ ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ସଭାପତିତ୍ୱରେ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆଦି କବି ସାରଳା ଦାସ ସଂସ୍କୃତି ଭବନ ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶିଳ୍ପ ,ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ସୁଭଦ୍ରା ଯୋଜନାକୁ ମହିଳା ସଶକ୍ତିକରଣର ଏକ ଇଞ୍ଜିନ ଭାବେ ପରିଗଣିତ କରାଯାଉଛି । ରକାର ମହିଳା ମାନଙ୍କ ବିକାଶ ପାଇଁ ସର୍ବଦା ଚେଷ୍ଟିତ । ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ଅମରେନ୍ଦ୍ର ଦାସ ସଭାରେ ଉପସ୍ଥିତ ରହି କହିଥିଲେ ଯେ ମହିଳା ସଶକ୍ତିକରଣ ପାଇଁ ଆମର ଚିନ୍ତାଧାରା କୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ।ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜେଯାତି ଶଙ୍କର ରାୟ ସଭାରେ ଉପସ୍ଥିତ ରହି କହିଥିଲେ ଯେ ସୁଭଦ୍ରା ଯୋଜନା ପାଇଁ ଆଜି ମହିଳା ମାନଙ୍କ ଅର୍ଥନୈତିକ ମାନଦଣ୍ଡ ସୁଦୃଢ଼ ହୋଇପାରିଛି । ପ୍ରାରମ୍ଭ ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳତା ବିଷୟରେ କହିଥିଲେ ।ଆଜି ଜଗତସିଂହପୁର ଜିଲ୍ଲାରୁ ସର୍ବମୋଟ୨୭୯୫୦୯ ଜଣ ହିତାଧିକାରୀ ପଂମ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି । ଜଗତସିଂହପୁର ବ୍ଲକ ର କଦୁଅପଡା ପଂାୟତ ର ଚନ୍ଦ୍ରାବଳି ଖଟୁଆ ସୁଭଦ୍ରା ରାଶିରେ ନିଜର ଝୋଟ ତିଆରି ସାମଗ୍ରୀ ର ବିକ୍ରୟ ଓ ସଫଳତା ବିଷୟରେ କହିଥିଲେ ।

# ଶ୍ରୀ ଶ୍ରୀ ରାଧାରାହାସ ବିହାରୀ ଜୀଉଙ୍କ ଝୁଲଣ ଯାତ୍ରା

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ରାଧାରାହାସ ବିହାରୀ ଜିଉଙ୍କ ଝୁଲଣ ପର୍ବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ୨୨ ଅଗଷ୍ଟରୁ ଠାକୁରଙ୍କ ଝୁଲଣ ଯାତ୍ରା ଅରମ୍ଭ ହୋଇ ୨୮ ଅଗଷ୍ଟ ଶୁକ୍ରବାର ଉଦଯାପିତ ହୋଇଛି। ଇଷ୍ଟଦେବଙ୍କ ଏହି ଝୁଲଣ ପର୍ବ ବହୁପୁରାତନ ଓ ଚିତାକର୍ଷକ ଅଟେ। ସାତଦିନ ଧରି ଚାଲିଥିବା ଏହି ଯାତ୍ରାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀକୁ ସୁସଜିତ ଏକ ସ୍ୱତନ୍ତ୍ର ଦୋଳିରେ ବସାଇ ଝୁଲାଯାଇଥାଏ। ଏହି ଅବସରରେ ପ୍ରତ୍ୟେକ ସାନ୍ଧ୍ୟାରେ ଭଜନ କିର୍ତନମାନ କରାଯାଇଥାଏ। ଗ୍ରାମର ଯୁବକମାନେ ମହାପ୍ରଭୁଙ୍କ ମନ୍ଦିର ଓ ମଣ୍ଡପକୁ ରଙ୍ଗିନ ଆଲୋକମାଳା ଓ ଫୁଲରେ ସଜାଇଥିଲେ। ଫଳରେ ସାତଦିନ ବ୍ୟାପି ଗ୍ରାମରେ ଏକପ୍ରକାର ଭକ୍ତିମୟ ପରିବେଷ ସୃଷ୍ଟି ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ଭଜନ ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଂଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କ କୃପାଲାଭ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମର ଯୁବକମାନେ ପରିଚାଳନା କରିଥିଲେ।

# ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗୋ ଚିକିତ୍ସା ଶିବିର ଓ ଚାରା ବଣ୍ଟନ




ସାଲେପୁର,(ସବ୍ୟୁ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଗତ ଶୁକ୍ରବାର ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ଏବଂ ସାଲେପୁର ପଶୁ ଚିକିତ୍ସା ବିଭାଗ ମିଳିତ ଆନୁକୂଲ୍ୟରେ ଏକ ବିଶାଳ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି ।ସାଲେପୁର ବ୍ଲକ ରାଇସୁଂଗୁଡା ପଂଚାୟତ ସ୍ଥିତ ସଓ୍ୱପେନଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଗୋ ଚିକିତ୍ସା ଶିବିରକୁ ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟର ପ୍ରତିଷ୍ଠାତା ଅଧକ୍ଷ ପ୍ରଶାନ୍ତ କୁମାର କର ଉଦଘାଟନ କରିଥିବା ବେଳେ ଶିବିରରେ ପାଖାପାଖି ୨୦୦ରୁ ଉର୍ଦ୍ଧ ଗୋରୁ,ଗାଈ,ଛେଳି, ମେ,,ା ଇତ୍ୟାଦି ପଶୁ ମାନଙ୍କର ଚିକିତ୍ସା କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ ଚିକିତ୍ସା କରା ଯାଇଥିବା ପଶୁ ମାନଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ଯୋଗାଇବା ସହିତ ଗୋ ଦାନା ଏବଂ ପରିବେଶ ସୁରକ୍ଷା ପାଇଁ ପ୍ରତେକ ପଶୁ ପାଳକ ମାନଙ୍କୁ ବିଭିନ୍ନ ପ୍ରଜାତିର ବୃକ୍ଷ ଚାରା ବଣ୍ଟନ ଯାଇଥିଲା ।ପାଞ୍ଚ ଜଣ ସଫଳ ଚାଷୀ, ବିଭାଗୀୟ ଡାକ୍ତର ଓ ବଳିଷ୍ଠ ସାମ୍ବାଦିକ ପ୍ରଦୀପ ପରିଜା,ନାରାୟଣ ଓଝା ଓ ବିସ୍ମିତ ଜେନାଙ୍କୁ ବିକଳାନନ୍ଦ କର ଟ୍ରଷ୍ଟ ପକ୍ଷରୁସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା କରା ଯାଇଥିଲା । ଏହି କାଯ୍ୟକର୍ କୁ ବିକଳାନନ୍ଦ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ହିମାଂଶୁ ଦାଶ, ଅବତନ ଷଡଙ୍ଗୀ, ପ୍ରମୋଦ ନାୟକ, କମଳାକାନ୍ତ ମୁଦୁଲି, ପଶୁ ସମ୍ପଦ ବିଭାଗ ଡାକ୍ତର ଦୀପକ କୁମାର ସେନାପତି, ଡ଼ଃ ମୀନକେତନ ପଣ୍ଡା, ଡ଼ଃ ସୁଦିପ୍ତା ସାହୁ, ଡ଼ଃ ସତ୍ୟ ସାରଥୀ ସାମନ୍ତରାୟ,କଟକ କ୍ଲିନିକାଲ ଲବ୍ରୋଟୋରି ପ୍ରାଣୀ ସମ୍ପଦ ବିଭାଗ ସମ୍ପାଦକ ଉପେନ୍ଦ୍ର ନାଥ ମହାରଣା, ବରିଷ୍ଠ ଶିକ୍ଷକ ବନମାଳୀ ସ୍ୱାଇଁ ,ଏଲ.ଆଇ ଅନିଲ କୁମାର ବେହେରା, ଜୟନ୍ତ ମଳିକ, ପ୍ରଭାତ ବାରିକ,ମନୋଜ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲାନାସୀ ପଞ୍ଚାୟତରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ସହାୟତା ଓ ରିଲିଫ ବଣ୍ଟନ

ଜଗତସିଂହପୁର,(ସବ୍ୟୁ):ମହାନଦୀ ବନ୍ୟାରେ ପ୍ରଭାବିତ ହୋଇଥିବା ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକର ଜିଲାନାସି ପଞ୍ଚାୟତରେ ଓଡିଶା ଜନତା କଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି ।ଆଜି ଓଡିଶା ଜନତା କଂଗ୍ରେସର ସଭାପତି ତଥା କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ସମ୍ପୃକ୍ତ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଗ୍ରସ୍ତ କରି ଲୋକମାନଙ୍କ ସମସ୍ୟା ବାବଦରେ ବୁଝିବା ସହିତ ଜୟଶଙ୍ଖପୁର ଠାରେ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଲିଥିନ, ଚୁଡା, ଶୀ ଆଦି ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଙ୍କ ମହମ୍ମଦ ମୋକିମଙ୍କ ସହିତ ରାଜ୍ୟ ଉପ-ସଭାପତି ବଦ୍ରି ନାରାୟଣ ମହାନ୍ତି, ରାଜ୍ୟ ସଂପାଦକ ତପନ ରାଉତରାୟ, ରାଜ୍ୟ ଯୁବ ଜନତା ସଭାପତି ଆର୍ଯ୍ୟ ବୀର ଲେଙ୍କା ,ଜିଲ୍ଲା ସଭାପତି ସତ୍ୟଦୀପ ବିଶ୍ୱାଳ, ରାଜ୍ୟ ମହିଳା ସଭାନେତ୍ରୀ ଶୈଳବାଳା ଜେନା ,ମହିଳା ସଭାନେତ୍ରି ନିରୂପମା ବିଶ୍ୱାଳ, ପୂଜାରିଣୀ ବେହେରା ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୈବର୍ତ୍ତ ମହାସଂଘର ସଂଗଠନ ସମ୍ପାଦକ ଅମର ଦାସ,ଧୀରେନ୍ଦ୍ରନାଥ ବିଶ୍ୱାଳ ଏବଂ ଉମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ରେଡକ୍ରସ ମାଷ୍ଟର ଟ୍ରେନର ହେଲେ ଶିକ୍ଷକ ହିମାଂଶୁ

ନାଉଗାଁ,(ସବ୍ୟୁ): ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଉଚ୍ଚସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତର ଓଡ଼ପଏଙ୍ଗାସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ହିମାଂଶୁ କୁମାର ମହାନ୍ତି ସଫଳତା ହାସଲ କରିଛନ୍ତି । ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ସର୍ବୋଚ୍ଚ ଯୋଗ୍ୟତା "ଲେ-ଲେକଚରର' ସମ୍ପୂର୍ଣ୍ଣ କରି ସେ ଗୌରବ ଆଣିଛନ୍ତି । ଦୀର୍ଘ ୫ବର୍ଷର ନିରନ୍ତର ସାଧନା ଏବଂ ଅଧ୍ୟୟନ ପରେ ହିମାଂଶୁ ଗୁରୁତ୍ୱପୂର୍ଣ୍ଣପରୀକ୍ଷା ଦେଇ ସଫଳ ହୋଇଛନ୍ତି । ସାଧାରଣ ଜନତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାଥମିକ ଚିକିତ୍ସା ସଚେତନତା ସୃଷ୍ଟି କରିବା ତାଙ୍କର ମୂଳ ଲକ୍ଷ୍ୟ ହେବ ବୋଲି ସେ କହିଛନ୍ତି । ସଡ଼କ ଦୁର୍ଘଟଣା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସେ ଜଣେ ମାଷ୍ଟର ଟ୍ରେନର ଭାବେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାଧାରଣ ଜନତାଙ୍କୁ ପ୍ରଶିକ୍ଷଣ ଦେବେ । ଗତ ୨୫ ତାରିଖରେ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଡକ୍ରସ ସୋସାଇଟି ପକ୍ଷରୁ ତାଙ୍କୁ ସାର୍ଟିଫିକେଟ ଏବଂ ପରିଚୟପତ୍ର ପ୍ରଦାନ କରାଯାଇଛି । ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକର୍ମୀ, ରେଡକ୍ରସ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପାରାଦୀପ ଛାଡିଲେ ଦୁଇ ଉଦ୍ଧାର ନାବିକ

ପାରାଦୀପ ,( ଜି ପ୍ର ) :ଶନିବାର ସକାଳୁ ପାରାଦୀପ ଛାଡିଛନ୍ତି ଦୁଇ ଉଦ୍ଧାର ଚୀନ ନାଗରିକ । ପାରାଦୀପର ଏକ ତାରକା ହୋଟେଲରେ ଦୁଇଦିନ ରହିବା ପରେ ଆଜି କଲିକତାର ଚୀନ ଦୂତାବାସ ସଦସ୍ୟଙ୍କ ସହ କଲିକତା ଯାତ୍ରା କରିଛନ୍ତି । ସେଠାରୁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତି ପରେ ଦୁଇ ଉଦ୍ଧାର ନାଗରିକ ନିଜ ଘର ଚାଇନାକୁ ଫେରିବେ ବୋଲି ଜଣାପଡିଛି । ଗତ ୨୧ ତାରିଖରେ ଜାହାଜ ମଝି ସମୁଦ୍ର ମଧ୍ୟରେ ବୁଡିଯିବା ପରେ ୨୨ ତାରିଖ ଦିନ ସମୟରେ ସେମାନଙ୍କୁ ଏକ ତୈଳବାହୀ ଜାହାଜ ଉଦ୍ଧାର କରିଥିଲା । ଏହାପରେ ଭାରତୀୟ ତଟରକ୍ଷୀ ଜାହାଜ ଭରଦ ସେମାନଙ୍କୁ ଆଣି ୨୭ ତାରିଖରେ ପାରାଦୀପରେ ପହଂଚିବା ପରେ ସେମାନଙ୍କ ସହ ଭାଷାଗତ ସମସ୍ୟା ହେବାରୁ ସେମାନେ ପାରାଦୀପର ଏକ ତାରକା ହୋଟେଲରେ ରହିଥିଲେ ଓ ଅନୁବାଦକ ଆସିବାପରେ ତାଙ୍କୁ ଜାହାଜ ବୁଡିବା ଘଟଣା ଉପରେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ପଚାରି ତଥ୍ୟ ସଂଗ୍ରହ କରିଥିଲେ ।

# ବୃକ୍ଷରୋପଣ କରି ଜନ୍ମଦିନ ପାଳିଲେ ଛାତ୍ରୀ



ଚ ଣ୍ଡି ଖୋ ଳ , ( ସ ବୁ ୍ୟ ) : ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୋନାକ୍ଷୀ ନିଜ ଜନ୍ମ ଦିନରେ ଭୋଜିଭାତ ନକରି ଓ କେକ ନକାଟି ନିରାଡମ୍ବର ଭାବେ ବୃକ୍ଷରୋପଣ କରି ନିଜ ଜନ୍ମ ଦିନ ପାଳନ କରିଛନ୍ତି । ପିଲାଟି ବେଳୁ ପର୍ଯ୍ୟାବରଣ ଓ ପରିବେଶର ସୁରକ୍ଷା ପାଇଁ ମନ ନିବେଶ କରୁଥିବା ଛାତ୍ରୀ ଜଣକ ପ୍ରତ୍ୟେକ ବର୍ଷ ବୃକ୍ଷ ରୋପଣକରି ନିଜ ଜନ୍ମ ଦିନକୁ ପାଳନ କରିଆସୁଛନ୍ତି । ତାଙ୍କର ଏପରି ନିଆରା କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି । ବଡଚଣା ବ୍ଲକ ସୁଙ୍ଗୁଡା ଗ୍ରାମର ପୂର୍ବତନ ସରପଞ୍ଚ ଚଚାଲିନ ସ୍ୱାଇଁ ଓ ସଞ୍ଜୟ ସ୍ୱାଇଁଙ୍କ ଝିଅ ସୋନାକ୍ଷୀଙ୍କ ଜନ୍ମ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଦିନ । ଚଳିତ ବର୍ଷ ସେ ନିଜର ୧୫ତମ ଜନ୍ମ ଦିବସ ପାଳନ କରିବା ଅବସରରେ ନିଜ ଗାଁର ବିଭିନ୍ନ ସ୍ଥାନରେ ପିଜୁଳି,ଆତ,ଅଁଳା ଆଦି ବହୁ ପ୍ରକାର ଫଳ,ଫୁଲ ଓ ଔଷଧୀୟ ଗଛ ଲଗାଇ ଥିଲେ । ପିଲାଟି ଦିନରୁ ସେ ମଧ ଜଣେ ମେଧାବୀ ଛାତ୍ରୀ ଭାବେ ବେଶ ଜଣାଶୁଣା । ସୋନାକ୍ଷୀଙ୍କର ପିଲା ଦିନରୁ ବୃକ୍ଷରୋପଣ ଓ ପରିବେଶ ସ୍ୱଚ୍ଛତା ପ୍ରତି ଆଗ୍ରହ ରହିଆସିଛି ଓ ଏହି କାର୍ଯ୍ୟରେ ନିଜ ପରିବାର ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତି ବୋଲି ସୋନାକ୍ଷୀ କହିଛନ୍ତି ।

# ଧରାପଡ଼ିଲା ଟ୍ରାଭେଲ୍ ଏଜେନ୍ସି ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ: ବାଇକ୍ ସମେତ ବନ୍ଧୁକ ଓ ଗୁଳି ଜବତ



ପାଣିକୋଇଲ,(ସବ୍ୟୁ) : କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ତେଲେଙ୍ଗା ବସ୍ତିର ମାଇକେଲ ନାଗ୍ର ପୁଅ ମାଇକେଲ ସନ୍ତୋଷକୁ ଆଜି ପୁଲିସ ଥାନା କେସ୍ ନମ୍ବର-୩୧୯/୨୬ରେ କୋର୍ଟଚାଲାଣ କରିଛି । ଅଭିଯୁକ୍ତ ସନ୍ତୋଷ ନିକଟରୁ ଏକ ବାଇକ୍ ସହ ୨ଟି ଦେଶୀ ବନ୍ଧୁକ, ୨ଟି ମାଗାଜିନ୍ ଏବଂ ୫ଟି ଅଫୁଟା ଗୁଳି ଜବତ ହୋଇଥିବା ପୁଲିସ ଆଜି କୋରେଇ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି । ଆଜି ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନ୍‌ଗୋ ଏବଂ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ମିଳିତ ଭାବେ କରିଥିବା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ, ଅଭିଯୁକ୍ତ ସନ୍ତୋଷ ଜଣେ ଆନ୍ତରାଜ୍ୟ ଅପରାଧୀ । ଯାଜପୁର ଜିଲ୍ଲାର ବିଭିନ୍ନ ଥାନା ସମେତ ରାଜ୍ୟ ବାହାରେ ମଧ ତା ବିରୋଧରେ ଏକାଧିକ ମାମଲା ରହିଛି । ଗତବର୍ଷ ଅକ୍ଟୋବର ୧୫ ତାରିଖରେ ଯାଜପୁରରୋଡ଼ ଥାନା ବ୍ୟାସନଗରସ୍ଥିତ ଦୁର୍ଗାମାଧବ ଟ୍ରାଭେଲ୍ ଏଜେନ୍ସି କାର୍ଯ୍ୟାଳୟକୁ ଅଭିଯୁକ୍ତମାନେ କ୍ୟାନ୍‌ସେଲ୍ ଟିକେଟ୍‌ର ବକେୟା ଟଙ୍କା ଫେରସ୍ତ ପାଇଁ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଫେରାର ଥିବାବେଳେ ତାର ସହଯୋଗୀଙ୍କୁ ପୁଲିସ ଗିରଫ କରିଥିଲା । ହେଲେ ଦୁଇଦିନ ତଳେ ସନ୍ତୋଷ ନିଜର ବାଇକ୍ (ଓଡି ୦୫ ବିପି ୫୫୦୧)ରେ ଆସି ଏକ ଦେଶୀ ବନ୍ଧୁକ ସହ କୋରେଇ ଥାନାରେ ପହଁଚିଥିବା ଥାନାଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ । ପରେ ଅଧିକ ତଦନ୍ତ କରିବା ପରେ ସନ୍ତୋଷ ନିଜଘରେ ମଧ ଏକ ଦେଶୀ ବନ୍ଧୁକ ରଖିଥିବା ସ୍ୱୀକାର କରିଥିଲା । ପରେ କୋରେଇ ପୁଲିସ ସନ୍ତୋଷର ଘରେ ଚଢ଼ଉ କରି ବନ୍ଧୁକ ଓ ଗୁଳିଗୁଡ଼ିକୁ ଜବତ କରିଥିଲା । ଅଭିଯୁକ୍ତ ସନ୍ତୋଷ ଟ୍ରାଭେଲ ଏଜେନ୍ସି ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିବାବେଳେ ସେବେଠାରୁ ଫେରାର ଥିଲା । ହେଲେ କୋରେଇ ପୁଲିସ ନିୟମିତ ଭାବେ ସନ୍ତୋଷର ତନାଘନା କରିବା ସହିତ ତେଲେଙ୍ଗା ବସ୍ତି ଉପରେ ତୀକ୍ଷ୍ଣ ନଜର ରଖିଥିଲା । ଫଳରେ ସେ ବାଧହୋଇ ଥାନାରେ ଆତ୍ମସମର୍ପଣ କରିଥିଲା ବୋଲି ପୁଲିସ ସୂଚନା ଦେଇଛି । ତେବେ କୋରେଇ ଏବଂ ବ୍ୟାସନଗରରେ ଏବେ ଅପରାଧୀମାନେ ବାହାର ରାଜ୍ୟରୁ ବନ୍ଧୁକ ଆଣି ବ୍ୟବହାର କରୁଥିବା ବେଳେ ଏହି ଚୋରା ବନ୍ଧୁକ କାରବାର ଯାଜପୁର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଜିଲ୍ଲା ଏବଂ ବିହାର ଓ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ବ୍ୟାପିଥିବାର ମଧ ଆଶଙ୍କା ପ୍ରକାଶ ପାଇଛି । ଏନେଇ ଏସ୍‌ପିଙ୍କ ନିର୍ଦ୍ଦେଶରେ କୋରେଇ ପୁଲିସ ତେଲେଙ୍ଗା ବସ୍ତି ଏବଂ ବ୍ୟାସନଗର ଉପରେ କଡ଼ା ନଜର ରଖିଛି ବୋଲି ଥାନାଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି ।

# ସାରୋଳ ଦାସଙ୍କ ଜନ୍ମକାଳ ଓ ଜନ୍ମସ୍ଥାନ ନେଇ ଗବେଷକଙ୍କ ଗଭୀର ମନ୍ଥନ

## ସାରୋଳ ମହାଭାରଥ ଖୋଲିଲା ଇତିହାସର ନୂଆ ଅଧ୍ୟାୟ




ଫୁଲନଖରା ,(ସବ୍ୟୁ) :ପ୍ରାଚୀ ପ୍ରଜ୍ଞା ପରିଷଦ, କୁରାଙ୍ଗ ଶାସନ ଓ କଳିଙ୍ଗ ଇତିହାସ, ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ସାରୋଳ ମହାଭାରଥଏକ ବିତର୍କ ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର କୁରାଙ୍ଗ ଶାସନସ୍ଥିତ ଆମ୍ରପଲ୍ଲୀ ରିସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀ ପ୍ରଜ୍ଞା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର ଏହି ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିବାବେଳେ ପ୍ରଦୀପ୍ତ କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଆଲୋଚନାଚକ୍ରରେ ପ୍ରାଚୀ ସଂସ୍କୃତିର ବରିଷ୍ଠ ଗବେଷକ ହଂସନାଥ ସାହୁ, ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଡା. କବିତା ମିଶ୍ର ଓ ଲତାରାଣୀ ପ୍ରଧାନ ପ୍ରାଚୀ ନଦୀତଟବର୍ତ୍ତୀ ଅଞ୍ଚଳର ଦେବଦେବୀ, ପ୍ରାଚୀନ ସଂସ୍କୃତି ଓ ସାରୋଳ ମହାଭାରଥର ବିଭିନ୍ନ ଐତିହାସିକ ଓ ସାହିତ୍ୟିକ ପ୍ରସଙ୍ଗ ଉପରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ । ଏଥିସହ ବିଶିଷ୍ଟ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ଗବେଷଣାଲବ୍ଧ ତଥ୍ୟକୁ ମଧ୍ୟ ଆଲୋଚନାରେ ସ୍ଥାନ ଦିଆଯାଇଥିଲା । ବିଶେଷକରି ଆଦିକବି ସାରୋଳ ଦାସଙ୍କ ଜନ୍ମକାଳ ଓ ଜନ୍ମସ୍ଥାନକୁ ନେଇ ଆଲୋଚନାଚକ୍ରରେ ଗଭୀର ବିତର୍କ ହୋଇଥିଲା । କେତେକ ଐତିହାସିକ ଗ୍ରନ୍ଥରେ ସାରୋଳ ଦାସଙ୍କୁ ପଞ୍ଚଦଶ ଶତାବ୍ଦୀର କବି ଏବଂ ଗଜପତି କପିଳେନ୍ଦ୍ର ଦେବଙ୍କ ସମସାମୟିକ ବୋଲି ଉଲ୍ଲେଖ କରାଯାଇଥିବାବେଳେ, ସାରୋଳ ମହାଭାରଥରେ ମିଳୁଥିବା ତଥ୍ୟ ଓ ଅନ୍ୟାନ୍ୟ ଐତିହାସିକ-ପୌରାଣିକ ତଥ୍ୟକୁ ଆଧାରକରି ଏହାର ପୁନଃବିଚାର ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ବିଭିନ୍ନ ତଥ୍ୟ ଓ ଗବେଷଣାକୁ ଆଧାର କରି ଆଦିକବ ସାରୋଳ ଦାସଙ୍କ ଜନ୍ମ ନବମ ଶତାବ୍ଦୀରେ ହୋଇଥିବା ଏବଂ ପ୍ରାଚୀ ନଦୀକୂଳସ୍ଥ କଣିଆ ଗ୍ରାମ ତାଙ୍କ ଜନ୍ମସ୍ଥାନ ବୋଲି ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ କଳିଙ୍ଗ ଇତିହାସ ପକ୍ଷରୁ ସୁନୀଲକୁମାରବିଶ୍ୱାଳ, ଡା. ବିଶ୍ୱଭାରତୀ, ସଞ୍ଜୟ କୁମାର ବରାଳଙ୍କ ସମେତ ପ୍ରାୟ ୭୦ ଜଣ ଐତିହାସିକ, ଗବେଷକ ଓ ସାହିତ୍ୟିକ ଯୋଗଦେଇଥିଲେ । ବରିଷ୍ଠ ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ, ଲଳିତ କୁମାର ଦାଶ, ପ୍ରକାଶ କୁମାର ନନ୍ଦ, ଉମାକାନ୍ତ ନନ୍ଦ, ଅନୁପ କୁମାର ଶାସମଲ, କୈଳାଶ ଚନ୍ଦ୍ର ପାତ୍ର, ମନୋଜ କୁମାର ସାହୁ, ଚିନ୍ମୟ ମହାରଣା ଓ ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସଞ୍ଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ ।ସାରୋଳ ମହାଭାରଥ, ଆଦିକବିସାରୋଳ ଦାସ ଓ ପ୍ରାଚୀ ଉପତ୍ୟକାର ପ୍ରାଚୀନ ଇତିହାସ ଓ ସଂସ୍କୃତି ସମ୍ପର୍କରେ ନୂତନ ଗବେଷଣା ଓ ତଥ୍ୟଭିତ୍ତିକ ଚର୍ଚ୍ଚା ପାଇଁ ଏହି ଆଲୋଚନାଚକ୍ର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଥିବା ମତ ପ୍ରକାଶ ପାଇଥିଲା ।

## ନିଆରା ପରମ୍ପରା ଉପାକର୍ମ ଗୁରୁ ପୂଜନ ଓ ଉପଦେଶ ଗ୍ରହଣ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ରତାମାଟିର ଗୁରୁ ପ୍ରଫେସର ଦିବାକର ମହାପାତ୍ରଙ୍କ ବାସଗୃହରେ ଶିଷ୍ୟମାନେ ଏକତ୍ରିତ ହୋଇ ନିଜ ଗୁରୁ ପ୍ରଫେସର ମହାପାତ୍ରଙ୍କୁ ପୂଜନ କରିଥିଲେ । ଏହି ପରିପ୍ରେକ୍ଷୀରେ ପୂଜନ ପରେ ଉପସ୍ଥିତ ଶିଷ୍ୟ, ଡ଼ଃ କୃପାସିନ୍ଧୁ ପଣ୍ଡା, ପଣ୍ଡିତ ଶ୍ରୀକାନ୍ତ ମହାପାତ୍ର, ପଣ୍ଡିତ ମହନ୍ତ ଶ୍ରୀ ବିଶ୍ୱରଂଜନ ଚଇନି, ପଣ୍ଡିତ ଶ୍ରୀନିବାସ ମହାପାତ୍ର, ପଣ୍ଡିତ ସୁରେନ୍ଦ୍ର ଦାଶ, ପଣ୍ଡିତ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ ସମେତ ବହୁ ଶିଷ୍ୟମାନଙ୍କୁ ଶ୍ରାବଣୀ ଉପାକର୍ମର ଉପାଦେୟତା ଏବଂ କିଭଳି ଜନ୍ମଜନ୍ମାନ୍ତର ଜ୍ଞାତ ଅଜ୍ଞାତ ପଞ୍ଚସୂନାଦି କୃତ ସମସ୍ତ ପାତକ ଉପପାତକକୁ ଉତ୍ସର୍ଗ କରି ଦଶ ବିଧ ସ୍ନାନ ଇତ୍ୟାଦି ଦ୍ୱାରା ଶୁଦ୍ଧି ହୋଇ ନୂତନ ଯଜ୍ଞୋପବିତ ଧାରଣ କରିଥାନ୍ତି । ଯାଜ୍ଞାଦି ଋଷିଙ୍କୁ ପୂଜନ କରି ଦେବାଦେବୀଙ୍କୁ କାଷ୍ଠ ପଞ୍ଚକ ମନ୍ତ୍ର ରେ ହୋମ କରି ବେଦ ବେଦାଙ୍ଗାଦି ଅଧ୍ୟୟନ କରିଥାନ୍ତି । ଗୃହସ୍ଥ ଆଦି ସମସ୍ତ ବୈଦିକ ମାନେ ଏହି ଉତ୍ସର୍ଗ ଉପାକର୍ମ କରିବା ନିତ୍ୟାନ୍ତ ଆବଶ୍ୟକ ।

## ବ୍ଲକ କଂଗ୍ରେସ ଉପ ସଭାପତି ଶେଖ ହେଦାୟି ଅଲ୍ଲୀ

କାକଟପୁର, (ସବ୍ୟୁ):ପୁରୀଜିଲ୍ଲା କାକଟପୁର ବ୍ଲକ କଂଗ୍ରେସ କମିଟି ଉପ ସଭାପତି ଭାବେ ଶେଖ ହେଦାୟି ଅଲ୍ଲୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ବ୍ଲକ କଂଗ୍ରେସ କମିଟି ସଭାପତି ଅବଧୁତ ସ୍ୱାଇଁ ଙ୍କ ସୁପାରିଶ କ୍ରମେ ପୁରୀଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ ରାଜେଶ କୁମାର ମିଶ୍ର ଙ୍କ ଅନୁମୋଦନ ପରେ ଶେଖ ହେଦାୟି ଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥିପାଇଁ ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର (ରମୁ ଭାଇ)ଓଥକା ଗ୍ରାମ ପଞ୍ଚାୟତ ସଭାପତି ତଥା ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ବିଶ୍ୱାଳ,ଯୁବ ବିଧାୟକ ପ୍ରାର୍ଥୀ ବିଶ୍ୱ ଭୂଷଣ ଦାଶ,ରାଜ୍ୟ ସଂଖ୍ୟା ଲଘୁ ସେଲ ର ସାଧାରଣ ସମ୍ପାଦକ ମଲ୍ଲିକ ଏନାମୁଲ୍ଲ, ପୁରୀଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଯଶୋବନ୍ତ ନାରାୟଣ ମହାନ୍ତି, ଯୁବ ନେତା ବିଚିତ୍ରା ନନ୍ଦ ଦାଶ, ୬ନଂ ଜୋନ ସଭାପତି ଅତିଉର ରହେମାନ ୭ନଂ ଜୋନ ସଭାପତି ପ୍ରଫୁଲ୍ଲ ବିଶ୍ୱାଳ,୮ନଂ ଜୋନ ସଭାପତି ସୁମନ୍ତ କୁମାର ବିଶ୍ୱାଳ, ଓ ଶତାଧିକ କର୍ମୀ ମାନେ ଜିଲ୍ଲା ସଭାପତି ଶ୍ରୀ ମିଶ୍ର ଓ ବ୍ଲକ ସଭାପତି ଶ୍ରୀ ସ୍ୱାଇଁ ଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି ।

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ଜାତୀୟ ପାଠଚକ୍ର



ଖଣ୍ଡପଡ଼ା, (ସବ୍ୟୁ):ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଗଡ଼ିଆସାହି ପଞ୍ଚାୟତ ଅଧୀନ ନଟବରପୁର ଶାସନ ସ୍ଥିତ ବେଦ ଶାସ୍ତ୍ର ପାଠଶାଳା ଦ୍ୱାରା ଆୟୋଜିତ ଓଡ଼ିଶା ସାହିତ୍ୟ ଏକାଡେମୀ ପୃଷ୍ଠପୋଷକତାରେ ଏକଦିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ଶନିବାର ଅପରାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ରାଜ୍ୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଜାତୀୟ ପାଠଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ସଜ୍ଜନ ଶର୍ମା, ଭାରତ ବିକାଶ ପରିଷଦର ଅଧ୍ୟକ୍ଷ ସତ୍ୟବାଦୀ ଦାଶ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ସାହିତ୍ୟ ଅନୁଷ୍ଠାନ ତଥାସ୍ତୁର ପ୍ରତିଷ୍ଠାତା ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧ୍ୟାପିକା ପ୍ରିୟମ୍ବଦା ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ । ଡଃ ହରିହର ଦାସ ମହନ୍ତ ମହାରାଜ ବେଦପାଠ କରିଥିବାବେଳେ ପଣ୍ଡିତ ମନୋଜ ଦାଶ ରାମାୟଣ ଚର୍ଚ୍ଚା କରିଥିଲେ ।ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିରେ ରକ୍ଷା ବନ୍ଧନ ପର୍ବ ଶିର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବରିଷ୍ଠ କବୟିତ୍ରୀ ଉମାମଣୀ ମିଶ୍ରଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏକକାଳୀନ ଭାବେ ବିଶ୍ୱ ସଂସ୍କୃତ ଦିବସ, ଓଡ଼ିଆ ପାଠଚକ୍ର, ପ୍ରଫେସର ଆଚାର୍ଯ୍ୟଙ୍କ ସର୍ଗତା ମାତା ରୁକ୍ମିଣୀ ଆଚାର୍ଯ୍ୟଙ୍କ ୪ର୍ଥ ବାର୍ଷିକ ଶ୍ରାଦ୍ଧ ବାର୍ଷିକୀ ପାଳନ ଭଳି ଏହି କାର୍ଯ୍ୟକ୍ରମରେ ଶତାଧିକ ସାହିତ୍ୟିକ, ସଂସ୍କୃତ ବିଦ୍ୱାନ ଓ ଜନସାଧାରଣ ଯୋଗଦେଇଥିଲେ । ବେଦଶାସ୍ତ୍ର ପାଠଶାଳାର ଆବାହକ ରମେଶ ଚନ୍ଦ୍ର ଆଚାର୍ଯ୍ୟ, ସଚିବ ଶିବ ନାରାୟଣ ଆଚାର୍ଯ୍ୟଙ୍କ ସମେତ ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଜଣାଯାଇଛି ।

24001/427/2627

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

**No. RDM-LAC-KNJ-0007-2026-35973 / R&DM, Dated. 25.08.2026**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଜଳ ଭଣ୍ଡାର ନିର୍ମାଣ ପାଇଁ ସରକାର ସରକାରୀ ବ୍ୟୟରେ ମୌଜା- **ପଦ୍ମପୁର (ଅତିରିକ୍ତ), ଥାନା- ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର**ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୪.୦୧** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି :

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR&R Act-2013**) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ବନ୍ଧିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଆନନ୍ଦପୁର ବ୍ୟାରେଜ ଜଳ ସେଚନ ପ୍ରକଳ୍ପ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ,ଆନନ୍ଦପୁର ବ୍ୟାରେଜ ଡିଭିଜନ, ଶାଳପଡା, କେନ୍ଦୁଝର ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ଆନନ୍ଦପୁର ।

୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ପଦ୍ମପୁର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୬.୦୦ | ଏ. ୪.୦୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**LAND SCHEDULE**

Addl. Land Acquisition for excavation of Anandapur Barrage Project (Reservoir) of **Vill-Padmapur (Addl)**, Tahasil - Anandapur, P.S. - Anandapur, Dist - Keonjhar, L.A. Case No. LACN/1/21/2025

| କ୍ର.ନଂ | ଖାତା ନଂ | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୨ | ଅନନ୍ତ ସାହୁ, ପି- ଶିବ ସାହୁ ଜା - ତେଲି, ବା- ନିଜିଗାଁ | ୪୮ | ବାଜେଫସଲ-୨ | ୦.୬୨ | ୦.୧୬ |
| ୨ | ୪୩ | ଉପ ବେଜ, ଗୋପିନାଥ ବେଜ, ପି-କୃଷ୍ଣ ବେଜ ଜା - ଭଣ୍ଡାରି, ବା-ନିଜିଗାଁ | ୨୫ | ବାଜେଫସଲ-୧ | ୦.୦୬ | ୦.୦୬ |
| ୩ | ୧୨୨ | ବେଳା ମହେଲ, ପି- ଭଗି ମହେଲ, ଜା-ବାଥୁଡି, ବା- ସଡଙ୍ଗି | ୨୯ | ବିଆଲି | ୦.୨୩ | ୦.୨୩ |
| ୪ | ୧୬୦ | ଗୋହିଆ ନାଇକ, ପି- ଉଲୁ ନାଇକ, ଜା-ବାଥୁଡି, ବା- ସଡଙ୍ଗି | ୫୪ | ବାଜେଫସଲ-୧ | ୦.୧୯ | ୦.୦୯ |
| ୫ | ୨୩୦ | ଦେଶ ନାଇକ, ପି- ଲେମୁ ନାଇକ, ଜା - ବାଥୁଡି, ବା-ସଡଙ୍ଗି | ୩୧ | ବାଜେଫସଲ-୧ | ୦.୫୩ | ୦.୫୩ |
| | | | ୩୨ | ବିଆଲି | ୦.୫୪ | ୦.୩୧ |
| ୬ | ୩୮୬ | ବାଳା ମହେଲ, ପି- ଭୀମ ମହେଲ ଜା-ବାଥୁଡି, ବା-ସଡଙ୍ଗି | ୨୬ | ବିଆଲି | ୦.୩୪ | ୦.୩୪ |
| ୭ | ୪୬୮ | ମାର୍କଣ୍ଡ ସାହୁ, ନାରଣ ସାହୁ, ପି-ସୁଦର୍ଶନ ସାହୁ, ସତ୍ୟାନ ସାହୁ, ପି- ହରି ସାହୁ, ଜା-ଗୁଡିଆ, ପାଣ୍ଡୁ ବେହେରା, ବଜ ବେହେରା, ପି- ଭଜନ ବେହେରା, ଭାଇଗ ସାହୁ, ସୁଜନ ସାହୁ, ପି-ଗୋବିନ୍ଦ ସାହୁ, ଶଙ୍କୁ ସାହୁ, ପି-ନିଧଇ ସାହୁ, ପାଡି ସାହୁ, ସ୍ୱାମୀ-କ୍ଷେତ୍ର ସାହୁ, ଉସୁ ସାହୁ, ପି- ଭୀକାରୀ ସାହୁ, ଜା- ତେଲି, ବା-ନିଜିଗାଁ | ୧୬୦/୪୪୭୬ | ବାଜେଫସଲ-୧ | ୦.୧୩ | ୦.୧୩ |
| ୮ | ୫୧୧ | ରାଧୁ ସାହୁ, ବଧି ସାହୁ, ମଧୁ ସାହୁ, ହରି ସାହୁ, କୃଷ୍ଣ ସାହୁ, ପି- ରାମ ସାହୁ, ଜା-ତେଲି, ବା-ନିଜଗାଁ | ୧୪୧୩ | ବାଜେଫସଲ-୧ | ୦.୨୮ | ୦.୦୬ |
| | | | ୧୪୧୫ | ବାଜେଫସଲ-୧ | ୦.୯୬ | ୦.୨୪ |
| ୯ | ୫୧୬ | ରାମ ନାଇକ, ପି- ଅର୍ଜୁନ ନାଇକ, ଭିମ ନାଇକ, ନକୁଳ ନାଇକ, ଗୋକୁଳ ନାଇକ, ପି-ଅଇଦ ନାଇକ, ଜା-ବାଥୁଡି, ବା-ସଡିଙ୍ଗି | ୫୫ | ବାଜେଫସଲ-୧ | ୦.୧୪ | ୦.୦୫ |
| ୧୦ | ୫୪୮ | ସନାତନ ସାହୁ, ପି- ମଦନ ସାହୁ, ଜା-ତେଲି, ବା- ନିଜିଗାଁ | ୧୭୩ | ବାଜେଫସଲ-୨ | ୦.୪୯ | ୦.୪୯ |
| ୧୧ | ୬୨୧/୧୩୫ | ଶକଦେବ ସାହୁ, ପି- ମଙ୍ଗୁଳୁ ସାହୁ, ଜା-ତେଲି, ବା-ନିଜଗାଁ | ୨୫/୪୮୮୫ | ବାଜେଫସଲ-୧ | ୦.୦୬ | ୦.୦୬ |
| ୧୨ | ୬୨୧/୨୪୯ | ନାରାୟଣ ସାହୁ, ପି-ସୁଦର୍ଶନ ସାହୁ, ଜା-ଗୁଡିଆ, ବା: ନିଜଗାଁ | ୧୬୦/୪୯୯୬ | ବାଜେଫସଲ-୧ | ୦.୨୦ | ୦.୨୦ |
| ୧୩ | ୬୨୧/୭୦୩ | ନବଘନ ସାହୁ, ପି-ନନ୍ଦେଇ ସାହୁ, ଜା-ତେଲି, ବା-ପଦ୍ମପୁର | ୧୬୦/୫୦୬୮ | ବାଜେଫସଲ-୧ | ୦.୧୬ | ୦.୧୬ |
| ୧୪ | ୬୨୧/୮୬୦ | ଗଙ୍ଗାଧର ସାଇ, ଉବିନ୍ଦ୍ର ସାଇ, ପି- ବୈଦାରୀ ସାଇ, ଜା-ଗୁଡିଆ, ବା- ପଦ୍ମପୁର | ୧୪୧୭/୪୬୬୩ | ବାଜେଫସଲ-୨ | ୦.୪୯ | ୦.୩୧ |
| ୧୫ | ୬୨୧/୯୪୮ | ବାଇଧର ଖଟୁଆ, ପି- ଉସୁ ଖଟୁଆ, ଜା-ତେଲି, ବା-ପଦ୍ମପୁର | ୧୬୮ | ଶାରଦ-୨ | ୦.୨୩ | ୦.୨୩ |
| ୧୬ | ୬୨୧/୯୭୮ | ଜଗବନ୍ଧୁ ସାହୁ, ପଦ୍ମନାଭ ସାହୁ, ପି- ବଳଭଦ୍ର ସାହୁ, ଜା- ତେଲି, ବା- ପଦ୍ମପୁର | ୧୬୦/୫୩୩୦ | ବାଜେଫସଲ-୧ | ୦.୨୮ | ୦.୨୮ |
| ୧୭ | ୬୨୧/୧୪୨୪ | ଆଶିଷ ପଟ୍ଟନାୟକ, ପି- ନୃସିଂହ ଚରଣ ପଟ୍ଟନାୟକ, ଜା-କରଣ, ବା- ଆନନ୍ଦପୁର | ୩୩୧ | ଶାରଦ-୧ | ୦.୦୭ | ୦.୦୭ |
| | | | ମୋଟ ଅଧିଗ୍ରହଣ ରକବା ଏ. | | | ୦୪.୦୧ |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଦିଗନ୍ତ ରାଉତରାୟ)**
**ଅତିରିକ୍ତ ଶାସନ ସଚିବ**

OIPR : 24001/124001/3/26-27/0141

## ପିପିଲିରେ ଜାତୀୟ କ୍ରୀଡା ଦିବସ ପାଳିତ

# ସୁସ୍ଥ ଶରୀର ଓ ମାନସିକ ବିକାଶ ପାଇଁ କ୍ରୀଡା ଅପରିହାର୍ଯ୍ୟ : ବାଚସ୍ପତି




ପିପିଲ,(ସବ୍ୟୁ) : ଶାରୀରିକ ଶିକ୍ଷାର ଆବଶ୍ୟକତା ଅତି ଜରୁରୀ । କ୍ରୀଡା ଦ୍ୱାରା ଶରୀର ସୁସ୍ଥ ରହେ, ଛାତ୍ରଛାତ୍ରୀଙ୍କ ଧୈର୍ଯ୍ୟ ଓ ଶୃଙ୍ଖଳା ଜ୍ଞାନ ବଢିବା ସହିତ ମାନସିକ ବିକାଶ ହୁଏ ବୋଲି ପିପିଲି ଠାରେ ଅନୁଷ୍ଠିତ ଜାତୀୟ କ୍ରୀଡା ଦିବସ ସମାରୋହରେ ଯୋଗଦେଇ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢୀ ପ୍ରକାଶ କରିଛନ୍ତି ।

ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ପିପିଲି ନୋଡାଲ ହାଇସ୍କୁଲ ଖେଳପଡିଆରୁ ଏକ ବିଶାଳ କ୍ରୀଡା ଶୋଭାଯାତ୍ରା ବାହାରି ପିପିଲି ବଜାର ପରିକ୍ରମା କରିବା ପରେ ଜବାହର ବିଦ୍ୟାପୀଠରେ ପହଞ୍ଚିଥିଲା । ଏହି କ୍ରୀଡା ଶୋଭାଯାତ୍ରାକୁ ଅବସରପ୍ରାପ୍ତ ଲେଫଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଅନ୍ତର୍ଜାତୀୟ କ୍ରୀଡାବି ପ୍ୟାରୀ ଖାଖା, ଜାତୀୟ କ୍ରୀଡାବି ସପତି ସାହୁ, କ୍ରୀଡା ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ପ୍ରଭାକର ମଙ୍ଗରାଜ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ବିଭିନ୍ନ ବିଦ୍ୟାଳୟର ୭ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ୧୧ଟି କ୍ରୀଡା ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

ପରେ ଜବାହର ବିଦ୍ୟାପୀଠ ଖେଳପଡିଆ ପରିସରରେ ନିର୍ମିତ ଏକ ଟେବୁଲ ଟେନିସ ହଲ ଓ ସିନ୍ଥେଟିକ ମ୍ୟାଟ୍ରେ ନିର୍ମିତ କବାଡି ଗ୍ରାଉଣ୍ଡକୁ ବାଚସ୍ପତି ସୁରମା ପାଢୀ ଲୋକାର୍ପିତ କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଏସ୍ପି ପ୍ରତୀକ ସିଂହଙ୍କ ସମେତ ପିପିଲି ତହସିଲଦାର, ବିଡିଓ ଓ କ୍ରୀଡା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଇନ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ସଂପର୍କିତ ଏକ ଜାତୀୟଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ସଂପର୍କରେ ଆଲୋକପାତ କରିଥିଲେ । ପିଲାମାନଙ୍କ ପାଇଁ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଜଣେ ବ୍ୟକ୍ତି ଓ ଛାତ୍ରକୁ କ୍ରୀଡା ଯଥେଷ୍ଟ ସମ୍ମାନ ଓ ପ୍ରତିଷ୍ଠା ଦେଇଥାଏ ।

ପିପିଲି ସାଂସ୍କୃତିକ ପରିଷଦର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଲେଫଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଲେ । ପରିଷଦର ସାଧାରଣ ସଂପାଦକ ତଥା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିଲେ । ଅନ୍ୟତମ ଅତିଥି ଭାବେ ପୁରୀର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଖୋଖୋ ଆସୋସିଏସନ ସଂପାଦକ ପ୍ରଦ୍ୟୁମ୍ନ ମିଶ୍ର, କବାଡି ଆସୋସିଏସନ ଉପସଭାପତି ପାର୍ଥବୀର ଭୂୟାଁ ପ୍ରମୁଖ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଉପରେ ଆଲୋକପାତ କରିଥିଲେ । ପରିଷଦର ସଦସ୍ୟ ପ୍ରକାଶ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଦୀନବନ୍ଧୁ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଷଦ ପକ୍ଷରୁ ପ୍ରକାଶିତ ଏକ ପୁସ୍ତିକାକୁ ବାଚସ୍ପତି ଉନ୍ମୋଚନ କରିଥିଲେ । ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଯୋଗେଶ୍ୱର ପ୍ରସାଦ ଗିରୀ, ବଟକୃଷ୍ଣ ଜେନା ଓ କପିଳେନ୍ଦ୍ର ନାୟକଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ଶେଷରେ ପରିଷଦର କ୍ରୀଡା ସଂପାଦକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୫ଶହରୁ ଉର୍ଦ୍ଧ୍ୱ କଲେଜ ଛାତ୍ରଛାତ୍ରୀଙ୍କ ସମେତ ପିପିଲି ଓ ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, କ୍ରୀଡା ଶିକ୍ଷକ, କ୍ରୀଡାବି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ବିଭିନ୍ନ କ୍ରୀଡା ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

## ରି-ଆଡମିସନ ଓ ପରୀକ୍ଷା ଫି' ପ୍ରତିବାଦରେ କଲେଜ ଛାତ୍ରଛାତ୍ରୀଙ୍କ ରାସ୍ତା ରୋକ

କଣାସ,(ସବ୍ୟୁ): ଫି' ଛାଡ଼ ଦାବିରେ ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୟାବିହର ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶୁକ୍ରବାର ଉଗ୍ର ଆନ୍ଦୋଳନ କରିଛନ୍ତି । କଣାସରୁ ଜଙ୍କିଆଗଡ଼ସାହିକୁ ସଂଯୋଗ କରୁଥିବା ଦୟାନଦୀ ବନ୍ଧ ରାସ୍ତାକୁ ଛାତ୍ରଛାତ୍ରୀମାନେ ଦୀର୍ଘ ସମୟ ଧରି ଅବରୋଧ କରିବାରୁ ଉଭୟ ପାଖ୍ୱର୍ରେ ଶତାଧିକ ଗାଡ଼ିମଟର ଅଟକି ରହି ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା ।

ସୂଚନାଯୋଗ୍ୟ, ସରକାର 'କେଜି ରୁ ପିଜି' ପର୍ଯ୍ୟନ୍ତ ମାଗଣା ଶିକ୍ଷା ଘୋଷଣା କରିଥିବା ବେଳେ ଦୟାବିହର ସ୍ନାତକ ମହାବିଦ୍ୟାଳୟରେ ରି-ଏଡମିସନ ଏବଂ ପରୀକ୍ଷା ଫି' ବାବଦରେ ଅର୍ଥ ଆଦାୟ କରାଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ।ନାମଲେଖା, ରି-ଏଡମିସନ ଓ ପରୀକ୍ଷା ଫି' ସମ୍ପୂର୍ଣ୍ଣ ମାଗଣା କରିବା ଦାବିରେ ପିଲାମାନେ ରାସ୍ତା ଉପରେ ଧାରଣାରେ ବସି ରହିଥିଲେ । ଖବର ପାଇ ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ତହସିଲଦାର ହିମାଂଶୁ ଶେଖର ଗିରି ଏବଂ କଣାସ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ମାତ୍ର ଦାବି ପୂରଣ ନହେବା ଯାଏ ରାସ୍ତାରୁ ହଟିବେ ନାହିଁ ବୋଲି ଛାତ୍ରଛାତ୍ରୀମାନେ ଅଡ଼ି ବସିଥିଲେ । ଶେଷରେ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ତରଫରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ଓହରିଥିଲେ ଏବଂ ରାସ୍ତାଘାଟ ସ୍ୱାଭାବିକ ହୋଇଥିଲା ।

## ଜୟଦେବ ବିକାଶ ମଞ୍ଚ ଆନୁକୂଲ୍ୟରେ ରକ୍ଷାବନ୍ଧନ

ବାଲିପାଟଣା ,(ସବ୍ୟୁ) : ପବିତ୍ର ରାକ୍ଷୀ ପୂର୍ଣ୍ଣମୀ ଅବସରରେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଏବଂ ଜୟଦେବ ବିକାଶ ମଞ୍ଚ ରକ୍ଷା ବନ୍ଧନ ଉତ୍ସବ କାର୍ଯ୍ୟକ୍ରମ ପାଳନ ହୋଇ ଯାଇଛି। ବାଲିପାଟଣା ସ୍ଥିତ ମା' ଗିରିଙ୍ଗେଶ୍ୱରୀଙ୍କ ମନ୍ଦିର ନିକଟରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଫିଲ୍ମ ପ୍ରଯୋଜକ ସତ୍ୟପ୍ରିୟ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ , ରିଙ୍କୁ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଶିଶୁଅନନ୍ତ ମହାବିଦ୍ୟାଳୟରେ ଏବିଭିପି ପକ୍ଷରୁ ଦାବିପତ୍ର ପ୍ରଦାନ

ବାଲିପାଟଣା ,(ସବ୍ୟୁ) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ , ବାଲିପାଟଣା ଶିଶୁଅନନ୍ତ ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଶିଶୁଅନନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଛାତ୍ର ସଂସଦ ନିର୍ବାଚନର ତାରିଖ ଶୀଘ୍ର ଘୋଷଣା କରିବା ସହ ମହାବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହି ଦାବିପତ୍ର ଦିଆଯାଇଛି । ପ୍ରମୁଖ ଦାବି ମଧ୍ୟରେ ମହାବିଦ୍ୟାଳୟର ମୁଖ୍ୟରାସ୍ତା ମରାମତି, କ୍ୟାମ୍ପସକୁ ଅଣଛାତ୍ର ମୁକ୍ତ କରିବା, ଚତୁଃପାଶ୍ୱର୍ରେ ସୀମା ପ୍ରାଚୀର ନିର୍ମାଣ, ନିଶାମୁକ୍ତ କ୍ୟାମ୍ପସ ଗଠନ ଏବଂ ଛାତ୍ରଛାତ୍ରୀଙ୍କ ଶୌଚାଳୟର ମରାମତି ଅନ୍ତର୍ଭୁକ୍ତ ।ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାଶ୍ୱତ କୁମାର ରଥ, ବାଲିପାଟଣା ସମ୍ପାଦକ ସୌମ୍ୟ ରଞ୍ଜନ ବିଶ୍ୱାଳ, ଶିଶୁଅନନ୍ତ ମହାବିଦ୍ୟାଳୟ ଛାତ୍ର ନେତା ଶୁଭ୍ରାଂଶୁ ପ୍ରଧାନ, ଧୀରଜ ସଓ୍ୱାଇଁ ଏବଂ ୫୦ ରୁ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ଦୁର୍ଘଟଣା : ୨ ମୃତ, ୬ ଆହତ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ଥାନା ର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଦୁଇଜଣ ଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ଦୁଇ ମୃତକଙ୍କ ନାମ ରାହୁଲ ନାଏକ ଓ ରାକେଶ ଖମାରୀ ବୋଲି ଜଣା ପଡ଼ିଛି । ଶନିବାର ସକାଳ ସମୟରେ ଦଶପଲ୍ଲା ଥାନା ଚକ୍ରଧରପୁର ନିକଟରେ ଏକ ଆଇଚର ସହ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ସ୍କୁଟି ରେ ଥିବା ଦୁଇ ଆରୋହି ଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଙ୍କ ନାଁ ରାହୁଲ ନାଏକ (୧୮) ଓ ତାଙ୍କଘର କନ୍ଧମାଳ ଜିଲ୍ଲା ସଗଡିଆ ସାହି । ସେହିପରି ଏହି ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ଜଣେ ଆରୋହି ଙ୍କ ନାଁ ଜିତୁ ନାଏକ (୧୮) ଓ ତାଙ୍କ ଘର ଫୁଲବାଣୀ ଜିଗିନୀପଡା ଗ୍ରାମରେ । ଉଭୟ ଦୁଇ ସାଙ୍ଗ ଅଟନ୍ତି । ଉଭୟ ସାଙ୍ଗ ହୋଇ ଯାଉଥିବା ବେଳେ ଅପରପାଶ୍ୱ ରୁ ଆସୁଥିବା ଏକ ଆଇଚର ମିନିଟ୍ରକ ସହ ଧକ୍କା ହୋଇଥିଲା । ପରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ରାହୁଲଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ଆଇଚର ଓ ସ୍କୁଟି କୁ ଜବତ କରିଛି । ଏହାସହ ମୃତ ରାହୁଲ ର ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସେହିପରି ଦଶପଲ୍ଲା ଥାନା ଉଦୁଡାଠାରେ ଏକ ଆଇଚର ସହ ବାଇକ ଧାକ୍କା ହେବା ଫଳରେ ବାଇକ ଚାଳକ ମୃତ୍ୟୁ ହୋଇଛି ମୃତ ବାଇକ ଚାଳକ ଙ୍କ ନାଁ ରାକେଶ ଖମାରୀ ଓ ତାଙ୍କଘର ଦଶପଲ୍ଲା ଥାନା ନଛିପୁର ଗ୍ରାମରେ । ରାକେଶ ଓ ତାଙ୍କ ସାଙ୍ଗ ଚିତରଂଜନ ପ୍ରଧାନ ଉଭୟ ଏକ ଘରୋଇ ବ୍ୟାଙ୍କ କାମରେ ଯାଉଥିବା ବେଳେ ଅପର ପାଶ୍ୱରୁ ଆସୁଥିବା ଏକ ଆଇଚର ଟ୍ରକ ସହ ଧକ୍କା ହୋଇଥିଲା । ଫଳରେ ଉଭୟ ରାକେଶ ଓ ଚିତ୍ରସେନ ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ରାକେଶ ନୟାଗଡ ଓ କଟକ ବଡ ମେଡ଼ିକାଲକୁ ନେବା ବେଳେ ରାକେଶଙ୍କ ମୃତ୍ୟୁ ହୋଇଛି । ଆହତ ଚିତ୍ତରଞ୍ଜନଙ୍କୁ ସନ୍ଧ୍ୟା ସମୟ ରେ ନୟାଗଡ଼ ଜିଲ୍ଲାସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ପୋଲିସ ନିକଟରେ ଅଭିଯୋଗ ହୋଇ ନଥିବାଜଣାପଡିଛି ।


ସେହିପରି ଅପରାହ୍ନ ସମୟ ରେ ଏକ ଅଟୋ ଓଲଟି ପଡିବାରୁ ଅଟୋ ରେ ଯାଉଥିବା ଯାତ୍ରୀମାନଙ୍କ ମଧ୍ୟରୁ ଚାରିଜଣ ଆହତ ହୋଇଛନ୍ତି । ଆହତ ମାନେ ହେଉଛନ୍ତି ମସାବାଡି ଗ୍ରାମର କବିରାଜ ନାଏକ,ସୁକାନ୍ତ ନାଏକ,ଆଲୀଆ ନାଏକ ଓ ଯାଜ୍ଞସେନି ନାଏକବୋଲି ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରୁ ଜଣା ପଡିଥିବା ବେଳେ ଖବର ଲେଖା ଯିବା ସୁଧା ଦଶପଲ୍ଲା ଥାନା ରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି ।

# ଶିଳ୍ପଭିତ୍ତିକ ଉପନ୍ୟାସ 'ନିଜ ନିଜ ପାନିପଥ'



**ଭାସ୍କର ପରିଚ୍ଛା**

ଜଗଦୀଶ ମହାନ୍ତିଙ୍କ ଉପନ୍ୟାସ 'ନିଜ ନିଜ ପାନିପଥ' ଆଧୁନିକ ଓଡ଼ିଆ କଥାସାହିତ୍ୟର ଏକ ବିରଳ କୃତି । ଏହା ଭାରତୀୟ 'ଇଣ୍ଡଷ୍ଟ୍ରିଆଲ୍ ନଭେଲ୍' ବା ଶିଳ୍ପଭିତ୍ତିକ ଉପନ୍ୟାସର ଏକ ଉଲ୍ଲେଖନୀୟ ଉଦାହରଣ ମଧ୍ୟ । ପଶ୍ଚିମ ଓଡ଼ିଶାର ଏକ ଅପରିଚିତ, ଦୁର୍ଗମ ଅଞ୍ଚଳର କଳ୍ପିତ ତରଭାର କୋଲିଆରୀକୁ କାହାଣୀର ପୃଷ୍ଠଭୂମି କରି ଲେଖକ ଆମକୁ ନେଇଯାଇଛନ୍ତି କୋଇଲା ଖଣିର ଏକ ଅନ୍ଧକାରମୟ ଓ ବିପଦସଙ୍କୁଳ ଜଗତକୁ । ଶତାବ୍ଦୀ ପୁରୁଣା ହିମଗିରି–ରାମପୁର କୋଇଲା ଖଣିର ପ୍ରେରଣାରେ ଗଢ଼ାଯାଇଥିବା ଏହି କଳ୍ପିତ ଖଣିକୁ କେନ୍ଦ୍ର କରି କୋଇଲା, ଶ୍ରମ, ରାଜନୀତି, ଟ୍ରେଡ୍ ୟୁନିଅନ୍ ଓ ମାଫିଆର ଜଟିଳ ସମ୍ପର୍କକୁ ଉପନ୍ୟାସଟି ଉଜାଗର କରିଛି ।




କଠୋର ବାସ୍ତବବାଦୀ ଶୈଳୀରେ ଲିଖିତ ଏହି ଉପନ୍ୟାସ ମଣିଷ ଓ ନିଷ୍ଠୁର ପ୍ରକୃତି ମଧ୍ୟରେ ଚାଲିଥିବା ଆଦିମ ସଂଘର୍ଷକୁ ଯେପରି ଦେଖାଇଛି, ସେହିପରି ମଣିଷ ନିଜେ ତିଆରି କରିଥିବା ଏକ ଜଟିଳ ଓ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥା ଭିତରେ ଚାଲିଥିବା ସଂଘର୍ଷକୁ ମଧ୍ୟ ଆମ ସମ୍ମୁଖରେ ଥୋଇଛି ।

ହରିଶଙ୍କର ଦୀର୍ଘ ସମୟ ଧରି କୋଇଲା ଖଣିରେ ଶ୍ରମିକ ସଂଗଠନର ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି । ଶ୍ରମିକ ଆନ୍ଦୋଳନ ଓ ସଂଗଠନ ପାଇଁ ସେ ନିଜ ବ୍ୟକ୍ତିଗତ ଜୀବନକୁ ଅବହେଳା କରି ଅନେକ ମୂଲ୍ୟ ଦେଇଛନ୍ତି । ମାତ୍ର ୧୮ ବର୍ଷ ବୟସରେ ସେ କୋଲ୍ ଇଣ୍ଡିଆରେ ଜଣେ ଶ୍ରମିକ ଭାବେ ଯୋଗ ଦେଇଥିଲେ ଏବଂ ସେହି ସମୟରୁ ସେ ଶ୍ରମିକ ସଂଗଠନ ସହ ଜଡ଼ିତ ହୋଇଥିଲେ ।

ମିଳୁଥିବା ଚାକିରିକୁ ପୁନଃ ବିକ୍ରି କରୁଥିଲେ । ପ୍ରଦ୍ୟୁମ୍ନ ଏହି ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାର ଏକ ଶିକାର । ତାଙ୍କ ମାଧ୍ୟମରେ ଉପନ୍ୟାସକାର କେବଳ ଜଣେ ବ୍ୟକ୍ତିର ପରିଚୟ ସଙ୍କଟକୁ ନୁହେଁ ବରଂ ଶିଳ୍ପାଞ୍ଚଳରେ ଶୋଷଣ, ଦୁର୍ନୀତି, ମାଫିଆତନ୍ତ୍ର ଓ ମଣିଷର ଅସହାୟତାର ଏକ ଗଭୀର ଚିତ୍ର ଆଙ୍କିଛନ୍ତି ।

ଏହି ଉପନ୍ୟାସର ଗୋଟିଏ ବଡ ବିଶେଷତା ହେଉଛି ଯେ, ଜଗଦୀଶ ମହାନ୍ତି କାହାଣୀକୁ କେବଳ ଶ୍ରମିକ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଥିବା ସରଳ ଦ୍ୱନ୍ଦ୍ୱ ଭାବେ ଦେଖିନାହାନ୍ତି, ଶ୍ରମିକ ୟୁନିଅନଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ପରିଚାଳନାର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ, ରାଜନୈତିକ ହସ୍ତକ୍ଷେପ ଏବଂ ପରସ୍ପର ବିରୋଧୀ ଶିବିର ମଧ୍ୟରେ ଚାଲିଥିବା ଗୁପ୍ତ ବୁଝାମଣା–ଏସବୁ ମିଶି ଏକ ଜଟିଳ ମାନବୀୟ ଚିତ୍ର ଉପସ୍ଥାପିତ କରାଯାଇଛି ।

ହରିଶଙ୍କର ଦୀର୍ଘଦିନ ଧରି ଶ୍ରମିକ ୟୁନିଅନ୍ ଆନ୍ଦୋଳନ ସହ ଜଡ଼ିତ ଜଣେ ନିଷ୍ଠାବାନ୍ କର୍ମୀ । ଏହି ଆନ୍ଦୋଳନ ପାଇଁ ସେ ନିଜର ବ୍ୟକ୍ତିଗତ ଜୀବନକୁ ଅନେକ ମାତ୍ରାରେ ତ୍ୟାଗ କରିଛନ୍ତି । କିନ୍ତୁ ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ସେ ଅନୁଭବ କରନ୍ତି

## ପୁନରାବଲୋକନ–୨୫

ପଚାଶ ବର୍ଷ ବୟସରେ ପହଞ୍ଚିବା ପରେ ହରିଶଙ୍କର ଅନୁଭବ କରନ୍ତି ଯେ ସ୍ଥାନୀୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ଶ୍ରମିକ ସଂଗଠନ ତାହାର ନିଷ୍ଠା, ନୀତି ଓ ଆଦର୍ଶ ହରାଇଛି । ତେଣୁ ସେ ପରିଚାଳନାର ସମର୍ଥନରେ ଏକ ନୂଆ ଶ୍ରମିକ ସଂଗଠନ ଗଢ଼ିବାକୁ ସ୍ଥିର କରନ୍ତି । କିନ୍ତୁ ବର୍ତ୍ତମାନର ସଂଗଠନ ନେତା ଧ୍ରୁବ ଖଟୁଆଙ୍କ ତୀବ୍ର ବିରୋଧ ଯୋଗୁଁ ତାଙ୍କ ଉଦ୍ୟମ ସଫଳ ହୁଏ ନାହିଁ । ଶେଷରେ ହରିଶଙ୍କର ଆଉ କିଛି ସମର୍ଥକଙ୍କ ସହ ଅନଶନରେ ବସନ୍ତି । କିନ୍ତୁ ଦୁଇ–ତିନି ଦିନ ପରେ ତାଙ୍କୁ ସମର୍ଥନ କରୁଥିବା ସମସ୍ତେ ତାଙ୍କୁ ଏକାକୀ ଛାଡ଼ି ଦିଅନ୍ତି ଏବଂ ପରିଚାଳନା ସହ ବୁଝାମଣା କରି ନିଅନ୍ତି ।

ଉପନ୍ୟାସର ଅନ୍ୟ ଏକ ପ୍ରମୁଖ ଚରିତ୍ର ପ୍ରଦ୍ୟୁମ୍ନ ନିଜର ପରିଚୟକୁ ନେଇ ଏକ ଗଭୀର ସଙ୍କଟର ସମ୍ମୁଖୀନ ହୁଏ । ଜଣେ ବ୍ରାହ୍ମଣ ପରିବାରର ପୁଅ ହୋଇଥିଲେ ମଧ୍ୟ ସେ ନିଜକୁ ସାମରୁ ଖଡ଼ିଆ ନାମକ ଜଣେ ଆଦିବାସୀ ଯୁବକର ପରିଚୟରେ ଗ୍ରହଣ କରିବାକୁ ବାଧ୍ୟ ହୁଏ । ସରକାରୀ କାଗଜପତ୍ରରେ ତାଙ୍କୁ ବୈଠୁ

ଯେ ରାଜନୈତିକ ସ୍ୱାର୍ଥର ହସ୍ତକ୍ଷେପରେ ଶ୍ରମିକ ୟୁନିଅନ୍ ଆନ୍ଦୋଳନର ଆଦର୍ଶ ଓ ନୈତିକତା କ୍ଷୟିଷ୍ଣୁ ହୋଇପଡ଼ିଛି ।

ପ୍ରଦ୍ୟୁମ୍ନଙ୍କ ସଂଘର୍ଷ କେବଳ ଆର୍ଥିକ ନୁହେଁ, ଏହା ଗଭୀର ଅସ୍ତିତ୍ୱଗତ ସଂକଟ ମଧ୍ୟ । ବ୍ରାହ୍ମଣ ପରିବାରରେ ଜନ୍ମିଥିବା ପ୍ରଦ୍ୟୁମ୍ନ କୋଇଲା ଖଣି ଅଞ୍ଚଳରେ ମାଫିଆ ନିୟନ୍ତ୍ରିତ ବ୍ୟବସ୍ଥା ମାଧ୍ୟମରେ ଚାକିରି ପାଇବା ପାଇଁ ଜଣେ ଆଦିବାସୀ ଯୁବକଙ୍କ ପରିଚୟ ଗ୍ରହଣ କରେ । ପ୍ରଦ୍ୟୁମ୍ନଙ୍କ କାହାଣୀ ଖଣି ପାଇଁ ଜମି ଅଧିଗ୍ରହଣ, ବିସ୍ଥାପନ ଓ କ୍ଷତିପୂରଣ ବ୍ୟବସ୍ଥାର ଅନ୍ଧକାର ଦିଗକୁ ମଧ୍ୟ ଉଜାଗର କରେ । ଯେଉଁ ଚାକିରି ବିସ୍ଥାପିତ ପରିବାରର ଲୋକଙ୍କ ପାଇଁ ଉଦ୍ଦିଷ୍ଟ, ତାହା ମାଫିଆ ଚକ୍ରରେ ଏକ ବିକ୍ରୟଯୋଗ୍ୟ ସାମଗ୍ରୀରେ କିଭଳି ପରିଣତ ହୁଏ ତାହା ଲେଖକ ଦର୍ଶାଇଛନ୍ତି । ପ୍ରଦ୍ୟୁମ୍ନ ଏହି ବ୍ୟବସ୍ଥାର ଜଣେ ବଡ ଶିକାର ।

ତେଣୁ 'ନିଜ ନିଜ ପାନିପଥ' କେବଳ ଏକ କୋଇଲା ଖଣିର କାହାଣୀ ନୁହେଁ ।

**ଉପନ୍ୟାସର ଅନ୍ୟ ଏକ ପ୍ରମୁଖ ଚରିତ୍ର ପ୍ରଦ୍ୟୁମ୍ନ ନିଜର ପରିଚୟକୁ ନେଇ ଏକ ଗଭୀର ସଙ୍କଟର ସମ୍ମୁଖୀନ ହୁଏ । ଜଣେ ବ୍ରାହ୍ମଣ ପରିବାରର ପୁଅ ହୋଇଥିଲେ ମଧ୍ୟ ସେ ନିଜକୁ ସାମରୁ ଖଡ଼ିଆ ନାମକ ଜଣେ ଆଦିବାସୀ ଯୁବକର ପରିଚୟରେ ଗ୍ରହଣ କରିବାକୁ ବାଧ୍ୟ ହୁଏ । ସରକାରୀ କାଗଜପତ୍ରରେ ତାଙ୍କୁ ବୈଠୁ ଖଡ଼ିଆଙ୍କ ପୁଅ ଭାବେ ଦର୍ଶାଯାଏ ।**

ଖଡ଼ିଆଙ୍କ ପୁଅ ଭାବେ ଦର୍ଶାଯାଏ । ମାଫିଆଙ୍କଠାରୁ କିଣାଯାଇଥିବା ଚାକିରିରେ ଯୋଗ ଦେବା ପାଇଁ ତାଙ୍କୁ ଏହି ପରିଚୟ ଗ୍ରହଣ କରିବାକୁ ପଡ଼େ ।

କୋଲ୍ ଇଣ୍ଡିଆର ଏକ ନିୟମ ଅନୁଯାୟୀ, ଯେଉଁ ଲୋକମାନଙ୍କ ଜମି ଅଧିଗ୍ରହଣ କରାଯାଏ, ସେମାନଙ୍କ ପରିବାରର ସଦସ୍ୟଙ୍କୁ ଚାକିରି ଦେବାର ବ୍ୟବସ୍ଥା ରହିଛି । ଅନେକ ଆଦିବାସୀ ଏହି ଚାକିରିରେ ଆଗ୍ରହୀ ନଥିଲେ, ତା' ପରିବର୍ତ୍ତେ ସେମାନେ ଚାକିରି ବଦଳରେ ତୁରନ୍ତ ଟଙ୍କା ନେବାକୁ ପସନ୍ଦ କରୁଥିଲେ । ସ୍ଥାନୀୟ ମାଫିଆମାନେ ଏହି ପରିସ୍ଥିତିର ସୁଯୋଗ ନେଇ ସେହି ଆଦିବାସୀମାନଙ୍କୁ ଟାର୍ଗେଟ୍ କରୁଥିଲେ ଏବଂ ସେମାନଙ୍କ ନାମରେ

ଏହା ଶକ୍ତି, ଶୋଷଣ, ପରିଚୟ, ନିଷ୍ଠା ଓ ମାନବୀୟ ଦୁର୍ବଳତାର ଏକ ତୀକ୍ଷ୍ଣ ଅନୁସନ୍ଧାନ ମଧ୍ୟ ।


ସୁଖର କଥା, ୧୯୯୦ର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଏହି ଉପନ୍ୟାସର ଇଂରାଜୀ ଅନୁବାଦ କରିଛନ୍ତି ହିମାଂଶୁ ଏସ୍. ମହାପାତ୍ର ଓ ପଲ୍ ସେଣ୍ଟ–ପିଏର୍ । Battles of Our Own ଶୀର୍ଷକରେ । ପେଙ୍ଗୁଇନ ଏହାକୁ ପ୍ରକାଶ କରିଛନ୍ତି । ଏହି ଅନୁବାଦ ମାଧ୍ୟମରେ ଜଗଦୀଶ ମହାନ୍ତିଙ୍କ ସାହିତ୍ୟ ଓଡ଼ିଶାର ସୀମା ଅତିକ୍ରମ କରି ଏକ ବୃହତ୍ତର ପାଠକ ସମାଜ ନିକଟରେ ପହଞ୍ଚି ପାରିଛି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,ମୋ–୯୩୩୭୫୦୮୫୯୨**

---

## ଏ ସପ୍ତାହର ତିନୋଟି କବିତା



### ନାନାବାୟା ଗୀତ (କାବ୍ୟ)



**ପଲ୍ଲୀକବି ନନ୍ଦକିଶୋର ବଳ**

**(ନିଶ୍ଚିତକାଇଲିର ପ୍ରସିଦ୍ଧ 'ଉର୍ବୀ' ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀଧର ମହାପାତ୍ରଙ୍କ ଅନୁରାଧେ କ୍ରମେ ଏ ଲେଖାଟି ଉଦ୍ଧାର କରି ପଠାଇଲି, କବିତାଟି ଟିକିଏ ଦୀର୍ଘ, କିନ୍ତୁ ପଢିଲେ ଜାଣିପାରିବେ 'ମନୁଷ୍ୟତା', 'ସହୃଦୟତା' 'ଭାବଗ୍ରାହୀତା'ର ଅର୍ଥ ଜୀବନରେ କଣ ? ଗରିବ ନାଉରିଆ, ତ୍ରସ୍ତ ବାଟୋଇ ମଧ୍ୟରେ ହେଇଥିବା ହୃଦୟବିଦାରକ କଥାପେକଥନଟି ଟିକେ ପଢନ୍ତୁ, ଜାଣନ୍ତୁ, ସିନ୍ଦୁକରେ ପୁଳା ପୁଳା ପଇସା ରଖି, କାହାକୁ ଦୁଆରମୁହଁରୁ ତାସଲ୍ୟେ ଫେରାଇଦେବା କେତେ ଅବିବେକତାର ପରିଚୟ ଦେଇଥାଏ, ତାହା ଏଇ କବିତାରୁ ପ୍ରତୀୟମାନ: ସୁଶାନ୍ତ କିଶୋର ବଳ)**

**ବାଟୋଇ:–**
ବହୁତ ଦିନରୁ ଦୂର ପରବାସୀ
ମନ ମୋର ଛନ ଛନ,
ଘରେ ଛନ୍ତି ମାରେ ନୟନପିତୁଳି
ଦେଖିବାକୁ ବଡ ମନ.
ମୁଣ୍ଡ ଗୁଞ୍ଜିବାକୁ ନଇ ଏପାରିରେ
ନାହିଁ ନାହିଁ ତିଳେ ଠାଇଁ,
ଥରି ଉଠୁଅଛି ପାଣି ପବନରେ
ନାବ ଆଣ ବେଗେ ବାହି ।

**ନାଉରିଆ:–**
ତୁହାଇ ତୁହାଇ ମେଘ ବରଷଇ
ନଇରେ ତ ଖର ସୁଅ,
କେଉଁ ଛାତିରେ ମୁଁ ନାବ ବାହି ନେବି,
ମୁହଁକୁ ନଦିଶେ ମୁହଁ.
ଦେଖିବୁ ଘରେ ତୁ ନୟନପିତୁଳି
ତେଣୁ ଉଚ୍ଛନ ଚାଟେ ମନ,
କାହା ଓଳି ତଳେ ଠିଆ ହେବେ ପିଲା,*
ଯେବେ ଯିବ ଏ ଜୀବନ

**ବାଟୋଇ:–**
କୂଳର ଅଂକୁର ନୟନ ପିତୁଳା
ଅନ୍ଧ–ନଉଡି ମୋହର
ଏକୋଇର ବଳା ବିଶିକେଶନ ମୋ
କରିଅଛି ତାକୁ ଜର.
ମାଆ ତାର ହୋଇ ବାଇଆଣୀ ପରି
ଲେଖି ବିନୟ ପତର,
ବସିବା ଠାବରୁ ଉଠି ଆସିବାକୁ
ପଠାଇ ଥିଲା ଖବର ।
ମଉଷଧି ନେଇ ତର ତର ହୋଇ
ନ ମାନି ପାଣି ପବନ,
ଦୂର ବିଦେଶରୁ ଯାଉଅଛି ଘରେ
ରଖିବି ତା'ର ଜୀବନ ।

**ନାଉରିଆ:–**
ବରଷୁ ପଛକେ ଘାରେ ବରଷାରେ
ବହୁ ପଛେ ଘୋର ବାଆ,
ସୁଅ ପାଣି ପଛେ ତଡି ନେଇଯାଉ
ତଳକୁ ତଳକୁ ନାଆ ।
ପଡୁ ପଛେ ମୋତେ ଘୋର ବିପଦରେ
ପାରି କରିଦେବି ତୋତେ
ଦୟାମୟ ହରି ଦୀନେ ଦୟାକରି
ଉଦ୍ଧାରିବେ ଭାଇ ମୋତେ ।
ବିପଦ ପଡିଲେ ବାଟୋଇ ଭାଇରେ,
ସାହା ଯେ ନୋହେ ଆନକୁ,
ତାହାର ଜୀବନ ମରଣ ସମାନ,
ଧିକ ତାହା ଜୀବନକୁ !!
********

### ବନ୍ଧୁ ବୁଝିଲ କି ?



**କାମାକ୍ଷା ମହତାବ**

(୧)
କେବେ କେମିତି
ଦେଖା ହେଲେ
ପୁରୁଣା କଥା
ଯଦି ପଚାରେ କିଛି...
ନରମ ଚାହାଣୀ
ହସଟିଏ ଟାଣି
ତୁମେ କୁହ,
ସ୍କୁଲ କଥା
ସ୍କୁଲରେ ସରେ
କଲେଜ କଥା କଲେଜରେ
ଅତୀତକୁ କ'ଣ ମନେ ରଖିଛି...

କଥା କ'ଣ କି ବନ୍ଧୁ ...

ବାଦଲ ବିନା ଇନ୍ଦ୍ରଧନୁ
ବାଲି ବିନା ମରୁଭୂମି
ପୁଣି ସ୍ମୃତି ବିନା ବନ୍ଧୁତ୍ୱ
ତା'ର କିଛି ମାନେ ଅଛି...

ବୁଝିଲ କି...?

(୨)
କହିଲେ ଶୁଣ ନାହିଁ
ଡାକିଲେ ଆସ ନାହିଁ
ଯାଚିଲେ ନିଅ ନାହିଁ
ମାଗିଲେ ଦିଅ ନାହିଁ
ଏମିତି କେମିତି ଚଳିବ...?

କଥା କ'ଣ କି...

ନଦୀର ଉଦାସୀନତା ଚଳିବ
ଜଳଠି ମତଲବ...
ଆକାଶର ବିମୁଖତା ଚଳିବ
ଜହ୍ନଠି ମତଲବ...
ମାଳିର ରୁକ୍ଷତା ଚଳିବ
ଫୁଲଠି ମତଲବ...
ହେଲେ ତୁମ ନିରବତା
କେମିତି ଚଳିବ !
ମୋର ତ ତୁମଠି ମତଲବ...

ବନ୍ଧୁ ବୁଝିଲ କି...?

**ମୋ–୯୯୩୭୦୯୭୫୩୭**

### ନିଦାଘର ଶେଷେ



**ହରପ୍ରିୟା ରାଉତରାୟ**

ନିଦାଘର ଶେଷେ ବରଷା ପ୍ରବେଶେ
ବାରିଧାରା ଝରିଯାଏ
କୀଟଠାରୁ ବ୍ରହ୍ମ ଦ୍ରୁବ ଦାରୁଠାରେ
ସଞ୍ଜୀବନ ଉକୁଟାଏ । (୦)

ପହିଲି ବରଷା ପରଶ ପାଇଣ
ମହୀ ଗନ୍ଧ ମହକାଏ
ଉକୁଟି ଉଠଇ ବୀଜମାନ ପୁଣି
ଚଉଦିଗ ଶୋଭାପାଏ
ଗିରି କାନନରେ ଆନନ୍ଦେ ମୟୂର
ଢଳି ଢଳି ନାଚୁଥାଏ । (୧)

କଦମ୍ବ ମାଳତି କୁମୁଦ
କେତକୀ
ଜାତି ଜାତି ଫୁଲ ଫୁଟେ
ସବୁଜ ସୁଷମା ଘେନି ନିଜ ଶିରେ
ଧରଣି ମା' ହସି ଉଠେ
ଚଷା ଭାଇ ଖୁସି କହିଲେ ନ ସରେ
ଗୁଣୁଗୁଣୁ ଗୀତ ଗାଏ । (୨)

**ମୋ – ୯୪୩୭୫୨୨୭୯୨**

---

# ଭତ୍ତା ଆମର ହକ୍



**ଡମ୍ବରୁଧର ଘଣା**

ଆମ ଗାଁ କେନ୍ଦୁଝରରେ । କିଛି ଦିନ ତଳେ ଗାଁକୁ ଯାଇଥିଲି । ଗାଁ ଦାଣ୍ଡରେ ଛିଡା ହୋଇଥିବା ଦେଖି, ଜଣେ ମହିଳା ପାଖକୁ ଆସିଲେ । ପଚାରିଲେ – କେବେ ଆସିଛୁ ? କେତେଦିନ ରହିବୁ? ପିଲାମାନେ ସବୁ ଭଲ ଅଛନ୍ତି ତ? ଏମିତି ଆହୁରି କେତେ କ'ଣ ପଚାରିଗଲେ ।

ମହିଳା ଜଣଙ୍କ ଆଗରୁ ପରିଚିତ । ବୟସ ସତୁରୀରୁ ଅଧିକ ହେବ । କିଛିଟା ନଇଁ ନଇଁ ଚାଲୁଥାନ୍ତି । ରୁଗ୍ଣ ସ୍ୱାସ୍ଥ୍ୟ । ମୁଁ ତାଙ୍କ ଭଲ ମନ୍ଦ ପଚାରିଲି । କିଛି କହିବା ଆଗରୁ ଦୁଇ ଆଖିରୁ ଦୁଇ ଧାର ଲୁହ ଗଡିଆସିଲା । ରୁଦ୍ଧ କଣ୍ଠରେ କହିଲେ– ଭଲ ଆଉ କ'ଣ ବାପା? ଏମିତି ବଞ୍ଚିଛି । ଭତ୍ତା ପାଉଥିଲି, ଏବେ ପାଞ୍ଚ ମାସ ହେଲା ଭତ୍ତା ଆସୁନାହିଁ । ଔଷଧ କିଣିବାକୁ ପଇସା ନାହିଁ – ମୁଁ ପଚାରିଲାରୁ କହିଲେ – ମୋ'ର ପରା ହାର୍ଟ ବେମାରୀ । ଔଷଧ ନ ଖାଇଲେ ମରିଯିବି ।

ଏତିକି କହିବା ବେଳକୁ କଇଁ କଇଁ ହୋଇ ପୁଣି କାନ୍ଦି ପକାଇଲେ ବୃଦ୍ଧାଜଣଙ୍କ । ପୁଣି ପଚାରିଲି–ଏବେ ଔଷଧ କିଣୁଛ କେମିତି ? ଉତ୍ତରରେ କହିଲେ – ଟଙ୍କା କରଜ କରି କିଛି ଦିନ କିଣିଲି । ଏବେ ଦୁଇମାସ ହେଲା ଔଷଧ ଖାଉ ନାହିଁ । ମୁଁ ତ ଆଶ୍ଚର୍ଯ୍ୟ ହୋଇଗଲି – ହୃତପିଣ୍ଡ ରୋଗରେ ଆକ୍ରାନ୍ତ । ନିୟମିତ ଔଷଧ ଦରକାର ।

ଦୁଇମାସ ହେଲା ଔଷଧ ଖାଇନାହିଁ । ତେବେ, କେତେବେଳେ କିଛି ବି ଘଟି ଯାଇପାରେ । ପକେଟରୁ ବାହାର କରି ହଜାରେ ଟଙ୍କା ତାଙ୍କ ହାତକୁ ବଢାଇ ଦେଇ କହିଲି – ତୁରନ୍ତ ଔଷଧ ମଗାଇ ଖାଅ । ଡେରି କରନାହିଁ । ବାକିସବୁ ଭଗବାନ ଭରସା !

ମହିଳା ଜଣଙ୍କ ଟଙ୍କା ଧରିଲେ ସିନା, ପୁଣି କହିଲେ – ଏମିତି କେତେଦିନ ଧାର କରଜ କରିବି? କିଏ ବି ଦେବ? ମୋ ଭତ୍ତାଟା ମାସକୁ ମାସ ମିଳିଗଲେ , ମୋ କଥା ମୁଁ ବୁଝିବି । ଏତିକି କହି ସେଠାରୁ ଚାଲିଗଲେ । ପରେ ଜାଣିବାକୁ ପାଇଲି – ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଲେ, ମାସକୁ ତିନି ହଜାର ଟଙ୍କା ଲାଗିବ । ତାଙ୍କ ସମ୍ବଳ ତ ଏକ ହଜାର ମାତ୍ର । ଭତ୍ତା ଗଣ୍ଡା । ପୁରା ଔଷଧ ପାଇବେ କେଉଁଠୁ ? ସେ ପୁରା ଔଷଧ ବଦଳରେ ମାସକୁ ଖାଆନ୍ତି ଏକ ତୃତୀୟାଂଶ ଔଷଧ । ଔଷଧ ବଳରେ କମ୍, ଅଧିକ ଭଗବାନ କୃପାରୁ ସେ ବଞ୍ଚିଛନ୍ତି ।

ଏ ମହିଳାଙ୍କ ନାମ ନଟକଣ । ଆଗରୁ ପାଞ୍ଚ ଶହ ଟଙ୍କା ଭତ୍ତା ପାଉଥିଲା । ଗତ ନିର୍ବାଚନ ପୂର୍ବରୁ ପାଇଲା ମାସକୁ ଏକ ହଜାର । ସବୁ ଟଙ୍କା ତା'ର ଔଷଧ ପାଇଁ ଖର୍ଚ୍ଚ ହୋଇଯାଏ । ତାହା ବି ନିଅଣ୍ଟ । ନିର୍ବାଚନ ସମୟରେ ଶୁଣିଲା – ସରକାର ବଦଳିଲେ ମାସକୁ ତିନି ହଜାର ଟଙ୍କା ଲେଖାଏଁ ଭତ୍ତା ମିଳିବ । ଭାରି ଖୁସି ହୋଇଗଲା ନଟକଣ । ଭାବିଲା– କିଛି ନ ହେଲେ, ଔଷଧଟା ଏଥର ପୁରା କିଣି ହେବ । ଦେହ ଭଲ ରହିବ । ଏ' ନାରା ଦେଉଥିବା, ଏମିତି ପ୍ରତିଶ୍ରୁତି ଦେଉଥିବା ଦଳକୁ ନଟକଣ ଭୋଟ ଦେଲା । ଗୋଟିଏ ନୁହେଁ ଦୁଇଟି – ଗୋଟିଏ ବିଧାୟକଙ୍କୁ ଏବଂ ଅନ୍ୟଟି ସାଂସଦଙ୍କୁ ।

ନଟକଣ ଶୁଣିଲା–ସରକାର ବଦଳି ଗଲା । ଲୋକେ କଥା ହେଲେ–ଏଥର ଯେଉଁ ସରକାର ହୋଇଛି, ତା'ର ଡବଲ ଇଞ୍ଜିନ୍ । ନଟକଣର ଖୁସି ଦୁଇଗୁଣ ହୋଇଗଲା । ଏଥର ବଢ଼ା ଭତ୍ତାଟା ନିଶ୍ଚିତ– ଭାବିଲା ନଟକଣ । ଭାବିବ ନାହିଁ କାହିଁକି ? ଯିଏ ନାରା ଦେଇଥିଲା, ଯିଏ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା, ସେଇ ତ ସରକାର । ପୁଣି ଡବଲ ଇଞ୍ଜିନ୍‌ର । ମଝିରେ ଶୁଣିଲା – ସମସ୍ତେ ପାଇବେ ନାହିଁ ବଢା ଭତ୍ତା । ଅଶି ବର୍ଷରୁ ଅଧିକ ବୟସର ଭତ୍ତାଧାରୀ ପାଇବେ ବଢା ରାଶି । ମନଟା ପାଣିଚିଆ ହୋଇଗଲା ନଟକଣର । ପୁଣି ଔଷଧ ଚିନ୍ତା ରହିଲା । ଇତିମଧ୍ୟରେ ଅଢ଼େଇ ବର୍ଷ ହୋଇଗଲା ନୂଆ ସରକାର ଆସିବାକୁ । ଟଙ୍କାଟିଏ ବି ବଢିଲା ନାହିଁ ତା' ଭତ୍ତାରେ ।

ଅପରପକ୍ଷରେ କେବେ ବ୍ୟବସ୍ଥାରେ ତ୍ରୁଟି ତ, କେବେ ଭତ୍ତା ଖାତାରେ ତ୍ରୁଟି ଆଳରେ ଭତ୍ତା ପାଇବାରୁ ବଞ୍ଚିତ ହେଉଛି ନଟକଣ । ପ୍ରକାଶ୍ୟରେ କହୁଛି – ଆଗ ସରକାର ବେଳେ ମାସକୁ ମାସ ଠିକ୍ ସମୟରେ ମିଳୁଥାଏ ଭତ୍ତା । ଏବେ ତ ସବୁ ମାସ ଅନିଶ୍ଚିତତା ଦେଖାଦେଉଛି ।

ଏ ନଟକଣ ତ ଏକ ନମୁନା ମାତ୍ର । ଏମିତି ଅନେକ ନଟକଣ ଅଛନ୍ତି । କିଏ ଷାଠିଏ ଟପିଲେ ବି ଭତ୍ତା ଗଣ୍ଡେ ପାଉନାହିଁ । କେତେ ବିଧବା ଅଛନ୍ତି ଭତ୍ତା ଏବେବି ତାଙ୍କୁ ମିଳି ନାହିଁ । ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ମହିଳା ଅଛନ୍ତି । ତାଙ୍କ ପାଇଁ ଭତ୍ତା ସାତସପନ । ଗୋଟିଏ ଗୋଟିଏ ପଞ୍ଚାୟତରେ ଶହ ଶହ ଯୋଗ୍ୟ ଲୋକ ଦରଖାସ୍ତ କରିଛନ୍ତି । ଭତ୍ତା ନାହିଁ । କାହିଁ କେଉଁ ଦିନରୁ ଗଣ୍ଡାଏ ଭତ୍ତା ପାଇଁ ଅପେକ୍ଷାରେ ଅଛନ୍ତି । ଏପରିକି ଅଶୀ ବର୍ଷରୁ ଅଧିକ ବୟସର ଭତ୍ତାଧାରୀ ମଧ୍ୟ ପାଉଛନ୍ତି ଏକ ହଜାର ଭତ୍ତା । ଏବେବି ବର୍ଦ୍ଧିତ ଭତ୍ତା ତାଙ୍କୁ ମିଳି ନାହିଁ । ପଚାରିଲେ, ପଞ୍ଚାୟତ ଓ ବ୍ଲକ୍ ଅଧିକାରୀ କୁହନ୍ତି – ପଞ୍ଚାୟତ କୋଟା ଶେଷ ହୋଇଯାଇଛି । ଭତ୍ତା ସ୍ଥାନ ଖାଲି ହେଲେ ପାଇବ । ନହେଲେ କୋଟା ବଢିଲେ ପାଇବ ।

ଏଇ କଥାଟି ବୁଝି ହେଉ ନାହିଁ । ଭତ୍ତା ସ୍ଥାନ ଖାଲି ହେବା, ନ ହେବା ଏବଂ କୋଟା ବଢିବା, ନ ବଢିବା ସହିତ ଭତ୍ତା ପାଇବାର କି ସମ୍ପର୍କ ? ଜଣେ ଯୋଗ୍ୟ ହିତାଧିକାରୀ ପାଇବ ଏବଂ ଆଉଜଣେ ଏହି ଆଳରେ ପାଇବ ନାହିଁ, ଏହା କି ନିୟମ, କି ନୀତି, କି ବ୍ୟବସ୍ଥା? ତେବେ, ଏ ବ୍ୟବସ୍ଥା କ'ଣ କହୁଛି – ସମସ୍ତ ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବେ ନାହିଁ । ସରକାର ଯେତିକି ଚାହିଁବେ, ସେତିକି ଦେବେ ।

## ଗଳ୍ପ

ଯେବେ ଚାହିଁବେ, ସେବେ ଦେବେ । ଏହା ବି କ'ଣ ବୁଝିବାକୁ ହେବ – ଜଣେ ଭତ୍ତାଧାରୀ ମୃତ୍ୟୁବରଣ କଲେ, ଆଉ ଜଣେ ପାଇବ । ଜଣଙ୍କ ମୃତ୍ୟୁ, ଅନ୍ୟର ଯୋଗ୍ୟତା ! ବାଃ ! କି ସୁନ୍ଦର ବିଚାର, କି ସୁନ୍ଦର ବିଚାର !

ଏହା ସରକାରଙ୍କ ନିୟମ ହୋଇପାରେ, ବା ଅଜ୍ଞତା, ଅବା ହୋଇପାରେ ଅସମ୍ବେଦନଶୀଳତା । ସରକାର ଭତ୍ତା ଖୁସିରେ ଦେଉଛନ୍ତି, ତାହା ନୁହେଁ ଯେ ଯିଏ ସବୁ ପାଉଛନ୍ତି, ସେ ଆନନ୍ଦରେ ନେଉଛନ୍ତି , ତାହା ବି ନୁହେଁ । ଭତ୍ତାର ପରିମାଣ ଛୋଟ ନିଶ୍ଚିତ । କିନ୍ତୁ, ଏହାର ଉଦ୍ଦେଶ୍ୟ ବ୍ୟାପକ । ବଡ ଆବଶ୍ୟକ । ଏହା ଖାଦ୍ୟ ପାଇଁ, ଏହା ବସ୍ତ୍ର ପାଇଁ, ଏହା ପୁଣି ଔଷଧ ପାଇଁ । ସମ୍ବିଧାନର ଏକୋଇଶି ଅନୁଛେଦରେ ଥିବା ପ୍ରାବଧାନ– ଜୀବନର ସୁରକ୍ଷା ହେଉଛି ଏ' ଭତ୍ତା ବ୍ୟବସ୍ଥାର ମୂଳ ସୂତ୍ର । ଶ୍ରୀମତୀ ମେନକା ଗାନ୍ଧି – ବନାମ – ଭାରତ ସରକାର ( ୧୯୭୮) ଏବଂ ଫ୍ରାନସିସ୍ ସି. ଏମ୍ – ବନାମ– ଦିଲ୍ଲୀ ସରକାର ( ୧୯୮୧) ମାମଲାର ବିଚାର କାଳରେ, ଏହାର ବ୍ୟାଖ୍ୟାରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ମତ ରଖିଲେ–ପ୍ରତି ନାଗରିକର ବଞ୍ଚିବାର ଅଧିକାର ରହିଛି । ତାହା ପୁଣି ସମ୍ମାନର ସହିତ । ଏଥି ସକାଶେ ଖାଦ୍ୟ, ବସ୍ତ୍ର, ଆବାସ ଏବଂ ଔଷଧ ସବୁ ନିତାନ୍ତ ଜରୁରୀ । ସେହି ଆଧାରରେ ଏସବୁ ମୌଳିକ ଅଧିକାରଭୁକ୍ତ ହୋଇଛି । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତି ନାଗରିକ ଏସବୁ କିପରି ସହଜରେ ଏବଂ ସୁଲଭ ମୂଲ୍ୟରେ ପାଇପାରିବେ, ତାହା ଦେଖିବା ସରକାରଙ୍କ କର୍ତ୍ତବ୍ୟ । କେବଳ ସେତିକି ନୁହେଁ, ଅନୁଛେଦ ଏକୋଇଶିର ଅନୁପାଳନରେ ସରକାର ଦେଖିବେ, ଯେପରି କୌଣସି ବ୍ୟକ୍ତି ଖାଦ୍ୟ ଅଭାବରୁ ମୃତ୍ୟୁବରଣ ନ କରେ । ଏହି ଭତ୍ତା ଦେବା, ତା' ପାଇଁ ଅର୍ଥର ପ୍ରାବଧାନ କରିବା, କେତେ ଦେବା, କାହାକୁ ଦେବା– ସରକାରଙ୍କ ଇଚ୍ଛାଧୀନ ନୁହେଁ । ଏହା ନାଗରିକର ମୌଳିକ ଅଧିକାର । ହକ୍ । କାହାରି ଦୟା ନୁହେଁ ।

କେବଳ ନଟକଣ କାହିଁକି, ଗୌରାଙ୍ଗ, ସୁମିତ୍ରା, ମାଳତୀ, ବଳରାମ, ତାରା, ଫକୀର ପ୍ରଭୃତି ଭତ୍ତାଧାରୀ, ହିତାଧିକାରୀ ପ୍ରଶ୍ନ କରୁଛନ୍ତି – ଏ ଭତ୍ତାଟା ଆମ ହକ୍, ନା ସରକାରଙ୍କ ଦୟା ?

**ଭୁବନେଶ୍ୱର,**
**ମୋ–୭୯୭୮୨୧୦୮୨୧**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅସାମାଜିକ...

ଆଧୁନିକୀକରଣ, ପୋଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମ୍ପର୍ଦ୍ଦିତ ପୋଲିସିଂ ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୋଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି । ଏନ୍‌ସିଆର୍‌ବିର ତଥ୍ୟ ଅନୁଯାୟୀ ପୂର୍ବରୁ ଥିବା କମ୍ ଦଣ୍ଡବିଧାନ ହାରରେ ଏବେ ଉଲ୍ଲେଖନୀୟ ସୁଧାର ଆସି ୪୦ ପ୍ରତିଶତରୁ ଅଧିକ ହୋଇଛି, ଯାହାକୁ ଅତି କମରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପାର୍ବଣ ଉତ୍ସବ ଆଗରୁ ହେଉଥିବା 'ଦାଦା ବଟି' ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ । କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ସିଣ୍ଡିକେଟ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି । ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ତଟରେଖାର ସୁରକ୍ଷା ଓ ସାମୁଦ୍ରିକ ସୀମା ଦେଇ ହେଉଥିବା ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶା ପୋଲିସ ଗ୍ରହଣ କରିଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଭୁବନେଶ୍ୱରଠାରେ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର, ୧୦ଟି ଡ୍ରୋନ୍, ୫ଟି ଟ୍ରଲର, ୧୦ଟି ଆଧୁନିକ ଇଣ୍ଟରସେପ୍ଟର ବୋଟ୍ କ୍ରୟ ପ୍ରକ୍ରିୟା ଏବଂ ଅଲ୍ ଟେରେନ୍ ଭେଇକିଲ୍ ମାଧ୍ୟମରେ ବେଳାଭୂମି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି । ସାମୁଦ୍ରିକ ସୁରକ୍ଷା ପାଇଁ ଏସ୍‌ପିଓ ଏବଂ ପୂର୍ବତନ ସେନାକର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି । ରାଜ୍ୟରେ ମାଓ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବାରୁ ଏବଂ ଓଏସ୍‌ଏସ୍‌ଏଫ୍ ବାଟାଲିୟନ, ଆକର୍ଷଣୀୟ ଆତ୍ମସମର୍ପଣ ନୀତି ଯୋଗୁଁ ଓଡ଼ିଶାକୁ କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ସମ୍ମାନିତ କରାଯାଇଥିବା ବିଷୟ ସେ ଉଲ୍ଲେଖ କରିଛନ୍ତି । ଏହାସହ ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କହିଛନ୍ତି ଯେ, ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ସଂଗଠିତ ଅପରାଧ ବିରୋଧରେ 'ଜିରୋ ଟଲରେନ୍ସ' ନୀତି କାର୍ଯ୍ୟକାରୀ କରାଯାଉଥିବା ବେଳେ ରାଜ୍ୟରେ ଦଣ୍ଡବିଧାନ ହାରକୁ ଅତି କମରେ ୭୫ ପ୍ରତିଶତକୁ ନେବା ପାଇଁ ତଦନ୍ତ ପ୍ରକ୍ରିୟାକୁ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ଉଚିତ । 'ଡାର୍କ ୱେବ୍' ଏବଂ ସାଇବର ଠକେଇକୁ ରୋକିବା ପାଇଁ ଆଧୁନିକ ଡିଜିଟାଲ ସର୍ଭେଲାନ୍ସ ସହ ବ୍ୟାପକ ସଚେତନତା ସୃଷ୍ଟି କରିବା, ନାଟ୍‌ଗ୍ରିଡ୍ ଓ ସିସିଟିଏନ୍‌ଏସ୍ ମାଧ୍ୟମରେ ଗୁଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଥାନାଗୁଡ଼ିକରେ ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର ତଦନ୍ତ ଫଣ୍ଡ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଉଛି । ଏହା ସହିତ ୨୦୨୭ ସୁଦ୍ଧା 'ନିଶାମୁକ୍ତ ଓଡ଼ିଶା' ଗଠନ ପାଇଁ ନିଶା ସିଣ୍ଡିକେଟ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା, ଥାନାକୁ ଆସୁଥିବା ନିରୀହ ପୀଡ଼ିତଙ୍କ ସହ ସମ୍ବେଦନଶୀଳ ବ୍ୟବହାର କରି "ପୋଲିସକୁ ଦେଖି ଅପରାଧୀ ଛାନିଆଁ ହେବେ, ନିର୍ଦ୍ଦୋଷ ନାଗରିକ ନୁହଁନ୍ତି" ବୋଲି ବାର୍ତ୍ତା ଦେବା, ପୋଲିସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା, କମାଣ୍ଡାଣ୍ଟ ଓ କଣ୍ଟ୍ରୋଲ ସେଣ୍ଟର, ଡ୍ରୋନ୍ ମାଧ୍ୟମରେ ୫୭୫ କିଲୋମିଟର ତଟରେଖାର ସୁରକ୍ଷା ଏବଂ ବେଆଇନ ଅନୁପ୍ରବେଶ ରୋକିବା ସହ ଅସାମାଜିକ ତତ୍ତ୍ୱଙ୍କ ଜୋର୍-ଜବରଦସ୍ତି ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରି ସେମାନଙ୍କ କାର୍ଯ୍ୟକ୍ଷେତ୍ରର ସମସ୍ୟା ଓ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ନିଷ୍ଠାର ସହ ସାଧୁତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟର ଶିଳ୍ପ ବିକାଶ ଓ ନାଗରିକଙ୍କ ସୁରକ୍ଷା ପାଇଁ ଓଡ଼ିଶା ପୋଲିସର ଆମେ ସେବା ଓ ସୁରକ୍ଷା ସ୍ଲୋଗାନକୁ ମନେରଖି "ସୁରକ୍ଷିତ ଓଡ଼ିଶା-ସଶକ୍ତ ଓଡ଼ିଶା-ସମୃଦ୍ଧ ଓଡ଼ିଶା" ଗଠନରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ପୋଲିସ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ଜନସାଧାରଣଙ୍କ ପ୍ରତି ପୋଲିସର ସେବା ବ୍ୟବସ୍ଥାକୁ ଆହୁରି ଗୁଣାତ୍ମକ ଓ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଓଡ଼ିଶା ପୋଲିସକୁ ପ୍ରତିଷ୍ଠାଜନକ ରାଷ୍ଟ୍ରପତି କଲର ସମ୍ମାନ ମିଳିଥିବାରୁ ସେ ପୋଲିସ ବାହିନୀକୁ ଆନ୍ତରିକ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି । ପୋଲିସ ବିଭାଗର ନିରନ୍ତର ନିଷ୍ଠା ଓ ଉତ୍ସର୍ଗୀକୃତ ସେବା ଯୋଗୁଁ ଆଜି ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଫଳ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ସମ୍ଭବ ହୋଇଛି ବୋଲି କହି ସେ ପୋଲିସ ବାହିନୀର ପ୍ରଶଂସା କରିବା ସହ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି ।

ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଗଠନମୂଳକ ପରାମର୍ଶ ଓ ଆହ୍ୱାନ ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ଆଗାମୀ ଦିନରେ ସାଇବର ସୁରକ୍ଷା କ୍ଷେତ୍ରରେ ଅଧିକ ବ୍ୟାପକ କାର୍ଯ୍ୟ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଅସାମାଜିକ କାର୍ଯ୍ୟକଳାପ ରୋକିବା, ସମ୍ବେଦନଶୀଳ ଓ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ପୋଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ଏବଂ ନିଶାଦ୍ରବ୍ୟ ବେଆଇନ କାରବାର ବିରୋଧରେ ବିଶେଷ ଅଭିଯାନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ପୋଲିସ ବାହିନୀ ସମ୍ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ତଥା ପୋଲିସ ମହାନିର୍ଦ୍ଦେଶକ ଆର.ପି କୋଚେ, ପୋଲିସ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା ସମେତ ରାଜ୍ୟର ସମସ୍ତ ଡିଜିପି ଓ ଆଇଜିପି ଉପସ୍ଥିତ ଥିଲେ ।

## ପଡ଼ିଆରୁ...

ଜୀବନରେ ଆପଣେଇବା ପାଇଁ ଆହ୍ୱାନ କରିଥିଲେ ।

ଏଥିସହିତ ଚଳିତ ବର୍ଷର ଜାତୀୟ ଥିମ୍ 'ଖେଳିବ ଭାରତ, ଜିତିବ ଭାରତ' ଆଧାରରେ 'ଖେଳିବ ଓଡ଼ିଶା, ଜିତିବ ଓଡ଼ିଶା' ସଂକଳ୍ପ ନେଇ ଓଡ଼ିଶାକୁ ବିଶ୍ୱର କ୍ରୀଡ଼ା ରାଜଧାନୀ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଖେଳ ପଡ଼ିଆରୁ ବିଶ୍ୱ ଦରବାର ପର୍ଯ୍ୟନ୍ତ ଓଡ଼ିଶାର ଏହି କାୟାକଳ୍ପକୁ 'ପଡ଼ିଆରୁ ପୋଡ଼ିୟମ୍' ଅଭିମୁଖ୍ୟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଜି ଭାରତର ଏକ ପ୍ରମୁଖ କ୍ରୀଡ଼ା ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି । ରାଜ୍ୟର ପିଲାମାନଙ୍କ ପାଇଁ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଆମ ପିଲାମାନଙ୍କ ପାଇଁ ସର୍ବୋତ୍ତମ ତାଲିମ ସୁବିଧା ପ୍ରଦାନ ନିମନ୍ତେ ଆମେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଅଛୁ ବୋଲି ଦର୍ଶାଇ ସେ କହିଥିଲେ, ତୃଣମୂଳ ସ୍ତରରୁ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟର ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ, ଭୁବନେଶ୍ୱରର ଗୋଠପାଟଣାଠାରେ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଢେଙ୍କାନାଳରେ 'ବାଜି ରାଉତ ରିଜିଓନାଲ ସ୍ପୋର୍ଟ୍ସ ହବ୍' ସମେତ ଅନ୍ୟ ୫ଟି ଆଞ୍ଚଳିକ ହବ୍ ସ୍ଥାପନ କରାଯାଉଛି ।

ସେ ଆହୁରି କହିଥିଲେ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ସିଏମ୍ ଟ୍ରଫି' ଏବଂ ଖେଳକୁ ପ୍ରତିଯୋଗିତା ଦୃଷ୍ଟିରେ ନୁହେଁ ବରଂ ଏକ ସାମାଜିକ ପରିବର୍ତ୍ତନର ମାଧ୍ୟମ ଭାବେ ଗ୍ରହଣ କରି ମାଓ ପ୍ରଭାବିତ ୧୦ଟି ଜିଲ୍ଲାର ୪୮୫ଟି ଗ୍ରାମରେ ଯୁବବର୍ଗଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଉଛି । ଓଡ଼ିଶା ଭାରତବର୍ଷରେ ପ୍ରଥମ ଥର ପାଇଁ ଆଗାମୀ "୨୦୨୮ ଏସିଆନ୍ ଏବଂ ବିଶ୍ୱ ଆଥଲେଟିକ୍ସ ଇଣ୍ଡୋର ଚାମ୍ପିଅନସିପ୍" ଆୟୋଜନ କରିବାର ଐତିହାସିକ ଗୌରବ ହାସଲ କରିଛି ବୋଲି ସେ ପ୍ରକାଶ କରିଛନ୍ତି ।

ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲ୍ଲାର ସୌମ୍ୟରଞ୍ଜନ ବେହେରାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ସହିତ ଯାଜପୁର ଜିଲ୍ଲାର ସ୍ୱର୍ଗତ ନୀଳମାଧବ ପଣ୍ଡା ଏବଂ ସୁନିଲ କୁମାର ରାୟଙ୍କୁ ମରଣୋତ୍ତର ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିଥିଲେ । କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ନିମନ୍ତେ 'ଜୀବନବ୍ୟାପୀ ସାଧନା' ପାଇଁ ପ୍ରଣତି ମିଶ୍ର, କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷତା ପାଇଁ ଶକ୍ତି ପ୍ରକାଶ ନନ୍ଦ, 'କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ' ପାଇଁ ସୁଶ୍ରୀ ଲୋମା ସ୍ୱାଇଁ, 'ଶ୍ରେଷ୍ଠ ପ୍ରଶିକ୍ଷକ' ଭାବେ ଗୋପାଳ କୃଷ୍ଣ ଦାଶ, 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ଭାବେ ସୁଶ୍ରୀ ସୁଚିତ୍ରା ପରିଡ଼ା, 'ଶ୍ରେଷ୍ଠ ଉଦୀୟମାନ କ୍ରୀଡ଼ାବିତ୍' ଭାବେ ପ୍ରତୀକ ମହାରଣା ଓ ସୁଶ୍ରୀ ପାୟଲ ନାଗ ଏବଂ 'ଶ୍ରେଷ୍ଠ ବୈଷୟିକ ଅଧିକାରୀ' ଭାବେ ପ୍ରବୋଧ କୁମାର ମହାନ୍ତି ଏବଂ 'ସର୍ବୋତ୍ତମ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା' ଭାବେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବକୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲେ । ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ କ୍ଲବର ଅଧ୍ୟକ୍ଷ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ ।

ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହକି'ର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, କେବଳ ଦକ୍ଷତା ନୁହେଁ, ବରଂ ନିଷ୍ଠା ଓ ଶୃଙ୍ଖଳା ହିଁ ଜଣେ ସାଧାରଣ ଖେଳାଳିକୁ ମହାନ ଖେଳାଳିରେ ପରିଣତ କରେ, ଏହାର ପ୍ରମାଣ ହେଉଛନ୍ତି, ମେଜର ଧ୍ୟାନଚାନ୍ଦ । ତେଣୁ ଏହି ମହାନ୍ କ୍ରୀଡ଼ାବିତ୍‌ଙ୍କ ଖେଳ ପ୍ରତି ନିଷ୍ଠା ଓ ସମର୍ପଣକୁ ପ୍ରତ୍ୟେକ ଖେଳାଳୀ ନିଜ ଜୀବନର ମାର୍ଗଦର୍ଶକ ଭାବେ ଗ୍ରହଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସେ ପିଲାମାନଙ୍କୁ କ୍ରୀଡ଼ାକୁ ନିଜର ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ସହିତ ସ୍କ୍ରିନିଙ୍ଗ ଟାଇମିଙ୍ଗକୁ କମ୍ କରି ସ୍ପୋର୍ଟିଙ୍ଗ ଟାଇମ୍ ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବଲାଙ୍ଗୀର ଜିଲ୍ଲାର ପାରା ତୀରନ୍ଦାଜ୍ କ୍ରୀଡ଼ାବିତ ସୁଶ୍ରୀ ପାୟଲ ନାଗ୍‌ଙ୍କୁ ପ୍ରଶଂସା କରି କହିଥିଲେ ଯେ, ହାତ ନ ଥାଇ ମଧ୍ୟ ସେ ଆଜି କ୍ରୀଡ଼ା କ୍ଷେତ୍ରରେ ଗୋଲ୍ଡ ମେଡାଲ ପାଇ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡକ୍ଟର ଯେଦୁଲା ବିଜୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଦନ୍ତ ଚିକିତ୍ସକଙ୍କ...

ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବ । ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମିଳିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନୋଟିଫିକେସନ୍ ଜାରି କରାଯାଇଛି ।

## ନିବେଶ...

ଏପରି ଆଶ୍ୱାସନା ବାରମ୍ବାର ଦେଇ ଅଭିଯୁକ୍ତମାନେ ନିବେଶକମାନଙ୍କ ମନରେ ବିଶ୍ୱାସ ସୃଷ୍ଟି କରି ଅଧିକ ପରିମାଣର ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇ ଥିଲେ ।

ଅଭିଯୁକ୍ତମାନଙ୍କ କଥା ଓ ଆଶ୍ୱାସନାକୁ ବିଶ୍ୱାସ କରି ଅଭିଯୋଗାକାରୀ ଓ ଅନ୍ୟ ନିବେଶକମାନେ ନିଜର କଷ୍ଟାର୍ଜିତ ଟଙ୍କା ବିଭିନ୍ନ ମାଧ୍ୟମରେ ଯଥା ଚେକ୍, ବ୍ୟାଙ୍କ ଟ୍ରାନ୍ସଫର,ୟୁପିଆଇ ଏବଂ ନଗଦ ଆକାରରେ କମ୍ପାନୀରେ ନିବେଶ କରିଥିଲେ । କେତେକ କ୍ଷେତ୍ରରେ ଉଭୟ ପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା କରାଯାଇଥିଲା । ନିବେଶକମାନଙ୍କୁ ଆଶ୍ୱାସନା ଦିଆଯାଇଥିଲା ଯେ, ସେମାନଙ୍କ ନିବେଶ ଟଙ୍କା ସୁରକ୍ଷିତ ରହିବ ଏବଂ ପ୍ରତି ମାସରେ ନିର୍ଦ୍ଧାରିତ ଶତକଡା ୧୦ ଲାଭ ନିୟମିତ ଭାବେ ଦିଆଯିବ । ଏହି ଆଶାରେ ଅଭିଯୋଗକାରୀ ଓ ଅନ୍ୟ ନିବେଶକମାନେ ବହୁ ପରିମାଣର ଟଙ୍କା କମ୍ପାନୀକୁ ଦେଇଥିଲେ । କିନ୍ତୁ ଟଙ୍କା ଦେବା ପରେ ଅଭିଯୁକ୍ତମାନେ ଟଙ୍କା ନେବା ପରେ ଅଭିଯୁକ୍ତମାନେ ପ୍ରତିଶ୍ରୁତି ଅନୁଯାୟୀ ମାସିକ ଲାଭ ଦେଇନଥିଲେ । ଅଭିଯୋଗକାରୀ ଓ ଅନ୍ୟ ନିବେଶକମାନେ ଲାଭ ସହ ମୂଳଟଙ୍କା ଫେରସ୍ତ ପାଇଁ ଅଭିଯୁକ୍ତମାନଙ୍କୁ କହିବାରୁ ସେମାନେ ଟଙ୍କା ଦେଇନଥିଲେ । ଆହୁରି କିଛି ସମୟ ମାଗି ନିବେଶ ଟଙ୍କା ଟ୍ରେଡିଂ କାରବାରରେ ଅଟକି ରହିଛି ଏବଂ ଶୀଘ୍ର ଟଙ୍କା ମିଳିଯିବ ବୋଲି କହିଥିଲେ ।

ଟ୍ରେଡିଂରୁ ଟଙ୍କା ମିଳିବା ପରେ ନିବେଶ ଟଙ୍କା ସହ ପ୍ରତିଶ୍ରୁତି ଅନୁଯାୟୀ ଲାଭ ମଧ୍ୟ ଫେରସ୍ତ କରାଯିବ ବୋଲି ସେମାନେ ଆଶ୍ୱାସନା ଦେଇଥିଲେ । ଏହି ଆଶ୍ୱାସନା ଉପରେ ବିଶ୍ୱାସ କରି ଅଭିଯୋଗକାରୀ ଏବଂ ଅନ୍ୟ ନିବେଶକମାନେ ପ୍ରାୟ ୪ ମାସ ଅପେକ୍ଷା କରିଥିଲେ । ଏହି ସମୟ ମଧ୍ୟରେ ଅଭିଯୁକ୍ତମାନେ ଫୋନ ମାଧ୍ୟମରେ ବାରମ୍ବାର ଆଶ୍ୱାସନା ଦେଇ ଟଙ୍କା ଫେରସ୍ତ ପାଇଁ ଆହୁରି ସମୟ ମାଗୁଥିଲେ । ବାରମ୍ବାର ମାଗିବା ସତ୍ତ୍ୱେ ସେମାନେ ଲାଭ କିମ୍ବା ମୂଳଟଙ୍କା ନଦେବାରୁ ପୋଲିସରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁଯାୟୀ ପୋଲିସ ଜଣେ ଅଭିଯୁକ୍ତ ସ୍ମୃତିରଞ୍ଜନ ବେହେରା (୩୧)କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇଦିଆଯାଇଛି । ସ୍ମୃତିରଞ୍ଜନ ଘର କେନ୍ଦ୍ରାପଡା ହୋଇଥିବା ବେଳେ ସେ ଭୁବନେଶ୍ୱର ବିଜେବି ନଗର ଗଧିଆଖାଲ ଅରବିନ୍ଦ କଲୋନୀରେ ରୁହେ ବୋଲି ପୋଲିସ କହିଛି ।

## ନେପାଳ...

କେତେ କ୍ଷତି ନଷ୍ଟ ହୋଇଛି ତାହାର ଆକଳନ ହୋଇନାହିଁ । ୨.୨୯୫ ବିଲିୟନ୍ ଡଲାର ପ୍ରଧାନମନ୍ତ୍ରୀ ବିପର୍ଯ୍ୟୟ ରିଲିଫ ପାଣ୍ଠିକୁ ଶୁକ୍ରବାର ରାତି ସୁଦ୍ଧା ଆସିଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ୧୦ଟି ବିଭିନ୍ନ ବ୍ୟାଙ୍କରେ ଡିପୋଜିଟ୍ କରାଯାଇଛି । ବର୍ତ୍ତମାନସୁଦ୍ଧା ବି ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ନେପାଳ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ରିଲିଫ ସାମଗ୍ରୀ ଯାଇଛି । ନେପାଳ କେବଳ ଏହି ସଙ୍କଟ ଚିନ୍ତିତ ନୁହେଁ, ଭାରତ ମଧ୍ୟ ଏଥିଲାଗି ଚିନ୍ତା ପ୍ରକଟ କରୁଛି । ପ୍ରଧାନମନ୍ତ୍ରୀ ଯାହା ଆବଶ୍ୟକ ତଦନୁଯାୟୀ ସାହାଯ୍ୟ ଦେବାକୁ ପ୍ରସ୍ତୁତ ଅଛନ୍ତି । ନେପାଳ ଅର୍ଥମନ୍ତ୍ରୀ ଶିଶିର କାନାଲ ଅନ୍ତଃରାଷ୍ଟ୍ରୀୟ ସମୁଦାୟ ସହଯୋଗର ହାତ ବଢ଼ାଇଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି ଯେ ସହଯୋଗ ଓ ସହାୟତାର ଆବଶ୍ୟକ ରହିଛି । ମାତ୍ର ଏହା ଉଦ୍ଧାର ଓ ରିଲିଫ କାର୍ଯ୍ୟ ସମୟରେ ଆବଶ୍ୟକତା ନାହିଁ । ତେବେ ପୁନର୍ଗଠନରେ ସହଯୋଗର ଆବଶ୍ୟକତା ପଡ଼ିବ ।

**AFFIDAVIT**

By virtue of an affidavit sworn before the Executive Magistrate Khordha, on dated.17.07.2026. I, Nabakishore Nayak, Aged (39), S/o- Tareswar Nayak, of Vill/Po- Haripur, Ps- Nirakarpur, Dist- Khordha, Pin- 752021. Declare that I have changed my daughter's name from Sita Priyadarshni & her mother's name Sabita Nayak to Ipsita Priyadarsini Nayak & Laxmipriya Nayak. Henceforth, She shall be known as **Ipsita Priyadarsini Nayak** & her mother **Laxmipriya Nayak** for all purposes.

Sd/- Nabakishore Nayak

9001/129/2627

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା.୩୧.୦୮.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀର ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0061

**BRAHMAPUR MUNICIPAL CORPORATION**

Letter No. 14173 Dt : 29.08.26

**13006/1684/2627 :** Sealed Quotation are invited to be reached by Speed Post / Registered Post / By Hand/Courier received at Single Window Counter for "Quotation for Auction Sale of Condemned / Scrap Materials". The detailed terms & Conditions are available at our official website www.berhampur.gov.in. The Last date of receipt of Quotation in this office Dt. 17.09.2026 by 5.00 P.M and will be opened on Dt. 18.09.2026 at 11.00 A.M in the office chamber of undersigned.

The authority reserves the right to accept or reject any or all quotation/tender without assigning any reason thereof.

Sd/-
Commissioner
Brahmapur Municipal Corporation

OIPR : 13001/13035/1/26-27/0023

## ନେପାଳରେ...

ନଦୀକୁ ମାଡ଼ିଆସିଥିଲା । ଏଥିସହ ଭୂସ୍ଖଳନ ଯୋଗୁଁ ପରିସ୍ଥିତି ଅଧିକ ସଙ୍କଟଜନକ ହୋଇପଡ଼ିଥିଲା । ପଛରେ ପ୍ରଳୟଙ୍କରୀ ବନ୍ୟା,ଆଗରେ ପାହାଡ଼ିଆ ରାସ୍ତା । ଜୀବନ ବଂଚାଇବା ପାଇଁ ତୁରନ୍ତ ଗାଡ଼ି ବୁଲାଇ ପ୍ରାୟ ୭୦କିଲୋମିଟର ପଛକୁ ଫେରିଥିଲେ ପର୍ଯ୍ୟଟକମାନେ । ସେମାନଙ୍କ ପଛେ ପଛେ ମାଡ଼ି ଆସୁଥିଲା କାଦୁଅ ମିଶା ବନ୍ୟାପାଣି । ରାସ୍ତାରେ କେତେବେଳେ ଭୂସ୍ଖଳନ ହେବ କିମ୍ବା ରାସ୍ତା ବନ୍ଦ ହୋଇଯିବ,ତାହା ନେଇ ଆଶଙ୍କା ଲାଗି ରହିଥିଲା । ଶେଷରେ ସେମାନେ ମନତାମନା ମନ୍ଦିର ନିକଟରେ ଆଶ୍ରୟ ନେଇଥିଲେ । ତେବେ ବିପଦ ସେତିକିରେ ଟଳିନଥିଲା । ତ୍ରିଶୂଳୀ ନଦୀର ଜଳସ୍ତର ବଢ଼ିବା ସହ ପୁଣି ଭୂସ୍ଖଳନ ହୋଇ ବନ୍ୟାପାଣି ମାଡ଼ିଆସିଥିଲା । ଫଳରେ ନେପାଳ ପୁଲିସ ଓ ସ୍ଥାନୀୟ ଅଧିକାରୀମାନେ ମନ୍ଦିର ନିକଟରୁ ସମସ୍ତଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ହଟାଇଥିଲେ । ପରେ ରୋପ୍‌ୱେ ଯୋଗେ ସମସ୍ତଙ୍କୁ ଭୈରବା ସିଟିକୁ ନିଆଯାଇଥିଲା । ବର୍ତ୍ତମାନ ଭୈରବା ସିଟିର ଏକ ଛୋଟ ଲଜ୍‌ରେ ୫୧ ଜଣ ରହିଛନ୍ତି । ପରିବାର ଲୋକଙ୍କ ସହ ଯୋଗାଯୋଗ ହେଉଥିଲେ ମଧ୍ୟ ସେମାନଙ୍କ ଫେରିବା ନେଇ ଅନିଶ୍ଚିତତା ଲାଗି ରହିଛି । ଚାନ୍ଦବାଲିର ୭ ଜଣ ଓଡ଼ିଆଙ୍କ ପରିବାର ଲୋକେ ଏବେ ଚିନ୍ତାରେ । ନେପାଳରୁ ସମସ୍ତଙ୍କୁ ଶୀଘ୍ର ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ପ୍ରଶାସନ ଓ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଦାବି ହୋଇଛି ।

## ଯୁବ...

ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ଆତଙ୍କ ଖେଳି ଯାଇଛି । ଅତ୍ୟନ୍ତ ଜନଗହଳିପୂର୍ଣ୍ଣ କିର୍ବା ବଜାରରେ ଗୁଳି ଫୁଟିବା ପରେ ସ୍ଥାନୀୟ ଲୋକେ ବୁର୍ଲାକୁ ଏବେ ମିର୍ଜାପୁର ସହ ତୁଳନା କରିବା ଆରମ୍ଭ କରିଛନ୍ତି । ତେବେ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଗୋଟିଏ ରାତିରେ ୬ ଦୋକାନରୁ ଚୋରି

ସୋର (ସବ୍ୟୁ) : ସୋର ଥାନା ନଦୀଗାଁ ଛକରେ ଥିବା ୬ଟି ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଗତକାଲି ରାତିରେ ନଦିଗାଁ ଛକରେ ଥିବା ଶ୍ରୀକ୍ଷେତ୍ର ମିଷ୍ଟାନ୍ନ ଭଣ୍ଡାରରୁ କେହି ଦୁର୍ବୃତ୍ତ ଚାବି ଭାଙ୍ଗି ୫୦ ହଜାରରୁ ଅଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ନେଇ ଦୋକାନର ମାଲିକ ଆଜି ସକାଳେ ଦେକାନ ଖୋଲିବା ସମୟରେ ଜାଣିବାକୁ ପାଇଥିଲେ । ସେହିପରି ବିକାଶ କୁମାର ଜେନାଙ୍କ ବିକାଶ ଚିକେନ ସେଣ୍ଟରରୁ ୨୦ଟି କୁକୁଡା ଓ ଗୋଟିଏ ଗ୍ୟାସ ଟାଙ୍କି ସମେତ ନଗଦ ଟଙ୍କା ସମତେ ସୂର୍ଯ୍ୟସାମନ୍ତ ଦାସଙ୍କ ପାନ ଦୋକାନ, ଏକ ଚାହା ଦେକାନ ଓ ସୁଦାମ ବାରିକଙ୍କ ସେଲୁନରୁ ମଧ୍ୟ ଚୋରି ହୋଇଥିବା ଜଣାପଡିଛି । ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

**AFFIDAVIT**

By virtue of an affidavit sworn and affirmed before the Executive Magistrate, Dhenkanal, vide Affidavit No.: 5151 dated 28.08.2026, I, Jenamani Padmasambhava Ray, aged about 25 years, son of Mr. Jenamani Pradip Kumar Ray (J.P.K. Ray) and Mrs. Gayatri Pradhan, residing at 202/A, Ward No.: 03, Lalit Nagar, Kunjakanta Pokhari East, P. O/Dist.: Dhenkanal, Odisha (India), PIN-759001, do hereby solemnly declare that I have changed my name from Jenamani Padma Sambhava Ray to Jenamani Padmasambhava Ray, and that henceforth I shall, for all legal, official and general purposes, be known and described as **Jenamani Padmasambhava Ray**

To
Mrs. Jasmeet Dhillon,
W/o Sh. Daljeet Singh Dhillon
Flat No.117, Balaji Complex, Jharpada, Bhubaneswar -751006,P.O./P.S.: Laxmisagar, Dist.: Khurda Odisha.

**NOTICET**

This is hereby informed you through odia daily that you have sent several Regd letters to your last known address which is returned undelivered or no reply.The project work is completed since eight years and renovation work of cyclone Fani on May, 2019 is also completed. We have been informed by several letters but no response. This is to inform you that you booked the flat no.515 on fifth floor in our project Tulasi Vihar Phase-II, Puri.

The letters are sent on different dates as mentioned below.
1. Regd letter Dt.22.12.2020
2. Regd letter Dt.27.06.2022
3. Regd letter Dt.16.02.2022

HENCE,WE ARE GIVING YOU 15 DAYS NOTICE FAILING WHICH WE SHALL CANCEL THE FLAT AND REFUND TO BANK TO WARDS YOUR HOME LOAN.

Himansu Sekhar Mishra
Managing Director Mahodadhi Devlopers Pvt. Ltd.
Bhubaneswar.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEBAGADA.**
E-mail Id - eerw deogarh@yahoo.co.in

25001/1046/2627 **E- Procurement Notice**

**BID.IDENTIFICATION NO. SERWDGH-Online- 14/2026-27**

1. No. of Road Works : (02 Nos)
2. Estimated Cost : Approx.Rs.5.08 lakhs & Rs. 19.07 Lakhs each
3. Mode of submission of tender : Tender shall be submitted online in **www.tendersodisha.gov.in**
4. Availability of tender for online bidding : 01.09.2026, 10.00 A.M to 09.09.2026 up to 5.00 P.M
5. Date and time of opening of tender : 10.09.2026, 11.00 A.M.
6. Other details can be seen from the website **www.tendersodisha.gov.in**
7. Corrigendum / Addendum if any shall only be published in the above website.

Sd/- Superintending Engineer
R.W. Division, Debagada

OIPR : 25001/25087/1/26-27/0014

13001/1682/2627 e-mail : eephbhpt@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER.**
**PUBLIC HEALTH DIVISION. BHABANIPATANA**
Parmanandpur, Railway Station Road, Bhabanipatana.
Dist. Kalahandi. PIN -766002

**NATIONAL COMPETITIVE BIDDING THROUGH e-Procurement**

**Identification No. SEPHD-BHPT- 24 of 2026-27/ Dt. 21.08.2026**

**e-Procurement Notice**

01. Name of the Work : 1no Work.
02. Type of Bid. : Single Bid System
03. Estimated Cost : Rs. 37.04 Lakhs
04. Period of Completion : 02 (Two) Calendar Months
05. Date & Time of availability of bid document in the portal : From 11.00 AM of dt.31.08.2026 to 5.00 PM of 09.09.2026
06. Last date / time of receipt of bids in the portal : 5.00 PM of 09.09.2026.
07. Date & Time of opening of technical bids : At 11.30 AM of 10.09.2026
08. Name and Address of the Officer Inviting Bid : Additional Chief Engineer, P.H. Division, Bhabanipatana. Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the website **http://tenders.ori.nic.in** or **www.tendersorissa.gov.in**

Sd/- Additional Chief Engineer,
P.H. Division, Bhabanipatana

OIPR : 13001/13059/1/26-27/0002

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION : KORAPUT**
**Through GEPNIC e-Procurement Notice**
**Bid Identification No : SERWKPT-Online-06/2026-27**
**Letter No. 2863 Dtd. 24.08.26**

25001/1044/2627

1. Name of the Work : Construction of Building, Internal Road & Drainage Works for the year 2026-27 (in the Permisses of RW Division Office Koraput)
2. Total Numbers of Works : 03 Nos.
3. Approximate Estimate Cost : Rs. 8.47 to Rs. 33.88 Lakhs (Approximately)
4. Class of Contractor : "B" Class
5. Period of Completion : 1 No. of Work=6 Month & 2 Nos of Work=2 Month
6. Detail of Projects : As per Annexure attached.
   Other Details as follows :

| Procurement Officer | Bid Identification No | No. of Works | Availability of tender online bidding | | Date & Time of opening of tender in O/o the SE RW Division, Koraput |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-06/2026-27 | 03 (Three) Nos | 31.08.2026 upto 11.00 A.M. | 10.09.2026 upto 5.30 P.M. | 11.09.2026 at 11.00 A.M. |

Further details can be seen from the website **www.tendersodisha.gov.in/nicgep/app**
All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Executive Engineer,
Rural Works Division : Koraput

OIPR : 25001/25088/1/26-27/0008

25001/1048/2627 Mail I.D- ee_nimapara@yahoo.co.in

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, NIMAPARA**

No:- Tender Online-Divn.NPR-11/2026-27 Date:- 24.08.2025

**e-Procurement NOTICE**

1. **Name of the work** : **Road Works for the year 2026-27.**
2. **Total No. of Projects** : **01 (One) no of projects.**
3. **Estimated cost of projects** : **Rs. 66.10 lakh**
4. **Class of contractor** :
A) Estimated Cost above Rs 20.00 lakhs and upto Rs. 300.00Lakhs : **"B" Class (of Odisha PWD) or relevant Class of other licensing authorities.**
B) Estimated Cost more than Rs 20.00 lakhs and upto Rs. 40.00Lakhs. : **"C Class & "B" Class (of Odisha PWD) or relevant Class of other licensing authorities.**
C) Estimated Cost upto Rs. 20.00 Lakhs : **"D" Class & "C" Class (of Odisha PWD) or relevant Class of other licensing authorities.**
5 Mode of Submission of tender : Tender should be submitted online only in website **www.tendersorissa.gov.in**
6. Period of Completion : As per TCN
7. **Other details.**

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | **Tender On-line-Divn. NPR-11/2026-27** | 31.08.2026 at 11.00 A.M. | 10.09.2026 up to 5.00 P.M. | 10.09.2026 up to 5.00 P.M. | 11.09.2026 at 11.00 A.M. Office of the S.E.R.W. Division, Nimapara |

Further details can be seen from the website **www.tendersorissa.gov.in**

Sd/- Superintending Engineer
Rural Works Division, Nimapara

OIPR : 25001/25099/1/26-27/0011

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୩୩୭୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କୁ ଭେଟିଲେ

# ଆମେ ଭୁବନେଶ୍ୱରୀଆ ସଂଗଠନର ପ୍ରତିନିଧି

ଭୁବନେଶ୍ୱର, (ସବ୍ୟୁ): ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପଢ଼ୀଙ୍କ ସହ ଆମେ ଭୁବନେଶ୍ୱରିଆ ପ୍ରତିନିଧିମଣ୍ଡଳର ସାକ୍ଷାତ କରି ନାଗରିକଙ୍କୁ ଆତଙ୍କିତ ନ କରି ୨୦୨୫ ଗେଜେଟ୍ ବିଜ୍ଞପ୍ତି ଅଧୀନରେ ନିୟମିତକରଣ ପାଇଁ ଦାବି କରିଛନ୍ତି । ଏସିଏସ ସବୁ ଦାବୀ ଶୁଣି ସେଗୁଡ଼ିକୁ ସହୃଦୟତାର ସହ ବିଚାର କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି । ଆମେ ଭୁବନେଶ୍ୱରିଆ, ଭୁବନେଶ୍ୱର ଉନ୍ନୟନ ପରିଷଦ, ଜନ ଜାଗରଣ ତଥା ସହଯୋଗୀ ଆବାସିକ କଲ୍ୟାଣ ସମିତି, ହାଉସିଂ ସୋସାଇଟି ଓ ଛୋଟ ବ୍ୟବସାୟୀଙ୍କ ଏକ ପ୍ରତିନିଧିମଣ୍ଡଳ ଗୃହ ଓ ନଗର ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପଢ଼ୀଙ୍କୁ ସାକ୍ଷାତ କରି ବିଏମସି ଜାରି କରିଥିବା ପ୍ରାୟ ୪,୬୨୩ଟି ସମାନ ଧରଣର ଶୋ-କଜ୍ ନୋଟିସ୍ ବିରୁଦ୍ଧରେ ଜରୁରୀ ଅଭିଯୋଗ ଦାଖଲ କରିଥିଲେ ।

ପ୍ରତିନିଧିମଣ୍ଡଳରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ଆମେ ଭୁବନେଶ୍ୱରିଆର ସଭାପତି ବିଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆବାହକ ବାସୁଦେବ ଭଟ୍ଟ, ସମ୍ପାଦକ ପ୍ରଣବ ସ୍ୱାଇଁ, ମୁଖ୍ୟ ସଂଯୋଜକ ସଞ୍ଜୟ ଦାସ, ବରିଷ୍ଠ ସଦସ୍ୟ କୈଳାସ ମହାପାତ୍ର, ପ୍ରଦ୍ୟୁମ୍ନ ଦାସ, ନାରାୟଣ ମହାପାତ୍ର ଓ ନିଶିଥ ନନ୍ଦ ଆଲୋଚନାରେ ଉପସ୍ଥିତ ଥିଲେ। ନୋଟିସ୍ ଗୁଡ଼ିକ (ପତ୍ର ସଂ ୪୫୩୦୮, ୪୫୧୦୮, ୪୫୨୭୫ ତା. ୩୧.୦୭.୨୦୨୬ ଓ ୪୫୦୭୭ ତା. ୩୦.୦୭.୨୦୨୬) ଉତ୍ତର ଜୋନ୍‌ର ୧,୭୧୨ ଓ ଦକ୍ଷିଣ-ପୂର୍ବ ଜୋନ୍‌ର ୧,୩୮୧ଟି ପ୍ରାଙ୍ଗଣ ସହ ଅନ୍ୟ ଜୋନ୍‌କୁ ଆବୃତ କରିଛି। ବାଣିଜ୍ୟିକ ନକ୍ସା ଓ ଅଧିଭୋଗ ପ୍ରମାଣପତ୍ର ନଦେଲେ ସିଲିଂ କିମ୍ବା ଭାଙ୍ଗିବାର ଧମକ ମଧ୍ୟ ରହିଛି।

ସଂଶୋଧିତ "ଆବାସିକ ଭବନ" ସଂଜ୍ଞାରେ ବୃତ୍ତିଜୀବୀ ବାସଗୃହ, ଭଡ଼ା ଆବାସ, ପି.ଜି., ହୋମ୍‌ଷ୍ଟେ, ହଷ୍ଟେଲ, ଅତିଥି ଗୃହ ଅଛି। ଆବାସିକ ଜୋନ୍‌ରେ ୨୩ଟି ବ୍ୟବହାର ପୂର୍ବରୁ ଅନୁମୋଦିତ। ଯାହା ଆବାସିକ ଜୋନ୍‌ରେ ବୈଧ, ତାହା ପାଇଁ "ବାଣିଜ୍ୟିକ ନକ୍ସା" ମାଗିବା ଉଚିତ ନାହିଁ। କେତେକ ଦୋକାନକୁ ଶୁଣାଣି ବିନା ସିଲ୍ କରାଯାଇଛି; ବାଣିଜ୍ୟିକ କର କିମ୍ବା ଜି.ଏ.ର ବ୍ୟବସାୟିକ ଘର ଅନୁମତି ଥିବା ମାଲିକଙ୍କୁ ମଧ୍ୟ ନୋଟିସ୍ ମିଳିଛି ଓ ସିଲ ବି କରାଯାଇଛି । ଏଣୁ

ସିଲିଂ, ଭାଙ୍ଗିବା, ବିଦ୍ୟୁତ୍-ଜଳ ବିଚ୍ଛିନ୍ନ ପରି ଅତ୍ୟଧିକ ଚାପ ତୁରନ୍ତ ସ୍ଥଗିତ ରହୁ । ଗେଜେଟ୍ ବିଜ୍ଞପ୍ତି ୨୦୨୫ ଓ ୨୩ଟି ଅନୁମୋଦିତ ବ୍ୟବହାରର ପ୍ରଥମେ ପରୀକ୍ଷା କରାଯାଉ । ନଥି ଯୋଗାଡ଼ ପାଇଁ ଛଅ ମାସ ଦିଆଯାଉ। ନାଗରିକ ପରାମର୍ଶ ଓ ସଚେତନତା ପାଇଁ ବିଏମସି ପଦକ୍ଷପ ନେଉ ।"ସର୍ବକ୍ଷମା ଯୋଜନା"ରେ ନିୟମିତକରଣ ପାଇଁ ସରକାର ଯୋଜନା କରନ୍ତୁ । କେବଳ ଜନସୁରକ୍ଷା ବିପନ୍ନ କରୁଥିବା ବଡ଼ ଅବୈଧ ନିର୍ମାଣ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହା ଶୁଣିବା ପରେ ଆମେ ଭୁବନେଶ୍ୱରିଆ ସହ ପରାମର୍ଶ ବୈଠକ ଡକାଯିବ, ନୋଟିସ୍ ଦ୍ୱାରା ଭୁବନେଶ୍ୱରିଆଙ୍କୁ ଆତଙ୍କିତ କରାଯିବ ନାହିଁ ଏବଂ ୨୦୨୫ ଗେଜେଟ୍ ଅଧୀନରେ ଉଲ୍ଲଂଘନ ନିୟମିତ କରିବାକୁ ସୁବ୍ୟବସ୍ଥିତ ପ୍ରକ୍ରିୟା ଅନୁସରଣ କରାଯିବ।

# ଓଡ଼ିଶା ଉପକୂଳର ସୁରକ୍ଷା ତଥା ଜଳବାୟୁ ସହନଶୀଳତା ଲାଗି ଆରଆଇଜ୍

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଉପକୂଳ ଅଞ୍ଚଳକୁ ଅବକ୍ଷୟରୁ ସୁରକ୍ଷା, ଜଳବାୟୁ ପରିବର୍ତ୍ତନଜନିତ ବିପଦର ମୁକାବିଲା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ସ୍ଥାୟୀ ଆର୍ଥିକ ବିକାଶକୁ ଅଧିକ ସୁଦୃଢ଼ କରିବା ନେଇ ଆଡିପ୍ଟ ରେଜିଲେନ୍ସ ଇନ୍‌ଭେଷ୍ଟମେଣ୍ଟ ଇନ୍ କ୍ୱାଷ୍ଟର ସିଷ୍ଟମ୍ସ ଅନ୍ ଇକୋନୋମି (ଆରଆଇଜ୍) ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଏହି ବୈଠକରେ ଅଧ୍ୟକ୍ଷତା କରି ଉପକୂଳବର୍ତ୍ତୀ ଅଞ୍ଚଳକୁ ଅବକ୍ଷୟରୁ ସୁରକ୍ଷା ତଥା ପରିବେଶ ସୁରକ୍ଷା ସହିତ ଉପକୂଳବାସୀଙ୍କ ଜୀବିକା, ଜୈବବିବିଧତା ଓ ଅର୍ଥନୈତିକ ସ୍ଥିରତାକୁ ସୁଦୃଢ଼ କରିବା ନେଇ ଏହି ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ ଯେ, ଏଡିବି ଓ ଓସ୍‌ଡମାର ମିଳିତ ପ୍ରୟାସରେ ଓଡ଼ିଶାର ୫୭୩ କିମିର ସମୁଦ୍ର ତଟରେଖାକୁ ନେଇ ପ୍ରାଥମିକ ତଦନ୍ତ କରାଯାଇଥିଲା କ୍ଷ ସାମୁଦ୍ରିକ ତଟ କ୍ଷୟ ରୋକିବା, ନଦୀ ଶଯ୍ୟାକୁ ଆବର୍ଜନା ଓ ପଟୁମାଟି ମୁକ୍ତ କରିବା, ଉପକୂଳବର୍ତ୍ତୀ ଗ୍ରାମର ଲୋକଙ୍କ ଜୀବନ ଏବଂ ଜୀବିକାର ସୁରକ୍ଷା ସଂକ୍ରାନ୍ତରେ ଏଡିବି ସହ ଜଳସମ୍ପଦ ବିଭାଗ, ଜଙ୍ଗଲ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନେଇ ପୂର୍ବରୁ ଆଲୋଚନା ହୋଇ ଏଡିବି ଏବଂ ଓସ୍‌ଡମା ଦ୍ୱାରା ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା, ଯାହା ଆଧାରରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି ।

କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ମଧ୍ୟ ଏଡିବି ସମ୍ପୃକ୍ତ ରାଜ୍ୟସରକାରଙ୍କ ସହ ମିଶି ଉପକୂଳ ସୁରକ୍ଷା ପ୍ରକଳ୍ପ ସଂକ୍ରାନ୍ତରେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ କର୍ଣ୍ଣାଟକରେ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ଇତିମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହୋଇଛି । ଓଡ଼ିଶା ଉପକୂଳ ନେଇ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହେବା ପରେ ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇ ଉପକୂଳ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଛନ୍ତି । ଓଡ଼ିଶାର ସମୁଦ୍ର ତଟରେ ଅବକ୍ଷୟ ରୋକିବା, ଉପକୂଳୀୟ ପରିବେଶ, ଅର୍ଥନୀତି ଓ ଜୀବିକାକୁ ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବରୁ ଅଧିକ ସହନଶୀଳ ଓ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ଆରଆଇଜ୍ ପ୍ରକଳ୍ପ ଅଧୀନରେ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

ବୈଠକରେ ଓଡ଼ିଶାର ସମଗ୍ର ଉପକୂଳରେ ଦେଖାଦେଉଥିବା ଉପକୂଳ କ୍ଷୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଉପକୂଳ କ୍ଷୟର ପ୍ରଭାବକୁ ହ୍ରାସ କରିବା, ସମୁଦ୍ର ଓ ଉପକୂଳବର୍ତ୍ତୀ ତଟର ସୁରକ୍ଷା କରିବା ସହିତ ଦୀର୍ଘମିଆଦୀ ଉପକୂଳ ସୁରକ୍ଷା ପାଇଁ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି, ଜଳବାୟୁ ପରିବର୍ତ୍ତନ ଓ ବଢୁଥିବା ପ୍ରାକୃତିକ ବିପଦର ପ୍ରଭାବକୁ ଦୃଷ୍ଟିରେ ରଖି ଜଳବାୟୁ ସହନଶୀଳ ଉପକୂଳ ପର୍ଯ୍ୟଟନର ବିକାଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପ୍ରତିଷ୍ଠାନଗତ ସୁଦୃଢ଼ୀକରଣ, ଦକ୍ଷତା ବିକାଶ ଏବଂ ଅତ୍ୟାଧୁନିକ ବୈଷୟିକ ବ୍ୟବସ୍ଥା ବିକାଶ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସ୍ୱେଶାଲ୍ ରିଲିଫ୍ କମିଶନର୍ ତଥା ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ବରିଷ୍ଠ ଅଧିକାରୀବୃନ୍ଦ ଏବଂ ଏଡିବିର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ବୁଲା ଗୋରୁଙ୍କ ପାଇଁ ଥାନା ଘେରିଲେ

ବଳଙ୍ଗା ,(ସବ୍ୟୁ) : ପୁରୀ ଜିଲ୍ଲା କାହିଁକି ରାଜ୍ୟରେ ପନିପରିବା ଯୋଗାଇବାର ବଳଙ୍ଗା ଅଂଚଳର ସତନ୍ତ୍ର ସ୍ଥାନ ରହିଛି । ତେବେ ଷ,, ଓ ବୁଲା ଗୋରୁ ମାନଙ୍କ ଉପଦ୍ରବ ପାଇଁ ଆଉ ଏସବୁ ସମ୍ଭବ ହେଇ ପାରୁନି । ଯେତେ ଚେଷ୍ଟା କଲେ ମଧ ଷ,, ଓ ବୁଲା ଗୋରୁ ମାନେ ଫସଲ ଅମଳ ହେବା ପୂର୍ବରୁ ସବୁ ଖାଇ ନଷ୍ଟ କରିଦେଉଛନ୍ତି । ଯାହା ଫଳରେ ଚାଷୀ ମାନଙ୍କ ଜୀବନ ଜୀବିକା ଏକ ପ୍ରକାର ଠପ ହୋଇ ପଡିଛି । ଫଳରେ ଏହାର ସ୍ଥାୟୀ ସମାଧାନ ପାଇଁ ବଳଙ୍ଗା ଓ ଏହାର ଆଖ ପାଖ ଅଞ୍ଚଳର ଚାଷୀ ମାନେ ଗୁରୁବାର ରାତିରେ ବଳଙ୍ଗା ଥାନାକୁ ଘେରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଫଳରେ ପିପିଲି ଏସ ଡି ପି ଓ ଦେବାଶିଷ ମିଶ୍ର, ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଡାକି ଚାଷୀ ମାନଙ୍କୁ ବୁଝାସୁଝା କରି ଆଗମୀ ୨ଦିନ ଭିତରେ ଅଞ୍ଚଳରେ ଥିବା ସମସ୍ତ ଷ,, ଓ ବୁଲା ଗୋରୁମାନଙ୍କୁ ଉଦ୍ଧାର କରାଯାଇ ଗୋ ଶାଳରେ ପୋଲିସ ସହଯୋଗରେ ଛଡାଯିବ । ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ସେମାନଙ୍କ ପାଇଁ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯିବ ବୋଲି ଚାଷୀ ମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଚାଷୀ ମାନେ ଫେରିଥିଲେ । ସୂଚନା ମୁତାବକ ବଳଙ୍ଗା ଓ ଏହାର ଆଖ ପାଖ ଗାଁ ଗଣ୍ଡା ମାନଙ୍କରେ ପ୍ରବଳ ମାତ୍ରାରେ ଷ,, ଓ ବୁଲା ଗୋରୁ ରହୁଥିଲା ବେଳେ ଚାଷୀ ମାନଙ୍କ ଫସଲକୁ ଉଜାଡି ଦେଉଛନ୍ତି ।

# ଇଣ୍ଡିଆନ ବ୍ୟାଙ୍କ ଭଞ୍ଜନଗର ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଦେଶର ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ 'ଇଣ୍ଡିଆନ ବ୍ୟାଙ୍କ'ର ଏକ ନୂତନ ଶାଖା ତା ୨୮.୦୮.୨୦୨୬ ରିଖ ଦିନ ଭଞ୍ଜନଗର (ବାଇପାସ ଛକ, ବାଉଁଶଲୁଣ୍ଡି, ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା - ୭୬୧୧୨୬) ଠାରେ ଉଦଘାଟିତ ହୋଇଯାଇଛି। ଏହି ଶାଖାକୁ ଭଞ୍ଜନଗର ଉପ-ଜିଲ୍ଲାପାଳ ଉମାଶଙ୍କର ବେହେରା ଏବଂ ଇଣ୍ଡିଆନ ବ୍ୟାଙ୍କର ଜୋନାଲ ମ୍ୟାନେଜର ଡି. ପି. ପରମାର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ବ୍ୟାଙ୍କର ଫିଲ୍ଡ ଜେନେରାଲ ମ୍ୟାନେଜର ଶ୍ରୀମତୀ କନକା ଏସ୍. ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ଥିଲେ। ଏହା ଗଞ୍ଜାମ ଜିଲ୍ଲାରେ ଇଣ୍ଡିଆନ ବ୍ୟାଙ୍କର ୨୧ ତମ ଶାଖା ଏବଂ ଓଡ଼ିଶା ରାଜ୍ୟରେ ୨୦୨ ତମ ଶାଖା ଅଟେ। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିଳ୍ପପତି, ଆଇନଜୀବୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ସ୍ଥାନୀୟ ଚାମ୍ବର ଅଫ୍ କମର୍ସର ସଦସ୍ୟମାନେ ଯୋଗ ଦେଇଥିଲେ। ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱରର ଫିଲ୍ଡ ଜେନେରାଲ ମ୍ୟାନେଜର ଶ୍ରୀମତୀ କନକା ଏସ୍. ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଉତ୍କୃଷ୍ଟ ଗ୍ରାହକ ସେବା, ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର ଏବଂ ଅର୍ଥନୈତିକ କାର୍ଯ୍ୟକଳାପର ବିକାଶରେ ବ୍ୟାଙ୍କର ଭୂମିକା ତଥା ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରହ୍ମପୁର, ଇଣ୍ଡିଆନ ବ୍ୟାଙ୍କ, ଜୋନାଲ ମ୍ୟାନେଜର ଡି. ପି. ପରମାର ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିବାରୁ ସମସ୍ତ ଗ୍ରାହକଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ବ୍ୟାଙ୍କର ବିଭିନ୍ନ ଡିଜିଟାଲ




ଉତ୍ପାଦ (ମୋବାଇଲ ଆପ୍), ଜମା ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଋଣ ସୁବିଧା, କୃଷି ଋଣ, ଏମଏସଏମ, ଗୃହ ଋଣ, ଗାଡ଼ି ଋଣ ଇତ୍ୟାଦି ବିଷୟରେ ବୁଝାଇଥିଲେ। ଏହା ସହିତ ବ୍ୟାଙ୍କ ପକ୍ଷରୁ ୫୫୫ ଓ ୭୭୭ ଦିନିଆ ସ୍ୱତନ୍ତ୍ର ମିଆଦି ଜମା ଯୋଜନାରେ ଅଧିକ ସୁଧ ହାର ପ୍ରଦାନ କରାଯାଉଥିବା ବିଷୟରେ ମଧ୍ୟ ସେ ସୂଚନା ଦେଇଥିଲେ। ଶାଖାର ଅଭିବୃଦ୍ଧି ନିମନ୍ତେ ସେ ଗ୍ରାହକମାନଙ୍କର ସହଯୋଗ କାମନା କରିବା ସହ ୨୪x୭ ବ୍ୟାଙ୍କିଙ୍ଗ ସେବା ପାଇବା ପାଇଁ ମୋବାଇଲ ଆପ୍ ଭଳି ଗ୍ରାହକ-କୈନ୍ଦ୍ରିକ ସେବାଗୁଡ଼ିକର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଉମାଶଙ୍କର ବେହେରା ଭଞ୍ଜନଗରରେ ଏହି ଆବଶ୍ୟକୀୟ ଶାଖା ଖୋଲିଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହ ଶାଖାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଭଞ୍ଜନଗର ଶାଖା ପ୍ରବନ୍ଧକ ଶୁଭାଶିଷ ଲେଙ୍କା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗ୍ରାହକ ଏବଂ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ସୈନିକମାନଙ୍କୁ ସମ୍ମାନିତ କରିବା ପାଇଁ

# କେଡିଏମ୍ ର "ଭାରତ କା ଚାର୍ଜର' ୧ ଲକ୍ଷରୁ ଅଧିକ ଡିଲରଙ୍କୁ ନିୟୋଜିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ଜୀବନଶୈଳୀ ଏବଂ ମୋବାଇଲ୍ ଆସେସୋରିଜ୍ ବ୍ରାଣ୍ଡ କେଡିଏମ୍ ଏହାର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଚାଲିଥିବା "ଭାରତ କା ଚାର୍ଜର' ପଦକ୍ଷେପ ଅଧୀନରେ ଦେଶବ୍ୟାପୀ ପ୍ରତିଶ୍ରୁତିବଦ୍ଧତା ଘୋଷଣା କରିଛି। ଦେଶର ସଶସ୍ତ୍ର ବାହିନୀକୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର ଶିକ୍ଷାକୁ ସମର୍ଥନ କରିବା ପାଇଁ ଉତ୍ସର୍ଗୀକୃତ ଏକ ଉଦ୍ଦେଶ୍ୟ ଆଧାରିତ ଅଭିଯାନର ଶୁଭାରମ୍ଭ କରାଯାଇଛି। ସାରା ଦେଶରେ ୧ ଲକ୍ଷରୁ ଅଧିକ ଡିଲରଙ୍କ ସହିତ, କେଡିଏମ୍ ଇଣ୍ଡିଆ ଏହାର ବ୍ୟବସାୟ ନେଟୱାର୍କକୁ ସାମାଜିକ ପ୍ରଭାବ ପାଇଁ ଏକ ଶକ୍ତିରେ ପରିଣତ କରୁଛି । ଏହି ପଦକ୍ଷେପ ଅନୁଯାୟୀ, ବିକ୍ରୟ ହୋଇଥିବା ପ୍ରତ୍ୟେକ ଚାର୍ଜରରୁ ଆୟର ଏକ ଅଂଶ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର ଶିକ୍ଷାକୁ ସମର୍ଥନ କରିବ, ଦୈନନ୍ଦିନ କ୍ରୟକୁ ଏକ ବୃହତ ଜାତୀୟ ଉଦ୍ଦେଶ୍ୟ ସହିତ ଯୋଡିବ । "ଭାରତ କା ଚାର୍ଜର' ପଦକ୍ଷେପ ଆଗ ଧାଡିରେ ଠିଆ ହୋଇଥିବା ସୈନିକମାନଙ୍କୁ ସମ୍ମାନିତ କରିଥାଏ, ଯେଉଁମାନେ ସ୍ୱାଧୀନତାର ସୁରକ୍ଷା କରନ୍ତି ଯାହା ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱପ୍ନ ଦେଖିବା, ନିର୍ମାଣ କରିବା ଏବଂ ଆଗକୁ ବଢ଼ିବାରେ ସକ୍ଷମ କରିଥାଏ । ଏହି ପଦକ୍ଷେପ ମାଧ୍ୟମରେ, କେଡିଏମ୍ ଇଣ୍ଡିଆ ସଶସ୍ତ୍ର ବାହିନୀ ପରିବାରର ପିଲାମାନଙ୍କର ଶିକ୍ଷାକୁ ସମର୍ଥନ କରି କୃତଜ୍ଞତାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି ।

## ଜାତୀୟ କ୍ରୀଡ଼ା ଦିବସ ପାଳନ

# ଡିଏଭି ଚନ୍ଦ୍ରଶେଖରପୁରରେ ଆନ୍ତଃ-ଡିଏଭି ମିନି ମାରାଥନ୍

ଭୁବନେଶ୍ୱର, (ସବ୍ୟୁ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶନିବାର ଦିନ ଭୁବନେଶ୍ୱରସ୍ଥିତ ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର ପରିସରରେ ଏକ ଆନ୍ତଃ-ଡିଏଭି ମିନି ମାରାଥନ୍ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୁଜାତା ସାହୁ ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଏହାର ଉଦ୍‌ଘାଟନ କରିଥିଲେ। ଆରମ୍ଭରେ ଅତିଥିମାନେ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାରତୀୟ କ୍ରୀଡ଼ା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଭାବାନ ଉଦୀୟମାନ ଖେଳାଳିମାନଙ୍କୁ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱରର ଚାରୋଟି ଡିଏଭି ବିଦ୍ୟାଳୟରୁ ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି




ମିନି ମାରାଥନରେ ଅଂଶଗ୍ରହଣ କରି ଶୈଳଶ୍ରୀ ବିହାର-ଚନ୍ଦ୍ରଶେଖରପୁର ଅଞ୍ଚଳରେ ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ିଥିଲେ। ଡିଏଭି କଳିଙ୍ଗ ନଗରର ଅଧ୍ୟକ୍ଷ ବଳରାମ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ, ଏକାଡେମିକ୍ ସୁପରଭାଇଜର, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ଡିଏଭି ଚନ୍ଦ୍ରଶେଖରପୁରର ଶାରୀରିକ ଶିକ୍ଷା ବିଭାଗ ଅନ୍ୟାନ୍ୟ ଶିକ୍ଷକମାନଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲା।

# ଅନୁଗୁଳରେ ଇନ୍ଦ୍ରିୟାର ପ୍ରଥମ ଷ୍ଟୋର

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ବିର୍ଲା ଜୁଏଲେରୀର ବ୍ରାଣ୍ଡ ଇନ୍ଦ୍ରିୟା ଓଡ଼ିଶାରେ ନିଜର ରିଟେଲ୍ ଉପସ୍ଥିତି ବଢ଼ାଇଛି। କମ୍ପାନୀ ଅନୁଗୁଳରେ ଏହାର ପ୍ରଥମ ଷ୍ଟୋର ଖୋଲିଛି। ଏହା ସହିତ ଓଡ଼ିଶାରେ ଇନ୍ଦ୍ରିୟାର ଷ୍ଟୋର ସଂଖ୍ୟା ୫ରେ ପହଂଚିଛି। ଅନୁଗୁଳ ଭଳି ରାଜ୍ୟର ଏକ ପ୍ରମୁଖ ଶିଳ୍ପାଂଚଳରେ ଷ୍ଟୋର ଖୋଲିବା ଦ୍ୱାରା ଇନ୍ଦ୍ରିୟା ଏବେ ବଡ଼ ସହର ବାହାରେ ନିଜର ବଜାର ପହଂଚକୁ ବିସ୍ତାର କରିଛି। ବିବାହ, ପର୍ବପର୍ବାଣୀ ଓ ପାରିବାରିକ ଉତ୍ସବରେ ସୁନା ଓ ମୂଲ୍ୟବାନ ଅଳଙ୍କାରର ଚାହିଦା ଥିବା ଅନୁଗୁଳ ବଜାରକୁ କମ୍ପାନୀ ଗୁରୁତ୍ୱ ଦେଇଛି। ଶଙ୍କର ସିନେମା ରୋଡ୍, ବଜାରପଡ଼ାରେ ଖୋଲାଯାଇଥିବା ଏହି ଷ୍ଟୋରକୁ ଗ୍ରାହକଙ୍କୁ ଏକ ଉନ୍ନତ ଅଳଙ୍କାର କିଣାକାଟି ଅନୁଭୂତି ଦେବା ଭଳି ଭାବେ ଡିଜାଇନ୍ କରାଯାଇଛି। ଷ୍ଟୋରରେ ୩୭,୦୦୦ରୁ ଅଧିକ ଡିଜାଇନ୍ ଉପଲବ୍ଧ ରହିଛି। ଏଥିରେ ବ୍ରାଇଡାଲ୍ ଜୁଏଲେରୀ, ପର୍ବପର୍ବାଣୀ



କଲେକ୍ସନ୍, ଆଧୁନିକ ଷ୍ଟେଟମେଂଟ ଜୁଏଲେରୀ ସହ ଦୈନନ୍ଦିନ ବ୍ୟବହାର ପାଇଁ ହାଲୁକା ଅଳଙ୍କାର ସାମିଲ ରହିଛି।

ଇନ୍ଦ୍ରିୟାର ଡିଜାଇନ୍‌କେନ୍ଦ୍ରିକ ଆଭିମୁଖ୍ୟ ଅନୁସାରେ ଷ୍ଟୋରରେ ପାରମ୍ପରିକ କାରିଗରୀ ସହ ଆଧୁନିକ ଡିଜାଇନ୍‌ର ସମନ୍ୱୟ କରାଯାଇଛି। ଗ୍ରାହକଙ୍କୁ ଅଧିକ ବ୍ୟକ୍ତିଗତ ସେବା ଦେବା ପାଇଁ ବ୍ରାଇଡାଲ୍ ଲାଉଞ୍ଜ୍ ଏବଂ କାରିଗରୀ ରୁମ୍ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ରହିଛି। ଅନୁଗୁଳ ଷ୍ଟୋର ଉଦ୍ଘାଟନ ମାଧ୍ୟମରେ ପୂର୍ବ ଭାରତରେ ନିଜର ବ୍ୟବସାୟିକ ଉପସ୍ଥିତିକୁ ଆହୁରି ମଜବୁତ କରିଛି ଇନ୍ଦ୍ରିୟା। ସହରର ଗ୍ରାହକଙ୍କ ନିକଟରେ ବ୍ରାଣ୍ଡର ବ୍ୟାପକ ଅଳଙ୍କାର ସମ୍ଭାର ଓ ଉନ୍ନତ ଷ୍ଟୋର ଅନୁଭୂତି ପହଂଚାଇବା ଏହାର ଲକ୍ଷ୍ୟ। ଏହି ଅବସରରେ ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, "ଓଡ଼ିଶାରେ ଆମର ରିଟେଲ୍ ବିସ୍ତାର ଯାତ୍ରାରେ ଅନୁଗୁଳ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏକ ପ୍ରମୁଖ ଶିଳ୍ପାଂଚଳ ଭାବେ ଅନୁଗୁଳର ଶକ୍ତିଶାଳୀ ସ୍ଥାନୀୟ ଅର୍ଥନୀତି, କ୍ରୟକ୍ଷମତା ଏବଂ ଅଳଙ୍କାର ପ୍ରତି ଗ୍ରାହକଙ୍କ ସାଂସ୍କୃତିକ ଆକର୍ଷଣ ରହିଛି।

## ଏନଏଚ ପାଶ୍ୱର୍ରୁ ଅବରୋଧ ଉଚ୍ଛେଦ ପାଇଁ ନୋଟିସ

ଭଣ୍ଡାରିପୋଖରୀ,(ସବ୍ୟୁ) :ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଆଖୁଆପଦା ବୈତରଣୀ ସେତୁ ଠାରୁ ବିଷ୍ଣୁପୁର ପଞ୍ଚାୟତ କପାଳି ସେତୁ ପର୍ଯ୍ୟନ୍ତ ଦୀର୍ଘ ୨୫ କିଲୋମିଟର ଉଭୟ ପାଶ୍ୱର୍ରେ ଥିବା ଜବରଦଖଲ, ଅନଧିକୃତ ପାର୍କିଂ, ଦେକାନ ଆଦିକୁ ଉଚ୍ଛେଦ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନୋଟିସ ଜାରି କରିଥିବା ଜଣାଯାଇଛି । ୨୯ ତାରିଖ ଶନିବାର ସୁଦ୍ଧା ସ୍ଥାନ ଖାଲି ନକଲେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି । ଗତ ଅପ୍ରେଲ ୧୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଦାନ କରିଥିବା ଆଦେଶକୁ ପାଳନ କରିବା ଲକ୍ଷ୍ୟରେ ଉଚ୍ଛେଦ ନୋଟିସ ଜାରି ହୋଇଛି । ଯାତ୍ରୀ ଓ ଯାନବାହନ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଣ୍ଡିଖୋଲ ଠାରୁ ଭଦ୍ରକ ପର୍ଯ୍ୟ ନ୍ତ ସମସ୍ତ ଅବରୋଧ ଉଚ୍ଛେଦ କରାଯିବ ବୋଲି ଚଣ୍ଡିଖୋଲସ୍ଥିତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକ ନୋଟିସ ଜାରି କରିଥିବା ଜଣାଯାଇଛି । ଉଚ୍ଛେଦ ନିଶ୍ଚିତ ଜାଣି ବହୁ ଅବରୋଧକାରୀ ନିଜଆଡୁ ଜବରଦଖଲ ହଟାଇ ନେଉଥିବା ଜଣାଯାଇଛି । ରାଜପଥ ଜବରଦଖଲକାରୀଙ୍କ ପ୍ରତି ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

# କ୍ରିମିନାଲ କୋର୍ଟସ୍ ବାର ଆସୋସିଏସନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

କଟକ,(ସବ୍ୟୁ): କ୍ରିମିନାଲ କୋର୍ଟସବାରଆସୋସିଏସନପକ୍ଷରେ ମାଗଣା ସ୍ୱାସ୍ଥ୍ୟ ଶିବିର କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ରିମିନାଲ କୋର୍ଟସ ବାର ଆସୋସିଏସନର କାଯ୍ୟକ୍ରମ ରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ ବାରବାଟୀ କଟକ ର ବିଧାୟିକା ସୋଫିଆ ଫିର୍ଦୋଷ, କଟକ ମହାନଗର ନିଗମ ର ମେୟର ସୁବାସ ସିଂ ଜାଭିୟରର ଓ ସହଯୋଗୀ, ହେରିଟେଜ ହସ୍ପିଟାଲ ର ଡାକ୍ତର ବିଶ୍ୱରଂଜନ ନାୟକ ଓ ତାଙ୍କ ସହଯୋଗୀ ସମ୍ପୂର୍ଣ୍ଣ ମାଗଣାରେ ଦାନ୍ତ, ଆଖି, ଡାଏବେଟିସ ଓ ରକ୍ତଚାପ ପରୀକ୍ଷା କରିଥିଲେ।



ସଭାପତି ଆଇନଜୀବୀ ବାଦଲ ଚନ୍ଦ୍ର ରାୟ,ସମ୍ପାଦକ ଗଦାଧର ସାହୁ ଙ୍କ ଶ୍ରୀଙ୍ଗ ଫାର୍ମାସୁଇଟିକଲ ର ପ୍ରୋପାଇଟର ସ୍ୱାଗତ ରଞ୍ଜନ ବେହେରା ଙ୍କ ତତ୍ୱାବଧାନରେ ଆୟୋଜିତ କାଯ୍ୟକ୍ରମ ରେ ସିଭିଲ କୋର୍ଟ ର ରେଜିଷ୍ଟର କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିର ର ଶୁଭ ଉଦଘାଟନ କରିଥିଲେ । ଏହି ସ୍କୁଲ ର ପ୍ରତିଷ୍ଠାତା ଡ଼କ୍ଟର ପ୍ରଭୁ ଚରଣ ମହାନ୍ତି ଅତିଥି ରୂପେ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ସମ୍ପର୍କ ରେ କହିଥିଲେ । ଏହି କାଯ୍ୟକ୍ରମଟି ମଡର୍ଣ୍ଣ ଆଇ କେୟାର ହସ୍ପିଟାଲର ଡାକ୍ତର ବିଶ୍ୱଜିତ ଦେ, ଡାକ୍ତର ଅଶୋକ କୁମାର ମିଶ୍ର,ସନ୍ତୋଷ କୁମାର ମନ୍ତ୍ରୀ ଙ୍କ ସହ ପର୍ଲ ଅସଥେଟିକସ ର ଡ଼କ୍ଟର ଚିନ୍ମୟ ଚିଦାନନ୍ଦ କର,ସତ୍ୟଜିତ ସିଂ ସ୍ଥାନୀୟ କର୍ପୋରେଟର ଆରତୀ ସାହୁ , ଆଇନଜିବୀ କୃଷ୍ଣ ମଲ୍ଲିକ, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅକ୍ଷୟ କୁମାର ପତି, ଆଇନଜୀବୀ ଧ୍ରୁବ ଚରଣ ରାଉତ, ଅକ୍ଷୟ କୁମାର ନାୟକ, ସୁବାସ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବେଦାନ୍ତ ଆଲୁମିନିୟମ୍ ଜାତୀୟ କ୍ରୀଡ଼ା ଦିବସ ଅବସରରେ

# ତୃଣମୂଳ ସ୍ତରରେ କ୍ରୀଡ଼ା ପରିବେଶ ସୃଷ୍ଟି ପ୍ରୟାସକୁ ଗୁରୁତ୍ୱ ଦେଇଛି

ଭୁବନେଶ୍ୱର, (ସବ୍ୟୁ): 'ଖେଲେଗା ଭାରତ, ଜିତେଗା ଭାରତ' ଥିମ୍‌କୁ ଆଧାର କରି ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଗ୍ରାମୀଣ ଅଂଚଳର କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବା ଦିଗରେ ନିଜର ପଦକ୍ଷେପକୁ ଆହୁରି ବ୍ୟାପକ କରିଛି ବେଦାନ୍ତ ଆଲୁମିନିୟମ୍। ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ଏହି କମ୍ପାନୀ ଓଡ଼ିଶା ଓ ଛତିଶଗଡ଼ରେ ତୀରନ୍ଦାଜୀ, ଆଥଲେଟିକ୍ସ, କରାଟେ, ଜୁଡୋ ସହ ବିଭିନ୍ନ କ୍ରୀଡ଼ାର ପ୍ରଶିକ୍ଷଣ ଓ ବିକାଶ କାର୍ଯ୍ୟକ୍ରମ ଚଳାଉଛି। କମ୍ପାନୀର ଏହି ପଦକ୍ଷେପ ଜରିଆରେ ଗ୍ରାମାଂଚଳର ଯୁବପିଢ଼ିଙ୍କୁ ଉନ୍ନତମାନର ପ୍ରଶିକ୍ଷଣ, ପ୍ରତିଯୋଗିତାରେ ଅଂଶଗ୍ରହଣ ଓ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାର ସୁଯୋଗ ମିଳୁଛି। କଳାହାଣ୍ଡିରେ ତୀରନ୍ଦାଜୀ ଓ ଆଥଲେଟିକ୍ସ, ଝାରସୁଗୁଡ଼ାରେ କରାଟେ ଓ ଜୁଡୋ ଏବଂ ଛତିଶଗଡ଼ର କୋରବାରେ ବହୁମୁଖୀ କ୍ରୀଡ଼ା ଏକାଡେମୀ ମାଧ୍ୟମରେ ଏହି ପ୍ରୟାସ ଜାରି ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, କ୍ରୀଡ଼ା ବ୍ୟକ୍ତି ଓ ସମୁଦାୟର ବିକାଶର ଏକ ପ୍ରଭାବଶାଳୀ ମାଧ୍ୟମ। ଏହି ଚିନ୍ତାଧାରା ଆଧାରରେ ବେଦାନ୍ତ ଆଲୁମିନିୟମ୍ ଏକ ବ୍ୟାପକ କ୍ରୀଡ଼ା ପରିବେଶ ଗଢ଼ି ତୋଳିଛି। ଏହାର ପ୍ରଭାବ ଏବେ




କମ୍ପାନୀର କାର୍ଯ୍ୟକ୍ରମରୁ ଉଦୀୟମାନ କ୍ରୀଡ଼ାବିତ୍‌ଙ୍କ ସଫଳତାରେ ପ୍ରତିଫଳିତ ହେଉଛି।

କଳାହାଣ୍ଡିର ଲାଞ୍ଜିଗଡ଼ରେ ବେଦାନ୍ତର ତୀରନ୍ଦାଜୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ୩୦୦ରୁ ଅଧିକ ଯୁବକ-ଯୁବତୀ ଉପକୃତ ହୋଇଛନ୍ତି। ଏଥିମଧ୍ୟରୁ ୫୦ରୁ ଅଧିକ କ୍ରୀଡ଼ାବିତ୍ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଚଳର ପ୍ରତିନିଧିତ୍ୱ କରିଛନ୍ତି। ଏହି କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ହେଉଛି ଯୁବ ତୀରନ୍ଦାଜ ଖିରୋଦ କୁମାରଙ୍କ ପ୍ରଦର୍ଶନ। ୨୦୨୬ ସିବିଏସ୍‌ଇ ଫାର୍ ଇଷ୍ଟ ଜୋନାଲ୍ ଆର୍ଚେରୀ ଚାମ୍ପିଅନସିପ୍‌ର ଅଣ୍ଡର-୧୯ ବର୍ଗରେ ୧୧ଟି ରାଜ୍ୟର ୪୩୭ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଖିରୋଦ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜୋନାଲ୍ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଏକାଧିକ ପଦକ ହାସଲ କରିଥିବା ଖିରୋଦ ସିବିଏସ୍‌ଇ ନ୍ୟାସନାଲ୍ ଚାମ୍ପିଅନସିପ୍ ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। ତାଙ୍କ ସହ ପ୍ରଶିକ୍ଷାର୍ଥୀ ଓଙ୍କାର ମାଝୀ ମଧ୍ୟ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟ ହୋଇଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜେଶ କୁମାର କହିଛନ୍ତି, "ଗ୍ରାମୀଣ ଭାରତର ଯୁବପିଢ଼ିଙ୍କ ମଧ୍ୟରେ ଥିବା କ୍ରୀଡ଼ା ପ୍ରତିଭା ଅତୁଳନୀୟ। ସୁସଂଗଠିତ କୋଚିଂ, ବୈଜ୍ଞାନିକ ପ୍ରଶିକ୍ଷଣ ପଦ୍ଧତି ଓ ଉନ୍ନତମାନର କ୍ରୀଡ଼ା ଉପକରଣ ମାଧ୍ୟମରେ ଆମେ ଏହି ପ୍ରତିଭାକୁ ପ୍ରଦର୍ଶନରେ ପରିଣତ କରୁଛୁ। ଆମର ପ୍ରୟାସ କେବଳ କ୍ରୀଡ଼ା ମନୋଭାବକୁ ବିକଶିତ କରୁନାହିଁ, ବରଂ ଯୁବପିଢ଼ିଙ୍କ ପାଇଁ ସୁଯୋଗ, ଶୃଙ୍ଖଳା ଓ ଆତ୍ମବିଶ୍ୱାସର ନୂଆ ଦ୍ୱାର ଖୋଲିଛୁ। ମୋର ବିଶ୍ୱାସ, ଆଗାମୀ ଜାତୀୟ ଚାମ୍ପିଅନ୍ ଏହି ଅଂଚଳରୁ ହିଁ ଉଦୟ ହୋଇପାରନ୍ତି।"

ଝାରସୁଗୁଡ଼ାରେ ବେଦାନ୍ତ ମାର୍ଶାଲ ଆର୍ଟ୍ସ ଟ୍ରେନିଂ ସେଂଟର ଏବେ ପ୍ରତିଯୋଗିତାମୂଳକ କ୍ରୀଡ଼ାର ଏକ ପ୍ରମୁଖ କେନ୍ଦ୍ର ପାଲଟିଛି। ଏଠାରେ ବର୍ତ୍ତମାନ ୧୨୪ ଜଣ ଛାତ୍ରଛାତ୍ରୀ କରାଟେ ଓ ଜୁଡୋ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ମଧ୍ୟରେ ୪୦ ଜଣ ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟାଚ୍ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହି କେନ୍ଦ୍ରର କ୍ରୀଡ଼ାବିତ୍‌ମାନେ ଇଷ୍ଟ ଜୋନ୍ କରାଟେ ଚାମ୍ପିଅନସିପ୍, ଓଡ଼ିଶା ଏସକ୍ୟୁଏୱାଇ ଚାମ୍ପିଅନସିପ୍, ତୃତୀୟ ନ୍ୟାସନାଲ୍ କରାଟେ ଚାମ୍ପିଅନସିପ୍ ଏବଂ ବିଳାସପୁରରେ ଅନୁଷ୍ଠିତ ନ୍ୟାସନାଲ୍ ଗ୍ରାପଲିଂ-ରେସଲିଂ ଚାମ୍ପିଅନସିପ୍ ସମେତ ବିଭିନ୍ନ ପ୍ରତିଯୋଗିତାରେ ମୋଟ ୪୪ଟି ପଦକ ଜିତିଛନ୍ତି। ଏଥିରେ ୯ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଓ ୨୧ଟି କାଂସ୍ୟ ପଦକ ରହିଛି। ଏହି କେନ୍ଦ୍ର ପକ୍ଷରୁ ୫୬ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଦିନିଆ ଗ୍ରାପଲିଂ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏହାସହ ୧୫୦ ଜଣ ଅଂଶଗ୍ରହଣକାରୀଙ୍କ ପାଇଁ ବେଲ୍ଟ ପ୍ରମୋସନ୍ ପରୀକ୍ଷା ଏବଂ ୧୧ଟି ସ୍କୁଲରେ ମାର୍ଶାଲ ଆର୍ଟ୍ସ କର୍ମଶାଳା ଆୟୋଜନ କରାଯାଇଛି। ଏହି କର୍ମଶାଳାରୁ ୧,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ଜାତୀୟ କ୍ରୀଡ଼ା ଦିବସ ଅବସରରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ କ୍ରୀଡ଼ା ଓ ଫିଟନେସ୍ ପ୍ରତି ଆଗ୍ରହ ବଢ଼ାଇବା ପାଇଁ କମ୍ପାନୀ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରିଛି।

# ନେପାଳରେ ପହଞ୍ଚିଲେ ବିଦେଶୀ ଉଦ୍ଧାରକାରୀ ଦଳ



**ନୂଆଦିଲ୍ଲୀ:** ଭୟାବହ ଆକସ୍ମିକ ବନ୍ୟା ବିପର୍ଯ୍ୟୟ ପରେ ଅନ୍ତର୍ଜାତୀୟ ସମୁଦାୟର ପ୍ରବଳ ଚାପ ଯୋଗୁଁ ନେପାଳ ସରକାର ବିଦେଶୀ ସାହାଯ୍ୟ ଗ୍ରହଣ ନକରିବା ନିଷ୍ପତ୍ତିକୁ ବଦଳାଇଛନ୍ତି। ବର୍ତ୍ତମାନ ଭାରତ, ଚୀନ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ କୋରିଆର ବିଶେଷଜ୍ଞ ଦଳକୁ ଟନେଲ୍ ଉଦ୍ଧାର କାର୍ଯ୍ୟ, ଡିଏନ୍‌ଏ ପରୀକ୍ଷା ଏବଂ ଫୋରେନ୍ସିକ ଚିହ୍ନଟ ପ୍ରକ୍ରିୟା ପାଇଁ ଅନୁମତି ଦିଆଯାଇଛି। ବର୍ରୁ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ବିଦେଶୀ ସାହାଯ୍ୟକୁ ମନା କରିଥିଲେ ମଧ୍ୟ ନିଖୋଜ ନାଗରିକଙ୍କ ସୁରକ୍ଷା ପାଇଁ ଏହି ନିଷ୍ପତ୍ତି ବଦଳାଇବାକୁ ବାଧ ହୋଇଛନ୍ତି। ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀର ବନ୍ୟାଯୋଗୁଁ ଏପର୍ଯ୍ୟନ୍ତ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ୨ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି ।ବିଶେଷ କରି ୨୧୬ ମେଗାୱାଟର 'ଅପର୍ ତ୍ରିଶୂଳୀ-୧' ଜଳବିଦ୍ୟୁତ ପ୍ରକଳ୍ପର ୫୭୬ ଜଣ ଶ୍ରମିକ ନିଖୋଜ ଅଛନ୍ତି ଏବଂ ସେମାନେ ଟନେଲ ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ ଏବଂ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସୂଚନା ଅନୁଯାୟୀ, ଭାରତ ପକ୍ଷରୁ ଏନ୍‌ଡିଆରଏଫ, ଜେନେରେଟର, ଖାଦ୍ୟ ସାମଗ୍ରୀ ସହ ୧୧ ଜଣିଆ ଟନେଲ ଉଦ୍ଧାରକାରୀ ଓ ଡାକ୍ତରୀ ଦଳ କାଠମାଣ୍ଡୁରେ ପହଞ୍ଚି ସାରିଛନ୍ତି। ବର୍ତ୍ତମାନ ରାସ୍ତାଘାଟ ନଷ୍ଟ ହୋଇଯାଇଥିବାରୁ ପୁଲିସ ଏବଂ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକ ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟରର ସାହାଯ୍ୟ ନେଉଛନ୍ତି। ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର ଓ ସେବା ବାଧାପ୍ରାପ୍ତ ହେଉଛି।

## ଭାରତ ଆଡକୁ ଭାସି ଆସୁଛି କୁଢ଼ କୁଢ଼ ମରଶରୀର



**ନୂଆଦିଲ୍ଲୀ:** ନେପାଳରେ ହୋଇଥିବା ଭୟଙ୍କର ବନ୍ୟାର ବିନାଶକାରୀ ପ୍ରଭାବ ଏବେ ଭାରତରେ ଦେଖିବାକୁ ମିଳିଛି। ନାରାୟଣୀ ନଦୀର ବନ୍ୟାଜଳରେ ମୃତଦେହଗୁଡ଼ିକ ଭାସିଭାସି ଉତ୍ତର ପ୍ରଦେଶର ମହାରାଜଗଞ୍ଜ ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ମହାରାଜଗଞ୍ଜର ନାରାୟଣୀ ନଦୀରେ କେବଳ ପାଣି ପ୍ରବାହିତ ହେଉନାହିଁ ବରଂ ବିନାଶର ସଙ୍କେତ ମଧ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ବନ୍ୟାଜଳ ସହିତ କାଠ, ଘରକରଣା ସାମଗ୍ରୀ ଏବଂ ଗ୍ୟାସ୍ ସିଲିଣ୍ଡର ଭଳି ଅନେକ ଜିନିଷ ସମେତ ଅନେକ ମୃତଦେହ ଭାରତ ପାର୍ଶ୍ୱକୁ ବୋହିବୋହି ଆସୁଛି। ଏପର୍ଯ୍ୟନ୍ତ ଚାରିଟି ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି । ଉଦ୍ଧାର ମୃତଦେହ ମଧ୍ୟରେ ତିନି ଜଣ ମହିଳା ଏବଂ ଜଣେ ପୁରୁଷ ରହିଛନ୍ତି। ମହାରାଜଗଞ୍ଜ ପ୍ରଶାସନ ତୁରନ୍ତ ମୃତଦେହ ଉଦ୍ଧାର ବିଷୟରେ ନେପାଳକୁ ସୂଚନା ଦେଇଛି। ଚିହ୍ନଟରେ ସହାୟତା ପାଇଁ ଫଟୋଗ୍ରାଫ୍ ଏବଂ ଭିଡିଓ ମଧ୍ୟ ସେୟାର କରାଯାଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଏବେ ନେପାଳ ପ୍ରଶାସନର ନିଷ୍ପତ୍ତି ଅପେକ୍ଷାରେ।ନଦୀ କୂଳରେ ନିୟୋଜିତ ଉଦ୍ଧାରକାରୀ ଦଳଗୁଡ଼ିକ ନିରନ୍ତର ଏଭଳି ପରିସ୍ଥିତି ଉପରେ ନଜର ରଖିଛନ୍ତି। ନେପାଳ ବନ୍ୟାରେ ମୃତ୍ୟୁ ସଂଖ୍ୟା ୬୭୫ ରେ ପହଞ୍ଚି ଥିବାବେଳେ ନେପାଳ ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନା ପ୍ରାଧିକରଣ (ଏନଡିଆର୍‌ଆର୍‌ଏମ୍‌ଏ) ତଥ୍ୟ ଅନୁଯାୟୀ ଚିତୱାନରୁ ସର୍ବାଧିକ ୨୩୩ଟି ମୃତଦେହ ଉଦ୍ଧାର କରାଯାଇଛି। ନବଲପରାସି ପୂର୍ବରୁ ୧୫୮ଟି, ନୁୱାକୋଟରୁ ୫୧, ଗୋର୍ଖାରୁ ୪୮, ନବଲପରାସି ପଶ୍ଚିମରୁ ୪୭, ଧାଡିଂରୁ ୪୫, ତନାହୁରୁ ୩୧, ରସୁୱାରୁ ୧୩ ମୃତଦେହ ଉଦ୍ଧାର କରାଯାଇଛି।

## ନେପାଳରୁ ୧୦୦ ମହାରାଷ୍ଟ୍ର ତୀର୍ଥଯାତ୍ରୀ ଉଦ୍ଧାର

**ପାଟନା:** ହଠାତ୍ ବନ୍ୟା ଯୋଗୁଁ ନେପାଳରେ ଫସି ରହିଥିବା ପ୍ରାୟ ୧୦୦ ଜଣ ମହାରାଷ୍ଟ୍ର ତୀର୍ଥଯାତ୍ରୀଙ୍କୁ ନେପାଳ ସୀମାରୁ ବିହାରକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ପରେ ଖାଦ୍ୟ, ଆଶ୍ରୟ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ସହିତ ସେମାନଙ୍କୁ ଟ୍ରେନ ଯୋଗେ ଘରକୁ ପଠାଯାଇଥିଲା। ମହାରାଷ୍ଟ୍ର ସରକାରଙ୍କ ଅନୁରୋଧ ପରେ ବିହାର ସରକାରଙ୍କ ପକ୍ଷରୁ ଏହି ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ବିହାର ସରକାର କହିଛନ୍ତି ଯେ, ମାନବିକତା ଓ କରୁଣା ଭିତ୍ତିରେ ଏହି ପ୍ରୟାସ କରାଯାଇଥିଲା। ବିହାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ସଚିବ ଓ ପ୍ରମୁଖ ସଚିବଙ୍କ ନିରନ୍ତର ତତ୍ତ୍ୱାବଧାନରେ ସୀତାମାଢ଼ି ଜିଲ୍ଲା ପ୍ରଶାସନ ଅଗଷ୍ଟ ୨୮ ତାରିଖରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ବିପର୍ଯ୍ୟୟ ପରିଚାଳନା ବିଭାଗ ସହିତ ସମନ୍ୱୟ ରଖି ଅଧିକାରୀମାନେ ସମସ୍ତ ତୀର୍ଥଯାତ୍ରୀଙ୍କୁ ନେପାଳ ସୀମାରୁ ସୀତାମାଢ଼ି ପର୍ଯ୍ୟନ୍ତ ସୁରକ୍ଷିତ ଭାବରେ ପହଞ୍ଚାଇଥିଲେ। ପ୍ରଶାସନ ସୀତାମାଢ଼ିରେ ତୀର୍ଥଯାତ୍ରୀଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ବ୍ୟବସ୍ଥା କରିଥିଲା। ପରେ ତୀର୍ଥଯାତ୍ରୀମାନଙ୍କୁ ସୀତାମାଢ଼ିରୁ ପାଟନା ଅଣାଯାଇଥିଲା। ଶୁକ୍ରବାର-ଶନିବାର ରାତି ପ୍ରାୟ ୨ଟା ୩୦ ମିନିଟ ସମୟରେ ରାଜଧାନୀ ପାଟନାରେ ପହଞ୍ଚିଥିଲେ। ପାଟନା ଜିଲ୍ଲା ପ୍ରଶାସନ ସେମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରିଥିଲା, ଯେଉଁଠାରେ ଖାଦ୍ୟ ଓ ରହିବାର ବ୍ୟବସ୍ଥା କରାଯାଇଥିଲା। ସେହି ରାତିରେ ଡାକ୍ତରୀ ଯାଞ୍ଚ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ମଧ୍ୟ ଯୋଗାଇ ଦିଆଯାଇଥିଲା।

# ରସୁୱା ଜଳବିଦ୍ୟୁତ ପ୍ରକଳ୍ପରୁ ୪ ଭାରତୀୟ ଉଦ୍ଧାର

**କାଠମାଣ୍ଡୁ:** ପ୍ରଳୟଙ୍କାରୀ ବନ୍ୟା ନେପାଳରେ ବଜାର, ସ୍କୁଲ, ଘର ସବୁ କିଛି ଧୋଇ ନେଇଥିବାବେଳେ ମୃତ୍ୟୁ ସଂଖ୍ୟା ୬୭୫ରେ ପହଞ୍ଚିଛି। ଏବେବି ୨୪୭୮ ଜଣ ନିଖୋଜ ଅଛନ୍ତି। ତେବେ ଶନିବାର ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ରସୁୱା ଜଳବିଦ୍ୟୁତ ପ୍ରକଳ୍ପରୁ ଚାରି ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ୨୮୭ ଜଣ ଭାରତୀୟ ଏବେବି ନିଖୋଜ ଅଛନ୍ତି। ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ତିବ୍ବତରେ ଫସି ରହିଥିବା ୧୫୩ ଜଣ ଭାରତୀୟ ସୁରକ୍ଷିତ ଭାବରେ ନେପାଳରେ ପ୍ରବେଶ କରିଛନ୍ତି।

ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର ପରେ ଶୁକ୍ରବାର ୨୧ ଜଣ ଭାରତୀୟ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ବୁଧବାର ଠାରୁ ଭାରତ ତିନୋଟି



ସାମରିକ ବିମାନରେ ୫୭.୫ ଟନ୍ ଜରୁରୀକାଳୀନ ସାମଗ୍ରୀ ନେପାଳ ପଠାଇଛି। ସହାୟତାରେ ରିଲିଫ୍ ସାମଗ୍ରୀ ଅନ୍ତର୍ଭୁକ୍ତ, ଏହାସହିତ ଡାକ୍ତର ଓ ପାରାମେଡିକ୍ସଙ୍କ ଏକ ୧୧ ଜଣିଆ ଦଳ ଓ ଏକ ଯାଞ୍ଚ ଦଳ ମଧ୍ୟ ନିୟୋଜିତ କରାଯାଇଛି। ଭାରତ ନେପାଳକୁ ପୁନରୁଦ୍ଧାର ପାଇଁ ବେଲି ବ୍ରିଜ୍ ଓ ବୈଷୟିକ ଦଳ ସହିତ ଏନ୍‌ଡିଆର୍‌ଏଫ ଟିମ୍ ପଠାଇବାକୁ ପ୍ରସ୍ତାବ ଦେଇଛି।ଶୁକ୍ରବାର ରାଜ୍ୟ ଜରୁରୀକାଳୀନ କାର୍ଯ୍ୟ କେନ୍ଦ୍ର ଦ୍ୱାରା ପ୍ରକାଶିତ ଏକ ତାଲିକା ଅନୁଯାୟୀ, ନେପାଳ ବନ୍ୟାରେ ଗୁଜରାଟର ନିଖୋଜ ଲୋକଙ୍କ ସଂଖ୍ୟା ୨୬ ରେ ପହଞ୍ଚିଛି, ଯେଉଁଥିରେ ଅନେକ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ମଧ୍ୟ ସାମିଲ ଅଛନ୍ତି। ଅହମଦାବାଦ, ଆନନ୍ଦ, ରାଜକୋଟ, ଭାଲସାଡ, ସୁରଟ, ଖେଡା, ଅମରେଲି, ଗାନ୍ଧୀନଗର ଓ ବଡୋଦରାର ବାସିନ୍ଦାଙ୍କ ସହିତ ଆମେରିକା, କାନାଡା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡରେ ରହୁଥିବା କେତେକ ଗୁଜରାଟୀ ଲୋକ ନିଖୋଜ ଅଛନ୍ତି।

## ଭୀଷଣ ରୂପ ନେଇଛି ରୁଷ୍-ୟୁକ୍ରେନ୍ ଯୁଦ୍ଧ ; ୨୭ ମୃତ

**କିଭ:** ରୁଷ୍-ୟୁକ୍ରେନ୍ ଯୁଦ୍ଧ ପୁଣି ଭୀଷଣ ରୂପ ନେଇଛି। ରୁଷ୍ ଗତ ତିନି ଦିନ ହେଲା ୟୁକ୍ରେନ୍ ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛି। ଆକାଶ ମାର୍ଗରୁ ରୁଷ୍ର ଆକ୍ରମଣ ଜାରି ରହିଥିବାବେଳେ କିଭ ନିକଟସ୍ଥ ୟୁକ୍ରେନର ବୁଚା ଜିଲ୍ଲାରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି, ଡଜନ ଡଜନ ଘର କ୍ଷତିଗ୍ରସ୍ତ ହୋଇଛି ଓ ଏହି ଅଞ୍ଚଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି ବୋଲି ୟୁକ୍ରେନୀୟ ଅଧିକାରୀମାନେ ଶନିବାର କହିଛନ୍ତି। ରୁଷ୍ର ଘନ ଘନ ଆକ୍ରମଣ ଯୋଗୁ କିଭ୍ରେ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଆର୍ଥିକ କାର୍ଯ୍ୟକଳାପ ବନ୍ଦ ରହିଛି। ଆଞ୍ଚଳିକ ସାମରିକ ପ୍ରଶାସନର ମୁଖ୍ୟ ଟାଇମୁର ତକାଚେଙ୍କୋ କହିଛନ୍ତି ଯେ, ଆକ୍ରମଣରେ ଅତି କମରେ ୫୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି। ନିଆଁ ଅନେକ ଘର ଓ ଏକ ରେଷ୍ଟୁରାଣ୍ଟକୁ ବ୍ୟାପିଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ, ମାଇଲା ଗ୍ରାମର ଏକ ଗୋଦାମ ଉପରେ ଆକ୍ରମଣ ପରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଗୋଦାମ ଘରେ କ'ଣ ଗଚ୍ଛିତ ଥିଲା ତାହା ଜେଲେନସ୍କି ସ୍ପଷ୍ଟ କରିନଥିଲେ; କିନ୍ତୁ କହିଛନ୍ତି ଯେ ଅଧିକାରୀମାନେ ସରକାରୀ ଅବହେଳା ପାଇଁ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଘର କିମ୍ବା ଅନ୍ୟ ଆବାସିକ ଅଞ୍ଚଳ ନିକଟରେ ଗୁଳିଗୋଳା ସଂରକ୍ଷଣ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି ବୋଲି ଜେଲେନସ୍କି କହିଛନ୍ତି। କିଭ୍ରେ ଲଗାତାର ତୃତୀୟ ଦିନ ପାଇଁ ବିମାନ ଆକ୍ରମଣ ହୋଇଛି।

## ନେପାଳ ପ୍ରଳୟଙ୍କରୀ ବନ୍ୟା

# ଭାସି ଆସିଥିବା ବ୍ୟାଙ୍କ ଲକର ଲୁଟ୍ : ୨୯ ଗିରଫ



**କାଠମାଣ୍ଡୁ:** ନେପାଳରେ ବନ୍ୟା ବିପର୍ଯ୍ୟୟର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ସୁରକ୍ଷାକର୍ମୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତ୍ରିଶୂଳୀ ନଦୀର ପ୍ରବଳ ସ୍ରୋତରେ ରସୁୱା ଓ ଉପରମୁଖୀ ଅଞ୍ଚଳରୁ ଭାସି ଆସିଥିବା ବ୍ୟାଙ୍କ ଲକରକୁ ଭାଙ୍ଗି ଟଙ୍କା ଲୁଟି ନେଉଥିବା ବେଳେ ୨୯ ଜଣଙ୍କୁ ଗିରଫ କରାଯାଇଛି। ସଶସ୍ତ୍ର ପୁଲିସ ବଳ (ଏପିଏଫ୍) ଏବଂ ନେପାଳ ପୁଲିସର ଏକ ମିଳିତ ଟିମ୍ ତଲାସି ଓ ପାଟ୍ରୋଲିଂ ସମୟରେ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ୯୨ ଲକ୍ଷ ୬୮ ହଜାର ୫୦୫ ନେପାଳୀ ଟଙ୍କା ଜବତ କରିଛି ।ସେଣ୍ଟ୍ରାଲ ପୁଲିସ ମୁଖପାତ୍ର ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ୍ ପୁଲିସ (ଡିଆଇଜି) ଅଭିନାରାୟଣ କାଫଲେଙ୍କ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ସମସ୍ତ ୨୯ ଜଣଙ୍କୁ ଧାଡିଂ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ହେପାଜତରେ ରଖାଯାଇଛି। ସେମାନଙ୍କ ବିରୋଧରେ ଅଧିକ ତଦନ୍ତ ସହ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବନ୍ୟା ଓ ବିପର୍ଯ୍ୟୟର ସୁଯୋଗ ନେଇ କିଛି ବ୍ୟକ୍ତି ସରକାରୀ, ବ୍ୟବସାୟିକ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଭଙ୍ଗାରୁଜା, ଚୋରି ଓ ଲୁଟପାଟ କରୁଥିବାରୁ ଏହାକୁ ରୋକିବା ପାଇଁ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ କଡ଼ା ନଜର ରଖାଯିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

## ଏନସିଆର୍'ର ଆପ୍ରେଣ୍ଟିସ୍ ସ୍ଲଟ ଘୋଷଣା

**ପ୍ରୟାଗରାଜ:** ଦେଶ ଗଠନ ଓ ଯୁବ ସଶକ୍ତିକରଣ ଦିଗରେ ଦକ୍ଷତା ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି ଉତ୍ତର ମଧ୍ୟ ରେଳବାଇ (ଏନସିଆର)। ଆପ୍ରେଣ୍ଟିସ୍ ଆଇନ ଅନ୍ତର୍ଗତ ୨୦୨୬-୨୭ ପ୍ରଶିକ୍ଷଣ ବର୍ଷ ପାଇଁ ମୋଟ ୩,୨୦୫ଟି ଆକ୍ଟ ଆପ୍ରେଣ୍ଟିସ୍ ସ୍ଲଟ୍ ଘୋଷଣା କରାଯାଇଛି। ଗତ ବର୍ଷ ୨୦୨୫-୨୬ରେ ୧,୮୦୦ଟି ସ୍ଲଟ୍ ଘୋଷଣା ହୋଇଥିବାବେଳେ ଚଳିତ ବର୍ଷ ସୁଯୋଗ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ।ଘୋଷିତ ସ୍ଲଟ୍ ମଧ୍ୟରୁ ପ୍ରୟାଗରାଜ ଡିଭିଜନରେ ସର୍ବାଧିକ ୧,୪୬୨ଟି, ଝାନ୍ସୀ ଡିଭିଜନରେ ୮୫୬ଟି, ଆଗ୍ରା ଡିଭିଜନରେ ୫୪୭ଟି, ଝାନ୍ସୀ ୱର୍କସପ୍ରେ ୨୨୬ଟି, ଟ୍ରାକ୍ ମେସିନ୍ ଲାଇନ୍/ମୁଖ୍ୟାଳୟରେ ୮୨ଟି ଏବଂ ମୁଖ୍ୟାଳୟରେ ୩୨ଟି ସ୍ଲଟ୍ ରହିଛି ।ଆଧୁନିକ ଶିଳ୍ପ କ୍ଷେତ୍ରର ଆବଶ୍ୟକତା ସହ ଯୁବପିଢ଼ିଙ୍କୁ ସମନ୍ୱିତ କରିବା ପାଇଁ ଏଥର ଅନେକ ନୂଆ ବୈଷୟିକ ଓ କମ୍ପ୍ୟୁଟର ଭିତ୍ତିକ ଟ୍ରେଡ୍‌କୁ ସାମିଲ କରାଯାଇଛି। ସେଥିମଧ୍ୟରେ କମ୍ପ୍ୟୁଟର ଅପରେଟର ଆଣ୍ଡ ପ୍ରୋଗ୍ରାମିଂ ଆସିଷ୍ଟାଣ୍ଟ (ସିଓପିଏ), ମଲ୍ଟିମିଡିଆ ଆଣ୍ଡ ୱେବ୍ ପେଜ୍ ଡିଜାଇନର, କ୍ୟାଡ-କ୍ୟାମ ଅପରେଟର କମ୍ ପ୍ରୋଗ୍ରାମର, ସର୍ଭେୟର, ମେସନ୍ (ବିଲ୍ଡିଂ କନଷ୍ଟ୍ରକ୍ସନ୍), ସାନିଟାରୀ ହାର୍ଡୱେର ଫିଟର ଏବଂ ବିଲ୍ଡିଂ ମେଣ୍ଟେନାନ୍ସ ଟେକ୍ନିସିଆନ୍ ପ୍ରମୁଖ ରହିଛନ୍ତି।

# ଛୁଆକୁ ଛାଡ଼ି ନଦୀକୁ ଡେଇଁ ପଡ଼ିଲେ ବାପା-ମା'

**ନୂଆଦିଲ୍ଲୀ:** ସାଧାରଣତଃ ପିତାମାତାମାନେ ନିଜେ କଷ୍ଟ ସହି ଯାଇଥାଆନ୍ତି କିନ୍ତୁ ସନ୍ତାନ ଉପରେ କୌଣସି ପ୍ରକାର ଆଞ୍ଚ ଆସିବା ପାଇଁ ଦିଅନ୍ତି ନାହିଁ। କିନ୍ତୁ ଆନ୍ଧ୍ରପ୍ରଦେଶରେ ଏହାର ଓଲଟା ଘଟଣା ଦେଖିବାକୁ ମିଳିଛି। ଦମ୍ପତି ନିଜର ଶିଶୁକୁ ରାସ୍ତାରେ ଏକୁଟିଆ ଛାଡ଼ି ଦେଇ ଗୋଦାବରୀ ନଦୀକୁ ଡେଇଁ ଜୀବନ ହାରି ଦେଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ, ମୃତ ଦମ୍ପତି ୨୯ ବର୍ଷୀୟ ଡୋଡା ସାଇ ଏବଂ ୨୮ ବର୍ଷୀୟ ଶିରିଶା ଭାବରେ ଚିହ୍ନଟ କରାଯାଇଛି। ଦମ୍ପତି ଭେଲପୁରୁ ଗାଁର ବାସିନ୍ଦା ଥିଲେ। ଗୁରୁବାର ରାତି ପ୍ରାୟ ୧୦ଟାରେ ଦମ୍ପତି ତାଙ୍କ ଛୋଟ ପିଲା ସହିତ ସ୍କୁଟିରେ ଗୋଦାବରୀ ନଦୀର ପୋଲ ଉପରେ ଯାଇ ପହଞ୍ଚିଥିଲେ। ଶିଶୁକୁ ସ୍କୁଟି ନିକଟରେ ଛାଡ଼ି ଦେଇ ନିର୍ଦ୍ଦୟ ବାପାମା' ଦ୍ୱୟ ଗୋଦାବରୀ ନଦୀର ପ୍ରଖର ସ୍ରୋତକୁ ଡେଇଁ ପଡ଼ିଥିଲେ। ଅନ୍ଧକାର ରାତିରେ ବାପାମା'ଙ୍କୁ ନପାଇ ଶିଶୁ ଜଣକ ଅତି ବିକଳରେ କାନ୍ଦିବାକୁ ଲାଗିଥିଲା। ମା'...... ମା', ବାପା.... ବାପା ବୋଲି ବାରମ୍ବାର ଡାକ ପକାଉଥାଏ। ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକମାନେ କାନ୍ଦୁଥିବା ପିଲାଟିକୁ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପିଲା ଏବଂ ସ୍କୁଟି ଉଭୟକୁ ନିଜ ହେପାଜତକୁ ନେଇଥିଲା। ପରେ ପିଲାଟିକୁ ପୁଲିସ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲା। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ପିଲାଟିର ବାପା ଡ୍ରାଇଭର ଭାବରେ କାମ କରୁଥିଲେ। ରିପୋର୍ଟ ଅନୁଯାୟୀ ସେ ଋଣ ଏବଂ ଆର୍ଥିକ ବୋଝ ଯୋଗୁଁ ଚିନ୍ତିତ ଥିଲେ। ତେଣୁ ଦମ୍ପତି ଏଭଳି ପଦକ୍ଷେପ ନେଇଛନ୍ତି। ତଥାପି ପୁଲିସ ଆନୁଷ୍ଠାନିକ ଭାବରେ ଆର୍ଥିକ ଦୁର୍ଦ୍ଦଶାକୁ ଏକମାତ୍ର କାରଣ ବୋଲି ବିଚାର କରୁନାହିଁ। ତଦନ୍ତ ଚାଲିଛି।



ନେପାଳ-ତିବ୍ବତ ସୀମାରେ ଥିବା ଜିରୋଙ୍ଗ ଇମିଗ୍ରେସନ କେନ୍ଦ୍ର ଏବେ ଛାରଖାର। ଆକସ୍ମିକ ବନ୍ୟା ପୂର୍ବରୁ ଏହି କେନ୍ଦ୍ରକୁ ଆସିଥିବା ଅନେକ ବିଦେଶୀ ପର୍ଯ୍ୟଟକଙ୍କ ପତ୍ତା ମିଳୁନି

### ସଜ୍ଜନ କୁମାରଙ୍କ ଘରକୁ ଯିବା ଘଟଣା

## ୩ ସାଂସଦଙ୍କୁ ତାଗିଦ କଲେ ବିଜେପି ସଭାପତି

**ନୂଆଦିଲ୍ଲୀ:** ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିବା ବିଜେପିର ତିନି ସାଂସଦଙ୍କୁ ତାଗିଦ୍ କରିଛନ୍ତି ଦଳର ରାଷ୍ଟ୍ରୀୟ ସଭାପତି ନୀତୀନ ନବୀନ। ଦିଲ୍ଲୀର ଏହି ତିନି ଲୋକସଭା ସାଂସଦ ହେଉଛନ୍ତି- କମଲଜୀତ ସେହରାୱତ, ରାମବୀର ସିଂହ ବିଧୁରୀ ଏବଂ ଯୋଗେନ୍ଦ୍ର ଚାନ୍ଦୋଲିଆ ।ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଜେପି ସଭାପତି ନୀତୀନ ନବୀନ ଦଳୀୟ ସାଂସଦଙ୍କ ଏହି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହିତ ସେମାନଙ୍କୁ ତାଗିଦ୍ କରିଛନ୍ତି। ସେମାନେ ସେଠାକୁ ଯିବାର ନଥିଲା ବୋଲି ନବୀନ କହିବା ସହ ସେମାନଙ୍କୁ ସମନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସଜ୍ଜନ କୁମାର ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଦିଲ୍ଲୀର ତିହାର ଜେଲ୍ରେ ଆଜୀବନ ସଜା କାଟୁଥିବା ଅବସ୍ଥାରେ ଅଗଷ୍ଟ ୨୦ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# କଠିନ ପରିସ୍ଥିତିରେ ସ୍ମାର୍ଟଫୋନ୍ ଶିଳ୍ପ

## ଯନ୍ତ୍ରାଂଶ ଦର ବଢୁଛି, ଗ୍ରାହକଙ୍କ ଉପରେ ପ୍ରଭାବ

**ନୂଆଦିଲ୍ଲୀ:** ଏଆଇ+ ସ୍ମାର୍ଟଫୋନ୍ ପକ୍ଷରୁ ତାର କେତେକ ନିର୍ଦ୍ଦିଷ୍ଟ ସ୍ମାର୍ଟଫୋନ୍‌ଗୁଡ଼ିକର ମୂଲ୍ୟରେ ପ୍ରାୟ ୨,୦୦୦ ଟଙ୍କା ବୃଦ୍ଧି କରିବା ଘୋଷଣା କରିଛି । ସମଗ୍ର ସ୍ମାର୍ଟଫୋନ୍ ଉଦ୍ୟୋଗରେ ଯନ୍ତ୍ରାଂଶ ତଥା ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ବଢୁଥିବା କାରଣରୁ ଏହି ପଦକ୍ଷେପ ନିଆଯାଇଛି । ସ୍ମାର୍ଟଫୋନ୍ ଶିଳ୍ପ ଏବେ ଖର୍ଚ୍ଚ ବୃଦ୍ଧି ଜନିତ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି । ବିଶେଷ କରି ମେମୋରୀ ଭଳି ମୁଖ୍ୟ ଯନ୍ତ୍ରାଂଶ ସହିତ ନିର୍ମାଣ, ପରିବହନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ଦାମ୍ ବଢ଼ିବାରେ ଲାଗିଛି । ଏହି ବର୍ଦ୍ଧିତ ଖର୍ଚ୍ଚ ସବୁ ବର୍ଗର ଫୋନ୍ ନିର୍ମାଣ ଉପରେ ପ୍ରଭାବ ପକାଉଛି, ଯାହା ଫଳରେ ଗ୍ରାହକଙ୍କ ସୁବିଧା ଏବଂ ଉତମ ଅନୁଭୂତିକୁ ସନ୍ତୁଳିତ ରଖି ବ୍ରାଣ୍ଡଗୁଡ଼ିକୁ ମୂଲ୍ୟରେ ପରିବର୍ତ୍ତନ କରିବାକୁ ପଡୁଛି ।ଗ୍ରାହକଙ୍କ ପାଇଁ ଦାମ୍ ସୁଲଭ ରଖିବାକୁ ଏଆଇ+ ସ୍ମାର୍ଟଫୋନ୍ ଏହି ବର୍ଦ୍ଧିତ ଖର୍ଚ୍ଚର ଏକ ବଡ଼ ଭାଗ ନିଜେ ବହନ କରିଛି । ତଥାପି, ଖର୍ଚ୍ଚର ଚାପ ଲାଗି ରହିଥିବାରୁ, କମ୍ପାନୀ ଆଜିଠାରୁ କିଛି ନିର୍ଦ୍ଦିଷ୍ଟ ଫୋନ ଦାମରେ ସାମାନ୍ୟ ପରିବର୍ତ୍ତନ କରିବାକୁ ବାଧ ହୋଇଛି । ପରବର୍ତ୍ତୀ ମୂଲ୍ୟ ଯେପରିକି ଏଆଇ ପ୍ଲସ ପଲସ . ୪+୬୪ ଭାରିଆଣ୍ଟ ପୂର୍ବରୁ ୯୯୯୯ ଟଙ୍କା ରହିଥିବାବେଳେ ଏବେ ୧୦୯୯୯ ଟଙ୍କା ହୋଇଛି ଏବଂ ଏଆଇ ପ୍ଲସ ପଲସ ୨, ୪+୧୨୮ ଭାରିଆଣ୍ଟ ପୂର୍ବରୁ ୧୦୯୯୯ ଟଙ୍କା ରହିଥିବାବେଳେ ଏବେ ୧୧୪୯୯ ଟଙ୍କା ହୋଇଛି । ସେହିପରି ଏଆଇ ପ୍ଲସ ପଲସ ୨,୬+୧୨୮ ଭାରିଆଣ୍ଟ ପୂର୍ବରୁ ୧୧୯୯୯ ଟଙ୍କା ରହିଥିବାବେଳେ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି । ଏବଂ ଏଆଇ ପ୍ଲସ ନୋଭା ୨ ୫ଜି, ୪+୬୪ ପୂର୍ବରୁ ୧୨୯୯୯ ଟଙ୍କା ରହିଥିବାବେଳେ ଏବେ ୧୩୯୯୯ ଟଙ୍କ ହୋଇଛି ।ଏହି ବିଷୟରେ ସୂଚନା ଦେଇ ଏଆଇ+ ସ୍ମାର୍ଟଫୋନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ତଥା ନେକ୍ସଟକ୍ୱାଂଟମ୍ ଶିଫ୍ଟ ଟେକ୍ନୋଲୋଜିଜର ପ୍ରତିଷ୍ଠାତା, ମାଧବ ଶେଠ୍ କହିଛନ୍ତି, \"ଏକ ଦୃଢ଼ ତଥା ଦୀର୍ଘସ୍ଥାୟୀ ବ୍ୟବସାୟ ଗଢ଼ିବା ସହିତ ଭାରତୀୟ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ଜ୍ଞାନକୌଶଳ ଏବଂ ଉଚିତ୍ ମୂଲ୍ୟ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ । ଯନ୍ତ୍ରାଂଶର ବଢୁଥିବା ଦାମ୍ ଯୋଗୁଁ ସମଗ୍ର ଶିଳ୍ପ ଚାପରେ ରହିଛି ଏବଂ ଆମେ ଏହାର ବଡ ଭାଗ ନିଜେ ସମ୍ଭାଳି ଥିଲେ ମଧ୍ୟ ଏକ ଯୋଜନାବଦ୍ଧ ମୂଲ୍ୟ ସଂଶୋଧନ ଆବଶ୍ୟକ ଥିଲା ।

# ଚୀନର ସତର୍କ ସୂଚନା: ଯେକୌଣସି ମୁହୂର୍ତ୍ତରେ ଫାଟିପାରେ କୃତ୍ରିମ ହ୍ରଦ

**କାଠମାଣ୍ଡୁ:** ନେପାଳ ଏବଂ ତିବ୍ବତ ସୀମାରେ ଚଳିତ ସପ୍ତାହରେ ଆସିଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ପରେ ଲହେନ୍ଦ ନଦୀର ଉପର ଭାଗରେ ସୃଷ୍ଟି ହୋଇଥିବା ଏକ କୃତ୍ରିମ ହ୍ରଦ ଯେକୌଣସି ମୁହୂର୍ତ୍ତରେ ଫାଟିପାରେ ବୋଲି ଚୀନ୍ ପକ୍ଷରୁ ନେପାଳକୁ ପୁଣି ଥରେ ସ୍ପଷ୍ଟ ସତର୍କସୂଚନା ଦିଆଯାଇଛି। ଚୀନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ନେପାଳକୁ ପଠାଯାଇଥିବା ବାର୍ତ୍ତାରେ ଦର୍ଶାଯାଇଛି ଯେ, ହିମଶୈଳ ସ୍ଖଳନଜନିତ ପଥର ଓ କାଦୁଅର ପ୍ରାକୃତିକ ବନ୍ଧ ଯୋଗୁଁ ଏହି ହ୍ରଦ ସୃଷ୍ଟି ହୋଇଛି ଏବଂ ଏହାର ଜଳର ରଙ୍ଗ କ୍ରମାଗତ ଭାବେ ଗାଢ଼ କଳା ପଡ଼ିବାରେ ଲାଗିଛି, ଯାହା ବନ୍ଧ ଭାଙ୍ଗିବାର ଏକ ସ୍ପଷ୍ଟ ସଂକେତ ଅଟେ। ଚୀନ ପକ୍ଷରୁ କରାଯାଇଥିବା ଡ୍ରୋନ୍, ସାଟେଲାଇଟ୍ ଏବଂ ଫ୍ଲଡ୍ ମଡେଲିଂ ଆକଳନ ଅନୁଯାୟୀ, ହ୍ରଦରେ ଲଗାତାର ଜଳ ବୃଦ୍ଧି ଜାରି ରହିଛି। ଶନିବାର ସକାଳର ସାଟେଲାଇଟ୍ ଚିତ୍ର ଅନୁଯାୟୀ,ହ୍ରଦର



ଜଳରାଶି ଧୀରେ ଧୀରେ ପ୍ରବାହିତ ହେଉଥିବାରୁ ଏହାର ଆକାର ୯୯,୦୦୦ ବର୍ଗ ମିଟରକୁ ସଂକୁଚିତ ହୋଇଛି, ଯାହା ଗୁରୁବାର ତୁଳନାରେ ପ୍ରାୟ ୨୧,୦୦୦ ବର୍ଗ ମିଟର କମ୍ ଅଟେ। ଏହି ହ୍ରଦଟି ଚୀନ୍ ପାର୍ଶ୍ୱର ଚୋଚେନ୍ ନଦୀ ଏବଂ ନେପାଳ ପାର୍ଶ୍ୱର ପୁରେପୁ ନଦୀର ସଂଗମ ସ୍ଥଳ ନିକଟରେ ସୃଷ୍ଟି ହୋଇଛି। ବର୍ତ୍ତମାନ ଏହି କୃତ୍ରିମ ହ୍ରଦରୁ ଜଳ ଧୀରେ ଧୀରେ ଲହେନ୍ଦେ ଖୋଲା ଏବଂ ତ୍ରିଶୂଳୀ ନଦୀ ମଧ୍ୟକୁ ପ୍ରବାହିତ ହେଉଥିବାରୁ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି ବୋଲି ଚୀନ୍ର ଜଳସମ୍ପଦ ମନ୍ତ୍ରାଳୟ ପ୍ରକାଶ କରିଛି।

# ବିଶ୍ୱ ମଞ୍ଚରେ ଚମକୁଛନ୍ତି ଓଡ଼ିଆ ପ୍ରତିଭା

- ହକି କ୍ଷେତ୍ରରେ ଓଡ଼ିଶା ନାଭାଲ ଟାଟା ହକିର ଉଲ୍ଲେଖନୀୟ ପଦକ୍ଷେପ
- ପୁରୁଷ ଜୁନିୟର ଏସିଆ କପରେ ସାମିଲ ହେବେ ଓଏନଟିଏଚଏଚପିସିର ୬ କ୍ୟାଡେଟ୍
- ଓଏନଟିଏଚଏଚପିସି କ୍ୟାଡେଟ୍ ଅନମୋଲ ଏକ୍କାଙ୍କୁ ଦଳର ଅଧିନାୟକ ଦାୟିତ୍ୱ



ଭୁବନେଶ୍ୱର,୨୯।୮ (ସବ୍ୟୁ): ହକି କ୍ଷେତ୍ରରେ ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫରମାନ୍ସ ସେଣ୍ଟର (ଓଏନଟିଏଚଏଚପିସି)ର ନିରନ୍ତର ନିବେଶ ଓ ପ୍ରୋତ୍ସାହନ ଗାଁ ଗହଳିର ଅନେକ ପ୍ରତିଭାଙ୍କୁ ବିଶ୍ୱ ମଞ୍ଚରେ ସାମିଲ କରିପାରିଛି। ଖେଳ ପଡିଆ ବାହାରେ ବି ସେମାନଙ୍କ ପାଇଁ ସୃଷ୍ଟି ହୋଇଛି ନୂଆ ସୁଯୋଗ। ଏହି ଯାତ୍ରା ଏବେ ଆନ୍ତର୍ଜାତୀୟ ମଞ୍ଚ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଆସନ୍ତା ଅଗଷ୍ଟ ୩୦ ରୁ ସେପ୍ଟେମ୍ବର ୧୩, ୨୦୨୬ ପର୍ଯ୍ୟନ୍ତ ଚୀନ୍ର ମୋକି ଠାରେ ହେବାକୁ ଥିବା ପୁରୁଷ ଜୁନିୟର ଏସିଆ କପ୍ ୨୦୨୬ ପାଇଁ ଭାରତୀୟ ଦଳରେ ସାମିଲ ହେବା ପାଇଁ ଓଏନଟିଏଚଏଚପିସିର ୬ ଜଣ ପ୍ରତିଭାବାନ୍ କ୍ୟାଡେଟ୍ ମନୋନୀତ ହୋଇଛନ୍ତି। ଏହି କ୍ରମରେ ଓଏନଟିଏଚଏଚପିସି କ୍ୟାଡେଟ୍ ଅନମୋଲ ଏକ୍କାଙ୍କୁ ଭାରତୀୟ ଜୁନିୟର ଦଳର ଅଧିନାୟକତ୍ୱ ଭାର ଦିଆଯାଇଛି। ଓଡ଼ିଶାରେ ଏହି ଦୂରଦୃଷ୍ଟି ହକି ମାଧ୍ୟମରେ ଏକ ଶକ୍ତିଶାଳୀ ରୂପ ନେଇଛି। ନୂତନ ପିଢ଼ିର ଖେଳାଳିମାନେ ରାଜ୍ୟର କ୍ରୀଡ଼ା ଇତିହାସରେ ନୂତନ ଅଧ୍ୟାୟ ଯୋଡ଼ିଛନ୍ତି। ଜାତୀୟ ଚାମ୍ପିଅନସିପ ହେଉ କି ଆନ୍ତର୍ଜାତୀୟ ମଞ୍ଚ, ସବୁଠି ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି। ୨୦୧୯ ମସିହାରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରତିଷ୍ଠିତ ଓଏନଟିଏଚଏଚପିସି, ହକି ଏସ୍ ଫାଉଣ୍ଡେସନ୍ (ଏଚଏଏଫ୍) ଇକୋସିଷ୍ଟମର ଏକ ପ୍ରମୁଖ ଅଂଶ। ଏହା ଓଡ଼ିଶା ସରକାର, ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଯୋଗିତାରେ ପରିଚାଳିତ। ଏହି ହାଇ-ପରଫରମାନ୍ସ ପ୍ରୋଗ୍ରାମରେ ବିଶେଷଜ୍ଞ କୋଚିଂ, ଶାରୀରିକ ଦକ୍ଷତା ବୃଦ୍ଧି, ସ୍ପୋର୍ଟ୍ସ ସାଇନ୍ସ, ରଣନୈତିକ ବିକାଶ ଏବଂ ଖେଳାଳିଙ୍କ ସମଗ୍ର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ନିରନ୍ତର ପ୍ରଚେଷ୍ଟାର ସବୁଠାରୁ ବଡ଼ ପ୍ରମାଣ ନିକଟରେ କୋଏମ୍ବାଟୋରଠାରେ ଅନୁଷ୍ଠିତ ୧୬ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିଅନସିପ ୨୦୨୬ରେ ଦେଖିବାକୁ ମିଳିଥିଲା। ଏଥିରେ ଓଡ଼ିଶା ୨–୧ ଗୋଲ୍ରେ ମଧ୍ୟପ୍ରଦେଶକୁ ହରାଇ ଟାଇଟଲ୍ ଜିତିଥିଲା। ବିଜୟୀ ଦଳରେ ଓଏନଟିଏଚଏଚପିସିର ୯ ଜଣ କ୍ୟାଡେଟ୍ ସାମିଲ ଥିଲେ। ଓଡ଼ିଶା ଦଳର ଅଧିନାୟକ ତଥା ଓଏନଟିଏଚଏଚପିସି ଷ୍ଟ୍ରାଇକର ଦୀପକ ପ୍ରଧାନ ଆଗଧାଡ଼ିରୁ ନେତୃତ୍ୱ ନେଇ ଫାଇନାଲରେ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ଟିମରେ ସାମିଲ ଥିବା ଖେଳାଳିମାନେ ଗୋଲକିପିଂ, ଡିଫେନ୍ସ, ମିଡଫିଲ୍ଡ ଏବଂ ଆଟାକ୍ ଭଳି ଦଳର ପ୍ରତ୍ୟେକ ବିଭାଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଓଏନଟିଏଚଏଚପିସି ପାଇଁ ଏହି ସଫଳତା କେବଳ ଏକ ଜାତୀୟ ଟାଇଟଲ୍ ନୁହେଁ, ବରଂ ଓଡ଼ିଶାର ହକି ସଫଳତାରେ କେନ୍ଦ୍ରର ପ୍ରତିଭା ବିକାଶ ପ୍ରଣାଳୀର ଏକ ଜ୍ୱଳନ୍ତ ପ୍ରମାଣ। ସେହିପରି ଓଏନଟିଏଚଏଚପିସି ଗୋଲକିପର ଏଞ୍ଜିଲ ହର୍ଷରାଣୀ ମିଞ୍ଜ, ଚୀନରେ ହେବାକୁ ଥିବା ଏଏଚଏଫ୍ ମହିଳା ଜୁନିୟର ଏସିଆ କପ୍-୨୦୨୬ ପାଇଁ ଭାରତୀୟ ଜୁନିୟର ମହିଳା ହକି ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟଜଣେ କ୍ୟାଡେଟ ସୁପ୍ରିୟା କୁଜୁର ଭାରତୀୟ ଜୁନିୟର ଦଳର ୟୁନାଇଟେଡ୍ କିଙ୍ଗଡମ୍ ଏକ୍ସପୋଜର ଟୁରରେ କେନ୍ଦ୍ରର ପ୍ରତିନିଧିତ୍ୱ କରିସାରିଛନ୍ତି। ଏହି କେନ୍ଦ୍ରର ମହିଳା ପ୍ରୋଗ୍ରାମ୍ ମଧ୍ୟ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୩ୟ ହକି ଇଣ୍ଡିଆ ଜୁନିୟର ମହିଳା ଏକାଡେମୀ ଚାମ୍ପିଅନସିପ ୨୦୨୫ରେ ଓଏନଟିଏଚଏଚପିସି ଚାମ୍ପିଅନ୍ ହୋଇଥିଲା, ବିଜେତା ଟିମରେ ଓଏନଟିଏଚଏଚପିସିର ୧୮ ଜଣ ଖେଳାଳି ସାମିଲ ଥିଲେ। ଏହାସହିତ ଜୁନିୟର ଜାତୀୟ, ରାଜ୍ୟ ଏବଂ ଆମନ୍ତ୍ରିତ ପ୍ରତିଯୋଗିତାଗୁଡ଼ିକରେ କେନ୍ଦ୍ରର ଖେଳାଳିମାନେ ଲଗାତାର ଭାବେ ପୋଡିୟମ୍ ଫିନିଶ୍ ଏବଂ ସେମିଫାଇନାଲରେ ସ୍ଥାନ ପାଇ ନିରନ୍ତର ଭାବେ ପ୍ରଦର୍ଶନ ବଜାୟ ରଖିଛନ୍ତି। ତେବେ ଓଏନଟିଏଚଏଚପିସିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ କେବଳ ପଦକ ତାଲିକା ମଧ୍ୟରେ ସୀମିତ ନୁହେଁ। ଏହି କେନ୍ଦ୍ରର ବହୁ ପୂର୍ବତନ ଖେଳାଳି ଭାରତୀୟ ସେନା, ବର୍ଡର ସିକ୍ୟୁରିଟି ଫୋର୍ସ, ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ, ଭାରତୀୟ ରେଲୱେ, ରେଲ୍ ହ୍ୱିଲ୍ ଫ୍ୟାକ୍ଟ୍ରି, ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ଏବଂ ଇଷ୍ଟର୍ଣ୍ଣ ରେଲୱେ ଭଳି ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ପାଇଛନ୍ତି। ବିଶେଷ କରି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଦୁର୍ବଳ ଥିବା ପରିବାରରୁ ଆସୁଥିବା ଯୁବ ଆଥଲେଟ୍ମାନଙ୍କ ପାଇଁ ହକି କେବଳ ଏକ କ୍ରୀଡ଼ା ହୋଇ ରହିନାହିଁ; ଏହା ସେମାନଙ୍କ ପାଇଁ କ୍ୟାରିୟର, ଆର୍ଥିକ ସ୍ୱାଧୀନତା ଏବଂ ଏକ ସୁରକ୍ଷିତ ଭବିଷ୍ୟତର ନୂଆ ଦ୍ୱାର ଖୋଲିଦେଇଛି। ଦୀର୍ଘ ଏକ ଶତାବ୍ଦୀ ଧରି କ୍ରୀଡ଼ା କ୍ଷେତ୍ରକୁ ଟାଟା ଷ୍ଟିଲର ସହଯୋଗ ଭାରତୀୟ କ୍ରୀଡ଼ାକୁ ଅନେକ ନୂଆ ସଫଳତାର ସ୍ୱାଦ ଚଖାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବା ଟାଟା ଷ୍ଟିଲ ପରମ୍ପରାର ଏକ ଅବିଚ୍ଛେଦ୍ୟ ପ୍ରକ୍ରିୟା। ଫୁଟବଲ, ଧନୁର୍ବିଦ୍ୟା, ଆଥଲେଟିକ୍ସ, ହକି ଏବଂ ସ୍ପୋର୍ଟସ କ୍ଲାଇମ୍ବିଂ ଭଳି ଖେଳର ବିକାଶ ପାଇଁ ଏକାଡେମୀ ପ୍ରତିଷ୍ଠା କରି ଉଦାହରଣ ସୃଷ୍ଟି କରିଛି ଟାଟା ଷ୍ଟିଲ। କେବଳ କ୍ରୀଡ଼ାକ୍ଷେତ୍ରରେ ଶ୍ରେଷ୍ଠତା ନୁହେଁ, ବରଂ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସମାଜକୁ କ୍ରୀଡ଼ା ମାଧ୍ୟମରେ ସାମିଲ କରି ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ।




## ଭାରତୀୟ ମହିଳା ହକି ଦଳକୁ ୫୦ ଲକ୍ଷ ପୁରସ୍କାର

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି): ବିଶ୍ୱକପର ଐତିହାସିକ ପ୍ରଦର୍ଶନ ପାଇଁ ଭାରତୀୟ ମହିଳା ହକି ଦଳକୁ ପୁରସ୍କୃତ କରିଛି ହକି ଇଣ୍ଡିଆ। ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପର ପଞ୍ଚମ ସ୍ଥାନ ହାସଲ କରିଥିବା ସଲିମା ଟେଟେଙ୍କ ନେତୃତ୍ୱାଧୀନ ଦଳ ପାଇଁ ହକି ଇଣ୍ଡିଆ ୫୦ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି। ଆମଷ୍ଟେଲଭିନରେ ଗୁରୁବାର ଅନୁଷ୍ଠିତ ପଞ୍ଚମ-ଷଷ୍ଠ ସ୍ଥାନ ନିର୍ଣ୍ଣୟ ମ୍ୟାଚରେ ଭାରତ ବିଶ୍ୱର ୫ ନମ୍ବର ଦଳ ଜର୍ମାନୀକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଏହି ବିଜୟ ସହ ଭାରତ ବିଶ୍ୱକପରେ ପଞ୍ଚମ ସ୍ଥାନ ହାସଲ କରିଛି। ୧୯୭୪ରେ ଆୟୋଜିତ ପ୍ରଥମ ମହିଳା ବିଶ୍ୱକପରେ ଚତୁର୍ଥ ସ୍ଥାନ ହାସଲ କରିବା ପରେ ଏହା ହେଉଛି ଭାରତର ଶ୍ରେଷ୍ଠ ବିଶ୍ୱକପ୍ ପ୍ରଦର୍ଶନ। ଭାରତୀୟ ଦଳର ଏହି ଅଭିଯାନ ବେଶ୍ ଚମତ୍କାର ରହିଥିଲା। ଦଳ ସମଗ୍ର ପ୍ରତିଯୋଗିତାରେ କେବଳ ଗୋଟିଏ ମ୍ୟାଚରେ ପରାଜିତ ହୋଇଥିଲା। ନିଜଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ମ୍ୟାଚ୍ ଡ୍ର ରଖିଥିଲା। ଏହାସହ ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲରେ ହରାଇଥିଲା। ଶେଷରେ ଜର୍ମାନୀକୁ ହରାଇ ଦଳ ଐତିହାସିକ ପଞ୍ଚମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଏହି ସଫଳତା ଭାରତୀୟ ମହିଳା ହକିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ୫୨ ବର୍ଷ ପରେ ବିଶ୍ୱକପରେ ପଞ୍ଚମ ସ୍ଥାନ ହାସଲ କରିବା ଦଳର କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ଲଢ଼େଇ କରିବାର ଦୃଢ଼ ମାନସିକତାର ପ୍ରମାଣ।

## କଳିଙ୍ଗ ଷ୍ଟାଡିୟମରେ ରୋଲବଲ କୋର୍ଟ

ଭୁବନେଶ୍ୱର,୨୯।୮ (ସବ୍ୟୁ): ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ଆଉ ଏକ ଭଲ ଭିତ୍ତିଭୂମି ଯୋଡ଼ି ହେବାକୁ ଯାଉଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖୁବ୍ ଶୀଘ୍ର ରୋଲ୍ ବଲର ଏକ ନୂଆ କୋର୍ଟ କାମ ଆଗେଇ ଚାଲିଛି। ଯାହାକି ରାଜ୍ୟ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ତାଲିକାରେ ଆଉ ଏକ 'ପ୍ରଥମ' ଯୋଡ଼ିବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମର ଗେଟ୍ ନମ୍ବର ୮ ପ୍ରବେଶ ଦ୍ୱାରରେ ଏହାର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବର୍ଷା ପ୍ରତିବନ୍ଧକ ସାଜିଥିବାବେଳେ ମାତ୍ର ୫ ପ୍ରତିଶତ କାମ ବାକି ରହିଛି। ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ଏହି ଖେଳ ଉପଯୋଗୀ ହୋଇଯିବ' ବୋଲି ପ୍ରକାଶ କରିଛନ୍ତି ଓଡ଼ିଶା ରୋଲ୍ ବଲ୍ ସଂଘର ପ୍ରତିଷ୍ଠାତା ପାର୍ଥ ସାରଥି ଜେନା। ୪୦ ଗୁଣା ୨୦ ମିଟର୍ ବିଶିଷ୍ଟ ଏହି କ୍ଷେତ୍ର ଲୋକାର୍ପିତ ହେଲେ ରାଜ୍ୟରେ ପ୍ରଥମ ଅନ୍ତର୍ଜାତୀୟ ସ୍ତରର ରୋଲ୍ ବଲ୍ କୋର୍ଟ ରାଜ୍ୟର ଖେଳାଳିଙ୍କୁ ଅଭ୍ୟାସ ସହିତ ଜାତୀୟ ପ୍ରତିଯୋଗିତା ଆୟୋଜନ ପାଇଁ ସୁଯୋଗ ବି ଆଣିଦେବ ବୋଲି ବିଶ୍ୱାସ କରାଯାଉଛି। ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ବହନ କରୁଛି। ଏଥିପାଇଁ ଶ୍ରୀ ଜେନା ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସଚିବ ଭୂପିନ୍ଦର ସିଂହ ପୁନିଆଙ୍କ ସହ ଅନ୍ୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂଆ ରୋଲ୍ ବଲ୍ କୋର୍ଟ ଏହି ଖେଳ ପାଇଁ ଭୁବନେଶ୍ୱରକୁ ଭାରତର ଅନ୍ୟତମ ହବ୍ ଭାବେ ଉଭା କରାଇବ ବୋଲି ମଧ୍ୟ ଶ୍ରୀ ଜେନା ଆଶା ପ୍ରକଟ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍ ପ୍ରଶାସନ ଓ ପିଡବ୍ଲ୍ୟୁଡି ଇଂଜିନିୟରମାନଙ୍କ ଉତ୍ତମ ଯୋଜନା ଓ ଉଚ୍ଚମାନର ନିର୍ମାଣ କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରାଯାଇଛି।

## ୨୦୨୬ ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଲେ ନୀରଜ ଚୋପ୍ରା

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି): ଭାରତର ତାରକା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କୁ ଏକ ବଡ଼ ଝଟକା ଲାଗିଛି। ଗୋଡ଼ରେ ଆଘାତ କାରଣରୁ ସେ ୨୦୨୬ ଏସୀୟ କ୍ରୀଡ଼ା ସମେତ ଚଳିତ ସିଜନ୍ର ବାକି ସମସ୍ତ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତିନେଇଛନ୍ତି। ନୀରଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ଏହି ଆଘାତ ସମ୍ପର୍କରେ ସୂଚନା ଦେବା ସହ ସେ ବର୍ତ୍ତମାନ ଖେଳରୁ ଦୂରେଇ ରହିବେ ବୋଲି ଜଣାଇଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ତାଙ୍କୁ ବିଶ୍ରାମ ଓ ଚିକିତ୍ସାର ଆବଶ୍ୟକତା ରହିଥିବାରୁ ସେ ଏହି କଠିନ ନିଷ୍ପତ୍ତି ନେଇଥିବା କହିଛନ୍ତି। ଉଲ୍ଲେଖ ଥାଉ କି, ସିଜନର ତାଙ୍କର ସର୍ବୋତ୍ତମ ଥ୍ରୋ ଦେବା ପରେ ନୀରଜଙ୍କୁ ଏହି ନିଷ୍ପତ୍ତି ନେବାକୁ ପଡିଥିଲା। ଅଗଷ୍ଟ ୨୧ ତାରିଖରେ ନୀରଜ ଲୌସେନ ଡାଇମଣ୍ଡ ଲିଗରେ ୮୮.୦୫ ମିଟର ଫିଙ୍ଗିଥିଲେ। ଆଉ ଆଜି ନୀରଜ ଏହି ସୂଚନା ଦେଇଛନ୍ତି। ଯଦିଓ ତାଙ୍କ ପୋଷ୍ଟରେ ଏସୀୟ କ୍ରୀଡ଼ାର ଉଲ୍ଲେଖ ନଥିଲା, କିନ୍ତୁ ସମଗ୍ର ସିଜନରୁ ତାଙ୍କର ବାଦ ପଡ଼ିବା ଅର୍ଥ ହେଉଛି ସେ ସେଥିରୁ ମଧ୍ୟ ବାହାରେ ଅଛନ୍ତି। ନୀରଜ ତାଙ୍କ ପୋଷ୍ଟରେ ଲେଖିଛନ୍ତି, "ବହୁତ ପରିଶ୍ରମ ପରେ, ମୁଁ ଅନୁଭବ କଲି ଯେ ମୁଁ ଲୌସେନରେ ମୋର 'ସିଜନର ସର୍ବୋତ୍ତମ ଥ୍ରୋ' ସହିତ ଯେଉଁ ଲକ୍ଷ୍ୟ ଖୋଜୁଥିଲି ତାହା ପାଇଛି। କିନ୍ତୁ ଦୁର୍ଭାଗ୍ୟବଶତଃ, ଏହାର କିଛି ସମୟ ପରେ, ପ୍ରଶିକ୍ଷଣ ସମୟରେ ମୋର ଗୋଡ଼ରେ ଆଘାତ ଲାଗିଥିଲା।




## କୃତୀ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି



ଭୁବନେଶ୍ୱର,୨୯।୮ (ସବ୍ୟୁ): କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରିଡା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସ ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ପୋଲିସର ଏହି କ୍ରୀଡ଼ାବିତମାନେ ଜାତୀୟ ସ୍ତରର କାୟାକିଂ ଓ କାନୋଇଂ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟ ତଥା ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି। ଡିଜିପି ଶ୍ରୀ ମିଶ୍ର କ୍ରୀଡ଼ାବିତମାନଙ୍କ ନିଷ୍ଠା, ପରିଶ୍ରମ ଓ ଉତ୍କର୍ଷର ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପୋଲିସର ସୁନାମ ବଢ଼ାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୮ରୁ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ହୋଇଥିବା ଅଗଷ୍ଟ ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନସିପ୍ ୨୦୨୬ ରେ ଓଡ଼ିଶା ପୋଲିସ କ୍ରୀଡ଼ାବିତମାନେ ବିଭିନ୍ନ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧ଟି ବ୍ରୋଞ୍ଜ ସହ ମୋଟ ୮ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ରଶ୍ମିତା ସାହୁ ୩ଟି ପଦକ ହାସଲ କରିଛନ୍ତି। ସେ କାନୋଇଂ ସିଙ୍ଗଲ୍ ୧୦୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ସଚିମା କେରକେଟା ମଧ୍ୟ ୩ଟି ପଦକ ହାସଲ କରିଛନ୍ତି। ସେ କାନୋଇଂ-୪ର ୨୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୫୦୦ ମିଟର ଓ ୧୦୦୦ ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ଫୁଲମଣି ଖାଖା କାୟାକିଂ-୨ ୨୦୦ ମିଟରରେ ରୌପ୍ୟ ଏବଂ ସିଙ୍ଗଲ୍ ୧୦୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି। ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ପୋଲିସର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ




କଟକ,୨୯।୮ (ସବ୍ୟୁ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଫୁଲ୍ଲ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କିମ୍ବଦନ୍ତୀ ଭାରତୀୟ ହକ ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ମୁଖ୍ୟଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଭାରତୀୟ ହକି ପ୍ରତି ଧ୍ୟାନଚାନ୍ଦଙ୍କ ଅତୁଳନୀୟ ଅବଦାନ ସଂପର୍କରେ ଉଲ୍ଲେଖକରି ତାଙ୍କ ଜନ୍ମ ଦିନକୁ ଜାତୀୟ କ୍ରୀଡା ଦିବସ ଭାବରେ ପାଳନ କରାଯିବା ଦ୍ୱାରା ଯୁବ ପ୍ରତିଭାବାନ୍ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ମିଳିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୋପାଳକୃଷ୍ଣ ନାୟକ, ବିଦାୟୀ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ନିର୍ଦ୍ଦେଶକ (ଆଇକ୍ୟୁଏସି) ଡ. ଆଲୋକ ରଂଜନ ବିଶ୍ୱାଳ, ଡିନ୍ ଡ. ବିଶ୍ୱରଂଜନ ମହାନ୍ତି, ଡ. ରଘୁନାଥ ସାହୁ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର ପ୍ରମୁଖ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ନିର୍ମାଣରେ କ୍ରୀଡାର ଭୂମିକା ଉପରେ ଆଲୋକପାତ କରିଥିଲେ । କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ରଙ୍କ ପୌରହିତ୍ୟରେ ୩ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ଅନୁଷ୍ଠିତ ହୋଇଥିଲା ।






## ୟୋନେକ୍ସ-ସନରାଇଜ ଲେଭେଲ-୩ ଜିଲ୍ଲା ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ ଉଦ୍‌ଘାଟିତ




ବଲାଙ୍ଗିର ,(ସବ୍ୟୁ): ସ୍ଥାନୀୟ ପୃଥୀରାଜ ହାଇସ୍କୁଲ ଇଣ୍ଡୋର ବେଡ଼ମିଣ୍ଟନ ଷ୍ଟେଡିୟମରେ ୟୋନେକ୍ସ-ସନରାଇଜ ଲେଭେଲ- ୩ ଜିଲ୍ଲା ବେଡ଼ମିଣ୍ଟନ ଚାମ୍ପିୟନସିପ ଉଦଘାଟିତ ହୋଇଯାଇଛି । ଦୁଇ ଦିନ ବ୍ୟାପି ୧୩ ବର୍ଷ, ୧୫ ବର୍ଷ ଓ ୧୭ବର୍ଷ ରୁ କମ ବାଳକ ବାଳିକାଙ୍କୁ ନେଇ ଆୟୋଜିତ ହେଉଥିବା ଏହି ପ୍ରତିଯୋଗୀତାକୁ ବରିଷ୍ଠ ଓକିଲ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । କେବଳ ତୃଣମୂଳ ସ୍ତରର ଖେଳାଳୀ ଯେଉଁମାନେ କି ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ପକ୍ଷରୁ ପଂଜିକୃତ ହୋଇନଥିବେ, କେବଳ ସେହି ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜନ ହେଉଥିବାରୁ, ଆୟୋଜକ ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ଓ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ଏହି ଉଦ୍ୟମ ଆଗାମୀ ଦିନ ରେ ବେଡ଼ମୀଣ୍ଟନ ଖେଳ ଓ ଖେଳାଳି ଙ୍କ ବିକାଶ ଦିଗରେ ଏକ ମାଇଲ ଖୁଣ୍ଟ ଭାବେ ସାବ୍ୟସ୍ତ ହେବବୋଲି ମୁଖ୍ୟ ଅତିଥି ଶ୍ରୀ ମିଶ୍ର କହିଥିଲେ । ପ୍ରତିଯୋଗିତା ରେ ବଲାଙ୍ଗୀର ଜିଲ୍ଲା ର ତୁଷୁରା, ସଇଁତଳା, କଣ୍ଟାବାଞ୍ଜି, ପାଟଣାଗଡ଼ ବଙ୍ଗୋମୁଣ୍ଡା, ମୁରିବାହାଲ ଲୁଇସିଂହା, ପୁଇଁତଳା ଓ ବଲାଙ୍ଗିର ପୌରାଞ୍ଚଳର ୧୫୦ ରୁ ଉର୍ଦ୍ଧ ବାଳକ ଓ ବାଳିକା ଖେଳାଳୀ ଭାଗ ନେଇଛନ୍ତି ।

ଏହି ପ୍ରତିଯୋଗିତାର ଚାମ୍ପିଅନ, ରନର୍ସଅପ, ଏବଂ ସେମିଫାଇନାଲିଷ୍ଟ ଖେଳାଳୀ ମାନେ ଲେଭେଲ ୩ ରାଜ୍ୟ ଚମ୍ପିୟାନସିପ ପାଇଁ ବଲାଙ୍ଗିର ଜିଲ୍ଲା ଦଳରୁ ପ୍ରତିନିଧିତ୍ୱ କରିବେ । ୨୮ ତାରିଖ ଓ ୨୯ ତାରିଖ ଦୁଇଦିନ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଉଛି । ସେହି କ୍ରମରେ ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ତୃଣମୂଳ ସ୍ତରର ଖେଳାଳୀଙ୍କୁ ନେଇ ପ୍ରତିଯୋଗୀତା ମାଧ୍ୟମରେ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବାର ଉଦ୍ୟମ ଜାରୀ ରଖିଛି ବୋଲି ସଂଘ ସମ୍ପାଦକ ସୁରୁଲାଲ ମଟଝରୀ ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଙ୍କ ବ୍ୟତୀତ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା,ଉପ ସଭାପତି ଘନଶ୍ୟାମ ମିଶ୍ର, ସହସମ୍ପାଦକ ମାନସ ମହାନ୍ତି ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର, ସୁଶାନ୍ତ ଚୋପଦାର,ପ୍ରତିଯୋଗିତାର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା, ପେଞ୍ଚକ ସିଲେଟ ପ୍ରଶିକ୍ଷକ ଟୁନା ପାତ୍ର ଓ ବୀରବର ସାହୁ ମଞ୍ଚସୀନ ଥିଲେ ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି